# ମଥଭଙ୍ଗା

ଛାଠୁଆ ଲୋକଙ୍କୁ ପଢିବା ମନା
ଘର ପୋଢ଼ିଗଲ୍ଲ ପଛକୁ ଅନା ।
ଧୋ ରେ ଭାସ୍ମା ଧୋ,
ଯେଉଁ କଅଁରରେ ଗହ୍ଳ ଧାନ
ସେହ୍ନ କଅଁରିରେ ଶୋ ।

[illegible]

# ନଅତୁଣ୍ଡୀ ।

ଶ୍ରୀମତୀ କୁନ୍ତଳାକୁମାରୀ ସାବତ

ପ୍ରଣୀତ

ଓ

ପ୍ରକାଶିତ ।

ପ୍ରଥମ ସଂସ୍କରଣ ।

Printed By B. S. DAs
Mukur Press,
CUTTACK.
1925.

ମୂଲ୍ୟ ଟ ୧୯ ମାତ୍ର ।

# ଭୂମିକା ।

ଓଡ଼ିଶାରେ କଜିଆଖୋରଣୀର ଅଭାବ ନାହିଁ । ବିଲାତ "Katherine the shrew" ମଧ୍ୟ ପାଠୁଆଙ୍କ କଡରେ ପରିଚିତା । ଆମ ନଅଗୁଣ୍ଡୀ ଟୁଛା ଓଡ଼ିଆଣୀ, ମଫସଲିଆଣୀ; ତାର ନଜର କିଛି ଗୁଣ ଥିଲେ ଆଦର ପାଇବ । ନୋହିଲେ ଝାଡ଼ୁ ପାହାର ।

କଥାରେ କହନ୍ତି:—

ନାକ ଥିଲେ ନାଥ,
ଗୁଣ ଥିଲେ ନାଦ ।

କିନ୍ତୁ ନଅଗୁଣ୍ଡୀ ନିତାନ୍ତ ନିର୍ଗୁଣୀ, ସେଥିପାଇଁ ସଭିଏଁ ହସିଲେ, ସେ ଖୁସି ହେବ ।

"ହସ ଅପାଠୁଆ ହସ !
ପାଠୁଆ ! ଦୋଷ ଖୋଜିବୁଲ ବସ !"

୧ । ୪ । ୨୫ ।
କଟକ

ପ୍ରଣେତା

# ନଅତୁଣ୍ଡୀ ।

## " ପହିଲି କଥା ।"

ମାଳଣାଆଡ଼େ ବନ୍ଧଆର ଘର । ଖଣ୍ଡେଇତ ଘର ପୁଅ । ଲୋକଟି ବଡ଼ ଗରବ, ମୂଳଆମୁଣ୍ଡ, ଓଳିଏ ଖାଇଲେ ଆର ଓଳିକ ଦାନା-ନାହିଁ । ତହିକ ପୁଣି ନପଟ ଓଲୁ । ତୁମେ ଯେବେ ଟଙ୍କାକର ପଇସା ଗଣିବାକୁ ଦବ, ଆଉ ଟଙ୍କାକେ କେତେ ଅଣା ପଚାରିବ, ବୁଢା ଘଡ଼ିଏ ଖଣ୍ଡେ ତୁନି ହୋଇ ଭାବଚିନ୍ତା ଜବାବ ଦବ, କେବେ ଷୋଳ ଅଣାତ କେବେ ସତର ଅଣା । ବୁଢ଼ା ଘଟରେ ବୁଦ୍ଧି ବୋଇଲେ ଏତିକ, କିନ୍ତୁ ତା' ଘରଯା ଗେଲ୍ହୀ ଆଉ ଝୁଅ ରତନୀ ନାଁ ଗାଁ ଗଣ୍ଡାକରେ ବିଖ୍ୟାତ । ସେମାନେ ମସ୍ତ କଜିଆ ଖୋରଣୀ, କଣ୍ଢା ବାଡ଼ରେ ଲୁଗା ପକାଇ କଜିଆ କରବେ । କଳି ବୋଇଲେ ଦାନା । ଗାଁ ମାଇପେ ତାଙ୍କ ଜ୍ୱାଳାରେ ଅଥୟ । ପର ଘର ଭାଙ୍ଗିବା ତୁଚ୍ଛାକୁ ତୁଚ୍ଛା ହା' ମନ ତାତି ତା' ମନ ହାତି ଚରସେଇବା, ବୋହୂ ବିରୁଦ୍ଧରେ ଶାଶୁକୁ, ଶାଶୁ ବିରୁଦ୍ଧରେ ବୋହୂକୁ ମତେଇ କଣ ଯେ କଳିକନ୍ଦଳ ଭିଆଣ କରନ୍ତି ତାର ସୀମା ନାହିଁ । ହେଲେ କହିବ କିଏ ? କାହା ଜିଭରେ ହାଡ଼ଟା' ଅଛି ?

ଲୋକେ କହନ୍ତି ଗେଲ୍ହି ଶ୍ରେଷ୍ଠ ପଧାନଘର ଝିଅ । କୁଆଡେ ଆଗ କାଳରେ ତାଙ୍କ ଘର ପୁଅମାନେ ନଟେଇକ ଯାଇ ଖାରପଣିଆ ଦେଖେଇ ଶାଢ଼ି ଶିରପା ପାଇଥିଲେ । ଆଜିଯାକେ କନା ତା’ ବାପ ଘରେ ଖଣ୍ଡେ ଦନ୍ତୁଡ଼ା କଠାଖିଠା ପୂଜା ହୁଏ । ସେ ସବୁ ଓଡ଼ିଆ ଅମଳ କଥା । ମୁକୁନ୍ଦଦେବ ଯେତେବେଳେ ଲକ୍ଷେ ରଜାର ମଉଡ଼ମଣି ଥିଲେ; ସେତେବେଳେ ସ୍ୱାର କୋଉ ତା’ ବାପ, ତା’ ବାପ, . ତା’ ବାପର ଚଉଦପୁରୁଷ ଆଗର କହେଇ ପଧାନ ପଠାଣଙ୍କ ସାଙ୍ଗରେ ଯୁଦ୍ଧକରି ତାଙ୍କୁ ହଟେଇ ଦେଇଥିଲା, ଆଉ ରଜା ପଦ ଦେଇଥିଲେ ଗଡ଼ନାୟକ । ଆଜି ଯାକେ ଗଡ଼ନାୟକ ଘର ଝିଅ ବୋଲି ଗେଲ୍ହିର ଟାଣ କିଏ ଦେଖିବ ।

ପୋଖରୀ ତୁଠରେ ଶୁଣିବ ତା’ ବଖାଣ । ସେଠି ଦାନ୍ତ ଘସୁଥିବ, ପିଉଳ ଖଡ଼ୁମୁଠାଟା ମାଜୁଥିବ, ନଇଲେ ଆଣ୍ଠିଏ ପାଣିରେ ଠିଆ ହୋଇ ଗୋଡ ଘସୁଥିବ, ଆଉ ଗାଉଥିବ ନିଜ ପୂର୍ବପୁରୁଷଙ୍କ କୀର୍ତ୍ତି ! ବେଶି ପୁଣି ଯେଉଁଦିନ ବଦଆ ବୁଢ଼ା ସାଙ୍ଗେ କଜିଆ ଲାଗିଥିବ, ସେ ଦିନ ସ୍ୱାମୀ ବଅଁଶର ନୀଚ ପଣିଆ ସାଙ୍ଗେ ନିଜ ବାପ ଜେଜେଙ୍କ ବାପର ବଡ଼ ପଣିଆକୁ ଉଲୁଖା ଦେଇ ବକୁଥିବ । ଶୁଣିବା ଲୋକେ ବି ମିଳନ୍ତି ଅନେକ ।

କିନ୍ତୁ ସତ କହିବାକୁ ଗଲେ, ବଦଆ ବି ଉଣା ଘର ପିଲା ନ ଥିଲା; ଆଜି ସିନା ଗରିବ ହେଲା । ତା’ ବାପ ମାଁ ଥିଲେ ବଦଆର ଏ ଦଶା ହୋଇ ନ ଥାନ୍ତା । ବିଚରାଟିର ବଡ଼ ଅଭାଗ୍ୟ କପାଳ, ତିନି ମାସର ହୋଇଥିଲା ବାପ ମଲା, ତିନି ବର୍ଷ ନୋହୁଣୁ ମା ମଲା । ବଦଆକୁ ଆଉ ଦେଖିବ କିଏ ? ଖୁଡ଼ୀ ଖୁଡ଼ୁତା ସବୁ ସମ୍ପତ୍ତି ମାଇଲେ । ଗାଁଆର ସାହାଲୁରେ ତାଙ୍କ କୋଠାବାଡ଼ି । ଖୁଡ଼ୀର ଅତ୍ୟାଚାର

ସହି ନ ପାରି ବଢ଼ଆ ଘର ଗ୍ରାଉ କେତେ ବର୍ଷ କୁଆଡେ ପଳେଇ ଯାଇଥିଲା । ଫେର ଅଇଲାବେଳକୁ ଖୁଡ଼ୀର କାଳ ହୋଇ ସାରିଥିଲା । ଖୁଡ଼ୁଡ଼ା ତାଙ୍କୁ ଆରଗାଁ ପଧାନର ଝିଅ ଟେଗଲ୍‌ଖୀ ସାଥିରେ ହାତକୁ ଦହାତ କରି ଦେଲା । ହେଲେ କଣ ହବ, ଟେଗଲ୍‌ଖୀର ତ ଯା' ନଣନ୍ଦ ସାଙ୍ଗେ ଦଣ୍ଡେ ପଡ଼ିଲା ନାହିଁ । ଦିନ ରାତି କଳି କରି ସ୍ୱାମୀକୁ ଶିଖେଇ ଭିନ୍ନ ହେଲା । ସେତେବେଳେ ବଢ଼ଆର ତ ବୟସ ଥିଲା । ଦୋଟି ପୁଅ ହୋଇଥିଲେ ।

ଈର୍ଷ୍ୟା ଶିକ୍ଷାରେ ପଣ୍ଡ ଭିନ୍ନ ହବାର କୋଡ଼ଏ ବର୍ଷ ହବ । ହେଲେ ସ୍ୱାମୀକୁ ହାତ ମୁଠା ଭିତରେ ରଖି ଭିନ୍ନଭିନ୍ନ ହେଇ ଟେଗଲ୍‌ଖୀର କିଛି ଯଶ ହେଲା ନାହିଁ । ହଇଜାରେ ପୁଅ ଦୋଟିଯାକ ମଲେ । ସେତେବେଳକୁ ରତନ ଜନମ ହେଇଥାଏ । ପୁଣି ଥରେ ବୈଶାଖ ଜ୍ୟେଷ୍ଠ ଆଡ଼କ ବଢ଼ଆକୁ ବଡ଼ ଶୂଳ ପୋଖରୀ ଧରିଲା । କିଛୁରେ ଯୋଉଠୁ ଭଲ ନୋହିଲା ଗାଁ ବଇଦ ମାଗୁଣି ମିଶ୍ରେ ବତେଇଲେ, ଅଧଲାକର ଆପୁ ଖା' । ବୁଢ଼ା ଅଧଲାକର ଆପୁ ଖାଇବା ଅଭ୍ୟାସ କଲା । ମହାପୁରୁଙ୍କ କରିଲଣରେ ରୋଗଟା ତ ଭଲ ହେଲା, ଆପୁ ଗ୍ରାଉବା ଦୂରେ ଥାଉ, ବଢ଼ି ବଢ଼ି ଆଜିକାଲି ଦଶ ପଇସାରେ ଠେକଲାଣି । ଅଫିମ ଖାଇଲାଦିନୁ ବଢ଼ଆର ଆଗ ମତି ଗତି ନାହିଁ । ସେମିତ ଚଞ୍ଚଳ, ସେମିତ କାମିକା, ସେମିତ ବୁଝିକଟଣିଆ କୁଆଡେ ଗଲାଣି । ରୋଗ ବଇରାଗ, ନିଶାପାଣିରେ ସବୁ ଗଲାଣି ! ଅଛି ଖାଲି ମୁଣ୍ଡ ଗୁଞ୍ଜିବା ଗୃହ ଖଣ୍ଡିକ । ସେହିଠାକୁ ଏ ବରଷ କୁଆଣି ହେଲାପରି ଦିଶୁ ନାହିଁ । ଟଙ୍କା କାହିଁ ଯେ ହବ ।

ଘର ଚଳାନ୍ତି ଟେଗଲ୍‌ଖୀ ଆଉ ତା' ଝିଅ । ଦୁଃଖ ଧନ୍ଦା କରି, ଧାନ କୁଟି, ଧାନ ଉସେଇଁ ପର ଘର ପାଞ୍ଚପାଇଟି କରି ମା ଝିଅ

ଚଳନ୍ତି । ମା ଝିଅ ଯୋଡକ କିନ୍ତୁ ବଡ଼ କର୍ମଶୀଳ । ଗାଁ ଗୋଠା-କରେ ଲୋକେ ତାଙ୍କୁ ସେଇ ଗୁଣରୁ ଏକା ପାଖରେ ପୂରାନ୍ତି । ଯେତେ ଭିଡ଼ କାମ ହେଉ, ସେଲ୍‌ହା ରତନର ଡ଼ର ନାହିଁ । ସୁଅ ମଲା ଦିନୁଁ ସେଲ୍‌ହାର ଟିକେ ବଳ ଭାଙ୍ଗି ଗଲାଣି । କିନ୍ତୁ ରତନୀ ସବୁଥିକି ଆଗୁସାର ।

ରତନୀ ଦେଖିବାକୁ ସୁନ୍ଦର ସତ, ବର୍ଣ୍ଣିବ ମସିଆ ନୁହେ । ଓଉଳ ଡାଉଳ ଗୋଲଗାଲ ଚେହେରା । ହେଲେ ନାକଟା ଟିକେ ଚେପ୍ଟା । କିନ୍ତୁ ସେ କଥା ତାକୁ କିଏ ଭରସି କରି କହିବ; କେଜାଣି କଥାରେ ତୁମ ଅନ୍ତପିଣ୍ଡ ଦୁହିଁ ଦବ । ତା' ପରି ସାହସୀ ଆଉ ଜବରବୁକୁ ଝିଅ ସେ ଅଞ୍ଚଳରେ ଆଉ ଦୋଟି ନ ଥିଲେ । ଆଖପାଖ ଗାଁ ଗଣ୍ଡାରେ ମଧ୍ୟ ତା' ନାଁ ପଡୁଥିଲା । ପାଣିରେ ପହଁରିବାକୁ, ଗଛ ଚଢ଼ିବାକୁ, ବଲବାଡ଼ି ହଣାମରା କରିବାକୁ, ଧାନ କୁଟିବାକୁ, ଧାନ ଉସେଇଁବାକୁ ରତନୀ ଯେମିତ ପାରେ ଆଉ କିଏ ସେମିତ ପାରିବ ? ପାଣିକଢ଼ାରେ ସେ ସଭିଙ୍କି ଜିତେ । ଦୁଣି ଖୋରଣୀ ପଣରେ ତହିଁକି ବଳି ।

ଘର କଣିଆଖୋରଣୀ କହିଲେ ବି ତାଙ୍କ ଗୁଣକୁ ଯଥେଷ୍ଟ ନୁହେ । ତାଙ୍କୁ ପୁରୁଷ ସ୍ତ୍ରୀ ପିଲା ବୁଢ଼ା ସଭିଏଁ ଭୟ କରନ୍ତି । ଥରେ ବାଦିଆ ଘରେ ଗୋଟାଏ ଚୋର ପଶିଥିଲା । ତା' ଘରେ ବା କଣ ଅଛି, କଁସା ଥାଳି ପଟକ । ଚୋରର ଖଡ଼ଖଡ଼ରେ ରତନର ନିଦ ଭାଙ୍ଗିଲା । ମାକୁ ଠେଲି ଉଠେଇ ଦେଇ ଗୋଟିଏ ଫାରସା ଧରି ଚୋରକୁ ଗୋଡେଇ ଗଲା । ଚୋର ତ କାନ୍ଥ ଡେଇଁ ପାର । ମା ଝିଅ ହାଉଳିରେ ଗାଁ ଲୋକେ ଧାଇଁ ପଡ଼ିଲେ । ବାଦିଆ ତ କୋଣରେ ବସି ଥରୁଥାଏ ସେଦିନଠୁ 'ଚୋ' 'ଚୋ' କହୁ ତା' ପାଟି ପଡ଼ି ଗଲାଣି । ଲୋକେ ଆଜଯାକେ ଏ କଥା ଗପ କରନ୍ତି ।

ରତନକ ଆସି ହେଲାଣି ଷୋହଳ ବର୍ଷ । କିନ୍ତୁ ବାହା ସାହାରଙ୍କ ନାହିଁ । ତାକୁ ବା ବାହା ହେବ କିଏ ? ସେ ତ ପକ୍କା କଳିଆଖୋରଣୀ । ରତନା ନାଁ କିଏ ଶୁଣିନାହିଁ ଯେ ତାକୁ ଭରସି ବୋହୂ କରିବ । ବାଦଆର ବା କଣ ସମ୍ବଳ ଅଛି ? ହେଲେ ଥରେ ରତନା ଭାଗ୍ୟରେ ଗୋଟିଏ ବର ଘଟଣା ହୋଇଥିଲା । ତା' ନାଁ ଭାଲୁଆ, ଭାଲୁଆର ଜାତି ବି ଭଲ ନୁହେଁ, କି ତା' ଗୁଣ ବି ଭଲ ନୁହେଁ । ଗଞ୍ଜେଇ ଖିଆରେ ପାଞ୍ଚ । ଦିନେ ଆଖଡ଼ାରେ କଣ କଥା ପଡ଼ୁ ପଡ଼ୁ ନବ-ଘନଆ ତାକୁ ଥଟ୍ଟା କରି ରତନର ବର ବୋଲି କହିବାରୁ ସେହି ସତକୁ ସତ ରତନାକ ବାହା ହେବାକୁ ମଙ୍ଗିଲା । ଗାଁ ଯାକ ସମସ୍ତେ ଜାଣନ୍ତି ରତନା ମା ଯେମିତି ଖୋରଣୀ, ତା ଝିଅ ସେମିତି ଖୋରଣୀ । ଜାଣି ଜାଣି ପିଲାମାନେ ତାଙ୍କ ସାଙ୍ଗେ ଲଗାନ୍ତି । ଭାଲୁଆ ପରି ଦୁଷ୍ଟ ସେ ଖଣ୍ଡିକରେ ନ ଥାନ୍ତି ।

ଦିନେ ଗେଲ୍ହା ପାଧୋଇ ଆସୁଥିଲା, ମାରକଣ୍ଡିଆ ତା' ପଛରେ ତାଳି ମାରି ମାରି କହିଲା, "ଭାଲୁଆ ଶାଶୁ ! ଭାଲୁଆ ଶାଶୁ !" ଗେଲ୍ହା କାନରେ ପଡ଼ିଗଲା । ସେ ମାରକଣ୍ଡିଆକୁ ଧରି ନିଛୁମ ଛେଚିଲା । ମାରକଣ୍ଡିଆ କାନ୍ଦି ବୋବେଇ ଯାଇ ତା' ବାପ କଛରେ ଗୁହାରି କଲା । ବାପ ମଦନା ଏ କଥା ଶୁଣି ସେହିକ୍ଷଣି ଗେଲ୍ହା ଦୁଆରେ ଯାଇ ହାଜର । ଗେଲ୍ହାର ତାର ଆଛା ଦି'ପଟା କଳିଆ ଲାଗିଗଲା । ଗାଁର ପାଞ୍ଚ ଭଲଲୋକ ମିଶି ନିଷାପ କଲେ । ଗେଲ୍ହା କଳିହ୍ମା ବୋଲା, ବିଧଆ ଦେଲା ୫ ୦ ୨ ପଇସା ଜୋରିମାନା ! ବିଧଆ ତ ଓଲୁ । ଜାତି ଭଲ ଲୋକ ଗଳାରୁ ଗେଲ୍ହାକୁ ଶୋଧିଲା । ସେଠୁ ତାର ଗେଲ୍ହାର ସତ ଅଧରେ ଭାରି କଳିଆ ଲାଗିଲା । ସାଇ କମ୍ପିଲା । ସଗରେ ବିଧଆ ସତ ସତ ଉଠି ଖୋରଧା ପଟେଇଲା ।

ଆଉ ପନ୍ଦର ଦିନଯାକେ ବିଦିଆର ଦେଖାନ ହିଁ । ଗାଁରେ ସ୍ତ୍ରୀ-ମାନେ ଭିତରେ ଭିତରେ ବିଦିଆ ଆଉ ଗେଲ୍ହୀ କଥା ଫୁଟୁରୁ ଫୁଟୁରୁ ହେଲେ । ଗେଲ୍ହୀ କାନରେ ପଇଲା । ପୋଖରୀ ତୁଠରେ ସାତ ପାଞ୍ଚ ମାଇକିନା ଗାଧୋଉ ଥିଲେ । ବେଳ ବୁଝି ଗେଲ୍ହୀ କଥାଟା କାଢ଼ିଲା । ନଇଖଣା ଖରସା ସେଥିରେ ପଦେ ଦିପଦ କହିଲା । ନବଘନିଆ ମାଁ ସେଥିରେ ମିଶିଗଲା । ଭାଲୁଆ ମାଁ ଥିଲା ଖିଲା କହିଲା । "ହଁ, ଚେପଟୀ ନାକୀ, କଠଉଗୋଡ଼ୀ କି ବୋହୂ ନ କଲେ ମୋ' ଦିନ ସରୁ ନାହିଁ । ଝିଅର ରୂପ ବର୍ଣ୍ଣନା ଶୁଣି ଗେଲ୍ହୀ ବାରୁଦ ପରି ଜଳି ଉଠିଲା । ସେ ଏକାବେଳେ ଯାଇ ତା' ଉପରେ ପଡ଼ିଲା । ପିଉଳ ଖଡ଼ୁରେ ଖୁବ୍ ମାଇଲା, ସେଦିନ ଭାଲୁଆ ମାଁ ତା' ହାତରୁ ମାଡ଼ ଖାଇ କେତେଦିନ ତା' ପିଠି ପରାସ ହୋଇ ରହିଲା । ତାରଦିନ ବିଛଣାରୁ ଉଠି ପାରିଲା ନାହିଁ । ଗାଁ ଲୋକେ ପୁଣି ନିଷ୍ପତ୍ତି କଲେ ।

ତାଙ୍କ ଗାଁର ପଧାନ ବେହେରା ନାଁ ବାଇଧର ଜେନା; ସେ ପୁଣି ଗେଲ୍ହୀର ଦେଢ଼-ଶୁର । ସେ ତାଙ୍କର ଜମିବାଡ଼ି ସବୁ ମାଡ଼ି ଥାଏ । ଗେଲ୍ହୀ ଦାଉଁ କେମିତ ନବ ଉଣ୍ଡୁଥାଏ । ରାଗରେ ତା'ହାଡ଼ କଡ଼ କଡ଼ ଡ଼ାକୁଥାଏ । ଥରେ ତାଙ୍କର ଜାତସଭା ବସିଥିଲା । ପାଞ୍ଚ ପଞ୍ଚୁ ବଇ-ଥିଲେ ନ୍ୟାୟ ନିଆପ ହଉଥିଲା । ଗେଲ୍ହୀ ଯାଇ ହାଜର । ସେ ଦିନ ସେ ସମସ୍ତଙ୍କୁ ତା' ପ୍ରାଣପଟଣ ଶୋଧିଲା । ତାଙ୍କ ଘରେ ଯାହା ଯାହା ହୋଇଥିଲା ସବୁକଥା କାଢ଼ିଲା । ପରର ଛିଦ୍ର ଖୋଜି ବୁଲିବା ଥିଲା ତା' କାମ । ଗାଁ ପଞ୍ଚାଏତର ବାଉରୀ ବନ୍ଧୁ ସାହାଣୀର ଝିଅ କଲ-କତା ଚାଲି ଯାଇଥିଲା, ନଡ଼େଇ ପଧାନ ବୋହୂ ଅଫିମ ଖାଇ ମରିଥିଲା, କିଏ କାହାର କିଁସା ଚୋରି କରିଥିଲା ଏସବୁ ବଖାଣ କଲା । ସେଠୁ ଭାରି କଜିଆ ଗୋଳ ଲାଗିଗଲା । ଚେମୀ ମାଁ ସଇତା

ଘରୁ କେତେ ଗୌଣୀ ଧାନ ଚୋରି କରିଥିଲା । ଗେଲ୍ହା ତାକୁ ଧରି ପକାଇଦେଲା । ସବୁକଥା ନଷାପ ହଉଁ ହଉଁ ମାସେଖଣ୍ଡେ ଲାଗିଲା । ହେଲେ କଜିଆ ଥମିଲା ନାହିଁ ।

ସକାଳେ ଉଠି ଶୁଣ ସେ ଗାଁରେ କଜିଆ ଲାଗିଛି, ସଞ୍ଜେ ଶୁଣ ସେ ଗାଁରେ କଜିଆ ଲାଗିଛି । ଗେଲ୍ହା ନିଜେ କେବଳ କଜିଆ କରେ ତା’ ନୁହେଁ, ଲଗେଇ ଜୁଟେଇ ଢେର କଜିଆ ଭିଆଣ କରେ । ଗେଲ୍ହା ସାଙ୍ଗକୁ ଆହୁରି କେତୋଟି ବୁଢ଼ି ସେ ଗାଁରେ ଥାନ୍ତି । ଗେଲ୍ହା ଥାଏ ତାଙ୍କ ସରଦାର । ଗୋବରି ପିଣ୍ଡାରେ ନିତ ସନ୍ଧ୍ୟାକୁ ବୁଢ଼ୀଙ୍କର ସଭା ହୁଏ, ଗେଲ୍ହା ହୋଇଥାଏ ସଭାପତି । ସେ ବର୍ଷ ମୋଟେ ଖେତ ହେଲା ନାହିଁ । ସୁନ୍ଦରି ନାହାକ ବାଇଧର ଜେନାର ଜମି ଧରିଥାଏ । ଗେଲ୍ହା ଓରବୁଝି ବାଇଧର ଜେନାଘର ଗୃହିଣୀ ସୋଦ ଆଗରେ ଗାଧୁଆ ତୁଠରେ ଦିନେ କହିଲା, "ସୁନ୍ଦରି ନାହାକ ବାଇଧରର ଦୁ’ ଭରଣ ଧାନ ଖାଇ ଯାଇଚି ।" କଥାଟା ବାଇଧର କାନରେ ଉଠିଲା । ସେ ଭାରି ସନ୍ଦେହୀ ଲୋକ । ଗଲା ସୁନ୍ଦରି ନାଁରେ ମକଦ୍ଦମା କରି । ମକଦ୍ଦମା ଲାଗିଲା ଛମାସ ! ଖୁବ୍ ଥୋଡ଼ାଏ ଟଙ୍କା ଖରଚ ହେଲା । ଖୋରଧା କଚେରିକି, ଆଉ ପୁରୀକି ଦଉଡ଼ି ଦଉଡ଼ି ତାଙ୍କର ଗୋଡ଼ରୁ ପାଣିମଲା । ଗେଲ୍ହାର ହିଂସା ଲାଗିଥାଏ । କଣ୍ଡୁରିଆ ଘରେ ଗୋଟାଏ ଚୋରି ମଲା, ସେ ବିଚାରି ଜାଣି ନାହିଁ । ଗେଲ୍ହା ଯାଇ ସନେଇ ମହାପାତ୍ରକୁ ଖବର ଦେଇ ଆଇଲା । ମହାପାତ୍ରେ ସେହିକ୍ଷଣି ଧାଇଁ ଆସିଲେ ପ୍ରାୟଶ୍ଚିତ ହେଲା, ହିମ୍ବା କର୍ମ ହେଲା, କଣ୍ଡୁରିଆ ଥୋଡ଼ାଏ ଟଙ୍କା, ବୁଣିଲା, ଝାମ୍ପା ପାଇଲା ।

ଦରଜା ସାହିରେ ଯୋଗ ମହାରଣା ଘରେ କୁଷୁନିଆ ନିଆଁ ନଗେଇ ଦେଇଥିଲା । ଏକଥା ଗେଲ୍ହା କେଉଁଠୁ ଖବର ପାଇ

ଯାଇ ଧୋବ ଆଗେ କହିଲା । ସେଠୁ ସେ ସାହିରେ ଭାରି ଗଣ୍ଡ-ଗୋଳ ଲାଗିଲା ।

ଏମିତି ବସବର ହେବାରୁ ଲୋକେ ଗେଲ୍‌ହି ସାଙ୍ଗେ କାରବାର ବନ୍ଦକଲେ । ତା' ଦୁଆର ପଇଲା । କେହି ଆଉ ତାଙ୍କ ଘର ପାଖ ଦେଇ ଯିବା ଆସିବା କଲେ ନାହିଁ । ଗାଁ ଟୋକାଏ ଗେଲ୍‌ହିର ନାଁ ଦେଲେ 'ଏଗାର ଭୁଣ୍ଡୀ' ଗେଲ୍‌ହି ସାଙ୍ଗକୁ ରଡମା ହେଇ ଆସିଲା ସେଠ ତା' ନାଁ ହେଲା 'ନଅଭୁଣ୍ଡୀ ।'—

ସମସ୍ତେ ଗେଲ୍‌ହି ଦୁଆର ମଡ଼ା ଗୁଡ଼ିଲେ ସତ, ଏକା ଲୋକ ମହାରଣା ଘର ଗେଲ୍‌ହି ସାଙ୍ଗେ ବରାବର ଚଳି ଆସିଲେ । ଖୋରଣୀ ହେଲେ କଣ ଆଉ ସାଙ୍ଗ ସରଷା ମିଳିବେ ନାହିଁ । ଲୋକ ବାପ ନାଁ ସତୁରା । ତାର ଆଉ ବଦ୍ଧଆର ବଡ଼ ସାଙ୍ଗ । ପିଲାଟି ଦିନୁ ଏକାଠି ଖେଳା ବୁଲା, ଗୁହାଳୀ ଯିବା ସବୁ ହେଉ-ଥିଲା । ଦୁ'ଜଣଙ୍କର ଯେମିତ ଏକା ପ୍ରାଣ ।

ଯେତେବେଳେ ଖାଇ ଭଗାରିଙ୍କ ହିଁସାରେ ବଦ୍ଧଆ ଭିନ୍ନ ହେଲା, ସେତେବେଳେ ସତୁରା ତାକୁ ଆପଣା ଘର ପାଖ ଉହଟା ଘର କର ରହିବା ସକାଶେ ଦେଲା । ସତୁରା କୋଉକାଳୁ ମଲାଣି, ଅଛି ଖାଲି ଲୋକା । ଲୋକା ପୁଣି ଭଗବାନପୁର ସାଉଡ଼ୁରାଁ ଘରେ କାମ କରେ । ଭଗବାନପୁର ସାଉଡ଼ୁରା ବଂଶକୁ କିଏ ନ ଚିହ୍ନେ ? ତାଙ୍କର ସାତପୁରୁଷିଆ ଜମିଦାର ଘର, ନାଁ ଡାକ ଜାତରେ ଚଷା ହେଲେ ମଧ୍ୟ ଧନ, ମାନ ସକାଶେ ଆପଣାକୁ ମାହାନ୍ତି ବୋଲାନ୍ତି । ତାଙ୍କର ଧାନଜମି କଜାଣି ଶଏ ବାଟି ଉପରେ । ବୁଢ଼ା ଜମିଦାର ଯଦୁମଣି ସାଉଡ଼ୁରାଙ୍କର ଦୁ'ସଂସାର

ପୁଅ ଛଅଟାକୁ ଝିଅ ପାଞ୍ଚଟା । ଗଣ୍ଡାଏ ଝିଅ ମରିଛନ୍ତି । ସାନଟା ବାଲୁବିଶି ଆଡ଼େ ବାହା ହୋଇଛି । ବୁଢ଼ାଙ୍କର ୧୦ ବର୍ଷ ହେଲା କାଳ ହେଲାଣି । ସାନ ଭାରିଯା ବି ସମ୍ବାଦ ପୁଅ ହବାର ଜନ୍ମବାସିଦିନ ମରିଛନ୍ତି ।

ବଡପୁଅ ଶିବଚନ୍ଦ୍ର ଜମିଦାରୀ ବୁଝନ୍ତି । ତାଙ୍କ ଭାରିଯା-ଙ୍କର ପିଲାପିଲି ମୂଳରୁ ନାହିଁ । କୋଠାବାଡ଼ି କଥା ବୁଝନ୍ତି ଗୋବିନ୍ଦ । ପୁରୀରେ, କଟକରେ ସ୍ୱାଙ୍କର ଅନେକ କୋଠା-ଥାଏ; ଭଡ଼ାଲାଗି ଥାଏ । ମଧୁବନ, ମାଳଣାଆଡେ ଅନେକ ଜମି ଆଉ ଆମ୍ବ ତୋଟାଥାଏ । ଘର ତ ଯାଜପୁର ଆଡେ ଓକିଲ । ନଗର ଘରେ ଥାନ୍ତି; ସେ ଭାରି ଦେଶଭକ୍ତ । ତାଙ୍କଠି ଦେଖିବ ନାହିଁ ଖଣ୍ଡେ ବିଦେଶୀ ଜିନିଷ । ହାତକଟା ସୂତାର ମୋଟା ଲୁଗା ଯେତେ ଗରମ ଦିନ ହଉପଛେ ପିନ୍ଧି ବୁଲୁଥିବେ । ମାଁ ମାଉଶୀ ଗାଳି କଲେ ବି ଶୁଣନ୍ତି ନାହିଁ । ହସି ହସି କହନ୍ତି, "ଆପଣା ଦେଶର ଭାତ କପଡ଼ା, ଗୁଡ଼ିଲେ ହବଟି ସାଇଜ ଛଡ଼ା ।" କଣ ଆମେ ଓଡ଼ିଆ ଦେଡ ଗୋଡ଼ିଆ, ଆମର ହାତେ ଓସାର ଯୁଖଣ୍ଡେ ଲମ୍ବ ଲୁଗା ହେଲେ ବି ଚଳେ । ଲୋକଟି ଭାରି ନକଲିଆ । କଥାରେ ମଣିଷକୁ ହସେଇ ହସେଇ ପେଟପଗାଣ କରିବେ । କିନ୍ତୁ କାମିକା ମଣିଷ । ପ୍ରଜାଙ୍କର ଭାରି ଭଲ ଚାହାନ୍ତି । ତାଙ୍କ ଚେଷ୍ଟାରେ ଗାଁରେ ଅନେକ ଭଲକାମ ହେଲାଣି । ଗାଁରେ ପୋଖରୀମାନଙ୍କରେ ଦଳମାଡ଼ି ଭୂଆକୁ ଭୂଆ ତାଙ୍କ ଗାଁରେ ବଡ ମେଲେରିଆ ଜର ଧରିଲା । ଲୋକେ ଗ୍ରାମଅଃ ହେଇଁ ଘର ଦ୍ୱାର ଛାଡ଼ି କଲିକତା, ରେଙ୍ଗୁନ ଆଡ଼େ ପଳେଇଲେ । ଅନେକ ବି ମଲେ । ପୁଣି ବଡ଼ ଦୁର୍ଭିକ୍ଷ ହେଲା ।

ନବୀନବାବୁ ବଡଭାଇଙ୍କ ଲୁହାଯୋଗୁ କେତେ ପ୍ରଜାଙ୍କ ଖଜଣା ମାଫି କରେଇଲେ, ଆଉ ପୋଖରୀରୁ ଦଳକାଢିବାରେ ଅନେକ ଟଙ୍କା ଖର୍ଚ୍ଚ କଲେ । ଦଳ କିନ୍ତୁ କମାରୁ ମରୁ ନ ଥାଏ । ଶେଷକୁ ବାଧ ହୋଇ ଗୋଟିଏ ଯୋଡ଼ଏ ପୋଖରୀ ବୁଡ଼ାକ ପୋତ- ଦେଇ ଡିନଟା କୂଅ ଖୋଳେଇ ଦେଲେ । ଜମିଦାରୀର କଣ ଊଣା ତହବିଲ ଖରଚ ହେଲା ? ବଡଭାଇ ଗାଳି କଲେ ! ଏମିତି ପ୍ରତିବର୍ଷ କଲେ ଭିକ ମାଗିବୁ କହିଲେ । ନବୀନ ସବୁ ଶୁଣନ୍ତି, ଭାଇବନ୍ତ ଯୋଉ କଥାକୁ ସେଇ କଥା । ପ୍ରଜାଏ କିନ୍ତୁ ତାଙ୍କୁ ଧନ୍ୟ ଧନ୍ୟ କହନ୍ତି ।

କୃଷ୍ଣଚନ୍ଦ୍ର ନବୀନ ଭାଇଙ୍କୁ ଭାରମାନ ଚଳନ୍ତି । ଦେଶ ଚିନ୍ତା ତାଙ୍କୁ ଷୋଳପଣି ଘେରିଥାଏ । ଦେଶର ଆଦର୍ଶ କେମିତି ହେବ, ସାଧାରଣ ଲୋକେ କେମିତି ଶିକ୍ଷା ଦୀକ୍ଷା ପାଇବେ, ଆମ ଦେଶ ଝିଅମାନେ କେମିତି ପଦାକୁ ବାହାରିବେ, ପୁରୁଷଙ୍କ ସାଙ୍ଗେ ପାଞ୍ଚଟା ଭଲକାମରେ ମିଶିବେ; ଆଜକାଲି ଯେମିତି ଦୁର୍ଭାଗ୍ୟ, ଜ୍ୱର ଗୁରିଆଡେ ମାଡିଗଲାଣି ସେସବୁ କେମିତି ଯିବ ଏସବୁ କଥାର ତଦନ୍ତରେ ହିଁ, କୃଷ୍ଣ ଆଉ ନବୀନ ଏ ତିନଭାଇ ଯାକ ବରାବର ଲାଗିଥାନ୍ତି ।

କୃଷ୍ଣର ଲୋକନାଥ ବଡ ସାଙ୍ଗ । ଲୋକନାଥ ଜାତରେ ଦରଜି । ହେଲେ କଣ ହେବ କୃଷ୍ଣ ହିଁ ସାଙ୍ଗରେ ତାର ଅଭେଦ ପ୍ରୀତି । ସେ ଆଗରେ କଟକରେ କୋଉ ଅଫିସ୍‌ରେ କିରାଣୀକାମ କରୁଥିଲା । କୋଉଠି କୋଉଠ ଟିଉସନ୍ ବି କରୁ- ଥିଲା ।

ବୟସ ଅଳ୍ପ, ଝୁଣି ସାଙ୍ଗ ସୁଙ୍ଗା, ହସ ଖେଳ କଉତୁକରେ ଦିନଯାଏ । ଜାଣ ତ ଆଜକାଲିକାର ଟୋକାଙ୍କର ଢଙ୍ଗ । ତାଙ୍କ ଆଖି ଆଗରେ କୋଉ କଥାଟା କଠିଣ । ମନକାମନ ତାଙ୍କର ଶୂନ୍ୟରେ କୋଠା ହୋଇଁଯାଏ । ମନକାମନ ଦେଶ ଉଦ୍ଧାର କରି ପକାନ୍ତି । କଥାଟା ହଉଚ୍ଛି ତାଙ୍କ ଭିତରେ ଖାଲି ଆଗ୍ରହ ଯୁବା ଲୋକ କି ନା, ପ୍ରାଣଟା ଫୁର୍ତ୍ତିରେ ପୂରିଛି । କୃଷ୍ଣ ହରି ଆଉ ପୋଲକନାଥର ଠିକ ଏଇପରି ସ୍ୱଭାବ । ସେଥିରେ ପୁଣି ଗୁରୁଚରଣ ମିଶିଥାଏ । ଦେଶ ଉଦ୍ଧାର ହଉ ନ ହଉ ଆଗ ଥୋଡ଼ାଏ ହୋ' ହା' ହୋଇ ଗଲେ । ଦିନାକେତେ ଇଂରେଜୀ ପାଠ ପଢ଼ିବେ ନାହିଁ ବୋଲି ଇସ୍କୁଲ ଛାଡ଼ିଲେ; ଗାଁ ଗାଁ ବୁଲି ଅରଟରେ ସୂତା କଟା, ଲୁଗା ବୁଣା, ଗ୍ରେଟ ଜାତ ପିଲାଙ୍କ ସକାଶେ ପାଠଶାଳା କରି, ଗାଁ ଗାଁ ପଞ୍ଚାଏତ ବସା ଏସବୁ-କାମରେ ଲାଗିଗଲେ । ଛ ମାସ ଆଠ ମାସ ପରେ ପୁଣି ଯୋଉ କଥାକୁ ସେଇ କଥା । ବାପ ଭାଇ ଗାଳି ଖାଇରୁ ପୁଣି କଲେଜରେ ପଶିଲେ । ତାଙ୍କ ଉଦ୍ଦେଶ୍ୟ ଥିଲା ଭଲ, ହେଲେ କେମିତି କଣ କରିବେ ସେତେ ଠିକଣା କରି ପାରୁ ନ ଥିଲେ । ବାପ ଭାଇଙ୍କ ଗାଳିରେ ବ ଚପି ଯାଉଥିଲେ ।

କଞ୍ଚା ଉମର, ସଂସାର କଥା ଜାଣନ୍ତି କଣ । କେତେ କଷ୍ଟରେ ଯେ ପଇସାଟିଏ ରୋଜଗାର ହୁଏ, ତା' ତାଙ୍କୁ କି ଜଣା । ଯାହା ଭଲ ବୁଝିଲେ ସେଇଥିରେ ମାତି ଗଲେ ।

ସେତେବେଳେ ଗୋଟିଏ ଘଟଣା ଘଟିଲା । ହଠାତ୍ ଶିବଚନ୍ଦ ମରିଗଲେ । ବଡ଼ଭାଇ ମଲାରୁ ଘରଟି ଭାଙ୍ଗିଲା । ମାଁ ବିଧବା ଲୋକ, ତାଙ୍କୁ ଯେ ଯାହା ବତେଇଲା ସେ ସେଇଥିରେ ଗଲିଲେ । ଘର-

ବାବୁ ଥାନ୍ତି ଯାଜପୁରରେ, ସେ ଓକିଲ । ପଇସାପଇକୁ ଖାଇ ଚହ୍ଲନ୍ତି । ସାନ ଭଜନଭାଇଙ୍କ କାଣ୍ଡ କାରଖାନା କି ତାଙ୍କ ଦନ୍ଦ ସହେ ! ବାପର ଇଜମାଲି ସମ୍ପତ୍ତି ବେଶ ଥିଲା । ଶିବବାବୁର ପୁଅ ପଢ଼ କିଛି ନ ଥିଲେ । ମାଁ ଥିଲେ ଗୋବିନ୍ଦ ଆଡ଼କ । ବଡ଼ ମଝିଆ ଗୋବିନ୍ଦ ଯେମିତି ହିସାବୀ, ତାଙ୍କ ଭାରିଯାଙ୍କି ସେମିତ ଘରଣୀ । ଶେଷକୁ ଭାଇ ଭାଇର ଲଜଆ ଗୋଳ ହୋଇଁ ଭିନ୍ନ ଭିନ୍ନ ହେଲେ । ଯେଝା ସମ୍ପତ୍ତି ବାଣ୍ଟ ବଟରା ହେଲା ପରେ, ଜଗନ ଚାଲିଗଲେ କାଶି । ତାଙ୍କର ଦେଶ ସେବାରେ ମନ ଥାଏ ଷୋଳପଣ, ଆଉ କାମଟି କରୁଥିଲେ ପକ୍କା ।

ସେତେବେଳେ କାଶିଆଡ଼େ ହିନ୍ଦୁ ଧର୍ମର ଜାଗୃତି ମହାସଙ୍ଘ ହେଉଥାଏ । ଜଗନବାବୁ ଯାଇଥିଲେ ପ୍ରତିନିଧି ହୋଇଁ । କିନ୍ତୁ ତାଙ୍କର କଣ ମନ ହେଲା, ସ୍ୱାମୀ ଭୋଳାନନ୍ଦ ଗିରିଙ୍କ ଉପଦେଶରେ ସେ ଗେରୁଆ ଲୁଗା ପିନ୍ଧି, ସଂସାରର ସବୁ ଛାଡ଼ି ଛୁଡ଼ି ଦେଇ ସେଠି ରହିଗଲେ ।

ସାନ ଦି ଭାଇଙ୍କି ଭାଗ ମିଳିଲା । ହରି ଆଇ. ଏ. ପରୀକ୍ଷା ଦେଇ ବି. ଏ. ରେ ପଶିଥିଲେ । ସେ ଆଉ ପଢ଼ିଲେ ନାହିଁ । କୃଷ୍ଣଚନ୍ଦ୍ର-ଙ୍କର ଏମ୍. ଏ. ପଢ଼ିବାକୁ କଲିକତା ଯିବାର ଥିଲା । ସେ ବି ଆଉ ପଢ଼ିଲେ ନାହିଁ । ଲୋକନାଥ ବି ଚାକରି ଛାଡ଼ିଲେ ।

ସରଦେଇପୁର ଆଡ଼େ ତାଙ୍କର ଗୋଟିଏ ବଡ଼ କୋଠା ଥାଏ । ଦି'ଭାଇ ଆଉ ଲୋକନାଥ ମିଶି ସେଇଠି ରହିଲେ । ସେମାନେ ଗାଁ ଜମିଦାର ସହଜେ ପ୍ରଜାମାନେ ତାଙ୍କର କଥାରେ ଚାଲିଲେ । ପ୍ରଜାଙ୍କ ଖଜଣା କମିଲା । ଫସଲ କେମିତି ଭଲ ହେଲେ 'ପ୍ରଜାଏ

ମୁଠାଏ ସୁଖରେ ଖାଇ ପିନ୍ଧି ରହିବେ ଏ ଆଡ଼କୁ କୃଷ୍ଣବାବୁର ଖର ଦୃଷ୍ଟି ଥାଏ । ସବୁ କଥାରେ ସେ କହନ୍ତି "ଆଗେ ପେଟ, ପରେ ସବୁ କଥା । ଉଦର ନ ପୂରିଲେ ମଣିଷ, ମଣିଷ ହବ କୋଉଠୁ । ପେଟ ପୂରି ଦେଲେ ତ ପାଞ୍ଚକାମ ଆଦାୟ ହବ ।"

ସରଦେଇପୁର ମସ୍ତ ବଡ଼ ଗାଁ । ଛତିଶପାଟକ ଜାତିର ବାସ । ତନ୍ତି, କମାର, ଧୋବା, ତେଲି, ଗୁଡ଼ିଆ, ପଠାଣ, କିରିସ୍ତାନ, ଆଦି କରି ସବୁ ଜାତି ଆପଣା ପାଖ ପଡ଼ଶା ଘର ଏ ତା' ଘଇ, ସେ ତା' ଦାଣ୍ଡ, ସେ ତା' ମଉଶା ହେଇଁ ଚଳନ୍ତି । ଆୟ ଅଳପ ହେଲେ ବି ଯେଝା ସୁଖରେ ଚଳନ୍ତି । ପାଠପଢ଼ା ଲୋକ ସେଗାଁରେ ବେଶି ପାଇବ ନାହିଁ । ଟୋକାଙ୍କର ମିଡ଼ିଲ ଇସ୍କୁଲ ଆଉ ଝିଅଙ୍କର ଗୋଟିଏ ଲୋଅର ଇସ୍କୁଲ ଥିଲା । ସେଠା ପିଲାଙ୍କ ପାଠପଢ଼ିବା ଥାନ । ହେଲେ କେତେଟା ଅବଧାନୀ ଚାହାଳି ଥିଲା । ସେଠି ବି ପିଲାଏ ପଢ଼ୁଥିଲେ ।

ସବୁ କଥା ଭଲ ଥିଲା । ଏକା ଗାଁରେ ଗୋଟିଏ ତାଡ଼ି ଘଟି ଥିଲା । ସେଠି ଗୁପ୍ତେ ୨ ଲୋକେ ମଦତ ଗୁଲି ବି ଖାଉଥିଲେ । ଆଖଡ଼ା ଘରର ପିଲାମାନେ ଆଗ କାଳରେ କୁସ୍ତି ଲଢୁଥିଲେ । ଏବ କାଳକୁ କୁସ୍ତି ଫୁସ୍ତି ନାମମାତ୍ର, ଥିଲା ଟୋକାଙ୍କର ବାର ବଜା-ରିଆପଣ, ଗୀତ, ନାଚ ତାମସା, ଆଉ ଗଞ୍ଜେଇଟଣା ।

କୃଷ୍ଣବାବୁ ଆସି ଆଗ କଳା ଏ ତାଡ଼ି ଘଟିଟି ଉଠେଇଲେ । ଲୋକେ ଖୁବ ଆପତ୍ତି କଲେ । ଅନେକ ଦରଖାସ ପଇଲା । ତାଙ୍କ ଉପରେ କେହି କେହି ବିରକ୍ତ ବି ହେଲେ । କିନ୍ତୁ ତାଙ୍କ କଥା ଶୁଣୁଚି କିଏ ।

ଗାଁ ଦଳବେହେରା ବୈରାଗୀଚରଣ କାନୁନ୍‌ଗୋ ଧରନେ, ଜମିଦାର ବାବୁଙ୍କ ସାଙ୍ଗେ ଦେଖାକରି ଏ ବିଷୟରେ ଅନେକ କଥାବାର୍ତ୍ତା ହେଲେ। କୃଷ୍ଣ ବାବୁ କହିଲେ "ଦେଖ ମଉସା, ତେମେ ସିନା କହୁଛ; ଟୋକାଏ ତାଡ଼ି ମଦ ଖାଇ ଖରାପ ହେବେ, ଆଗ୍ର ଭବିଷତ୍‌କୁ ଆମ ସମାଜଟା କଣ ହବଟି ! ଏଇ ତାଡଅଲ୍ ଏଇ ମଦୁଆ ମଦଡଆ କଣ ଆମ ସମାଜର ହେବେ ପାଞ୍ଚ ପାଞ୍ଚୁ ଦେଶଟା ଉଚ୍ଛନ ଯିବଟି। ଆସ୍ତ୍ର କଥା କହୁଛ, ସତ, ଲୋକଙ୍କୁ ତାଡ ମଦ ଖୁଆଇ, ଦଙ୍ଗାହାଙ୍ଗମା କରେଇ ମାଲିମକଦ୍ଦମାରେ ଯୋଉ ଆସୁଛି, ସେଥିରେ ବରକତ ଅଛୁ ! ଆପଣେ ବିଗ୍ଚର କରନ୍ତୁ। ମୁଁ ତ ପିଲା ଲୋକ। ଦଳ ବେହେରା ବା କଣ କହିବେ। ଆଗରେ ତ ପାଟି ଫିଟେଇ ପାରିଲେ ନାହିଁ। ପଛରେ ବଡର ବଡ଼ର ହେଁଇ ହେଁଇ ଘରକୁ ଗଲେ। କଥା ଭିତରେ ତାଙ୍କ ଲାଭଟି ମୂଳରୁ ମଲା। ମାଲିମକଦ୍ଦମା ନାଗନ୍ତା, ପାଞ୍ଚ ପଚଶ ପାଆନ୍ତେ, ଏବେ ତ ଲୋକେ ହେବେ ସୁଧୀର, ହାତ ଗୁଞ୍ଜା ଅଣ୍ଟା ଗୁଞ୍ଜାଟା ମିଳିବ କୋଉଠୁ ?

କନ୍ତୁ ଟୋକାମାନଙ୍କର ମଜଲ ସକାଶେ ଗାଁରେ ଗୋଟିଏ ଥିଏଟର ଦଳ ବସିଲା। ଜମିଦାରବାବୁ ସେଥିରେ ଭାରି ଉତ୍ସାହୀ। ଗାଆନ୍ ବାଜଣା, ମାଛଧରା, ଦେଶ ଦେଖି ଯିବା ଏମିତ କେତେ ଭଲ ଭଲ ମଉଜିଆ କଥାମାନ ଠିକଣା ହୋଇଥାଏ। ଶନିବାର ଉପର ଓଳିଠୁ ରବିବାର ଦନ ଗୋଟାକ ଯାକ ଲୋକେ ଖୁବ୍ ଫୁର୍ତ୍ତିରେ କଟାନ୍ତି। ଆନନ୍ଦକୁ ଆନନ୍ଦ ବି ହୁଏ, ଶିକ୍ଷାକୁ ଶିକ୍ଷା ବି ହୁଏ।

## "ଦୁସୁର କଥା ।"

ଲୋକନାଥ କଥା ପକାଇ ଆମେ ଏତେ ଦିନ ଆଉ ନଅତୁଣ୍ଡୀର ଖବର ରଖିନୁଁ, ଏଇଟା ବଡ଼ ଅନ୍ୟାୟ । ହଉ ଆଜି ଚାଲ, ମାଁ ଝିଅ କଣ କରୁଛନ୍ତି ଦେଖିବା । ଆଗରୁ କହିଛୁ ଲୋକନାଥ ଘର ମଙ୍ଗଳପୁରରେ । ତା'ମାଁ ଦୁଲି ସାଙ୍ଗେ ଗେଲ୍ହାର ଭାରି ଭାବ । ଖୋରଣୀ ହେଲେ କଣ ହବ, ଗେଲ୍ହାଙ୍କ ଦୁଲୀ, ନାଁକୁ ନାଁ ପଡ଼ୁଛି, ପୁଣି କାହାକୁ କାହା ନାଗିଚ । ଦୁଲୀ ବିଧବା । ପିଲା ଝିଲା ଭିତରେ ପୁଅଟିଏ ଝିଅଟିଏ । ପୁଅଟା ଲୋକା, ଝିଅ ନାଁ ଯତନା । ରତନଠୁ ବର୍ଷେ ସାନ । ରତନା ନାଁକୁ ନାଁ ପକେଇ ଗେଲ୍ହା ଦେଇଥିଲା ଯତନା । ରତନା ଯତନାର ଭାରିସାଙ୍ଗ ଦେଖେ ନ ଦେଖିଲେ ଅଥୟ । ଖୋରଣୀ ହେଲେ କଣ ଆଉ ସାଙ୍ଗ ସରସା ମିଳିବେ ନାହିଁ ? ଯତନା କିନ୍ତୁ ସ୍ୱଭାବରେ ମୁଖାଟିଏ । ମଲାମାଛିକି "ମ" କହିବ ନାହିଁ । ଯତନା ମାଁ ଦୁଲୀବି ବଡ଼ ଧୀର ।

ଥରେ ତା' ଯା' ସାଙ୍ଗରେ ଭାରି ଝଗଡ଼ା ଲାଗିଲା । ଦୁଲୀ କଣ କହିବ । ଗେଲ୍ହା ତା' ପଟ ହେଇ ଖରଧାବୋଉକୁ ଏମିତି ଶୋଧନା ଦେଲା ଯେ ସେ ଆଉ ଦିନେ ଭରସି କରି ତା' ଯା' ପିଣ୍ଡାରେ ଗୋଡ଼ ଦେଇ ନାହିଁ । ଗେଲ୍ହା ଚଢ଼ଥାଏ । ଗୋଡ଼ ଖ୍ଲେଟା କରିବ ବୋଲି ।

ଲୋକନାଥକୁ ରତନା ଭାଇ ବୋଲି ମାନେ ଥାଏ । ଖୋରଣୀ ହେଲେ କଣ ହବ ଲୋକା ଭାଇକି ତାର ଭାରି ଖରଧା । ଗେଲ୍ହାଙ୍କ ଲୋକାକୁ ପୁଅଠୁ ବଳି ମାୟା ମମତା କରେ । ତାର ସବୁ ଅଝଟ ସେ ସହୁଛି । ଆପଣା ପୁଅ ଦୋଟି ମଲାପରେ ଏଇ ଲୋକାଟି ଜାଣି

ତା' ଦୁଃଖ ହଉଛି । ଆପଣା ପେଟରୁ କାଟି ଯାହା କରୁଛି ଭଲ ଚିଜ ଗେଲ୍‌ହା ଲେକା ପାଇଁ ଛଡ଼ି ଥିବ; ରତନୀକି ସୁଦ୍ଧା ଦେଖେଇବ ନାହିଁ । ରତନୀ ଥରେ ଥରେ ରାଗହେଇ ମାଁକୁ ଗାଳି କରେ । ମାନ ମାର କାନ୍ଦେ । ହେଲେ ଲେକାକୁ ସେବ ବଡ଼ ଭାଇ କର ମଣିଥାଏ । ଲେକା ଯେତେବେଳେ ଆସେ, ଜମିଦାର ଘରୁ ବହୁତ ଚିଜ ଆଣେ, ଢ' ସଙ୍ଗାତ ବାଣ୍ଟି କୁଣ୍ଟି ନଅନ୍ତି । ଥରେ ଗୋଟାଏ ମାଣିଆବନ୍ଧ ଶାଢ଼ୀ ଆଣିଥିଲା, ଦଇ କାହାକୁ ଯତନୀ କି ଦେଲେ ରତନୀ ନଷ୍ଟେ କଜିଆ କରିବ, ରତନୀ କି ଦେଲେ ଯତନୀ ମୁହଁ ଫୁଲେଇବ । ଲେକା ବିସ୍ତରରେ ଥାଏ କିନ୍ତୁ ଯତନୀ ଆଗରୁ ତା' ବୁକୁରୁ ଘାଣ୍ଟି ଶାଢ଼ୀ ଟି ନୁଚେଇ ଦେଲା । ରତନୀକି ମ୍ବା ସନ୍ଦେହ, ଦଣ୍ଡେ ନ ଯାଉଣୁ ରତନୀ କାନରେ କଥାଟି ବାଜିଗଲା । ସେ ଦିନ ଆଉ ରତନୀ ବଡ଼ ଭାଇକି ମାନୁଛି । ଶାଢ଼ୀ ପାଇଁ ଯେତେ ଝଗଡ଼ା କଲା, ଶେଷକୁ ଲେକା ଶାଢ଼ୀ ଦବା କରାର କଲାରୁ ଯାଇ ତୁନି ହେଲା ।

ରତନୀର ଢଙ୍ଗଢାଙ୍ଗ ଦେଖି ଦୁଲୀ ଦୀର୍ଘନିଃଶ୍ୱାସଟିଏ ପକେଇ କହିଲା, "ଏ କାହା ଘର କରିବ ଲୋ ବାପା ମାଇକିନା ଝିଅଟା, ମୁଁର ପାଟି କେଡ଼େ ।" ଲେକା ମାଁ କଥା ଶୁଣି କହିଲା, "ଆଉ ଆମ ରତନୀ ପରି ମଲା ମୁଷା ! କେଇ ଦିନ ଗୁପଡ଼ା ଦେଲେଇବ କଥା ଫିଟିବ ନାହିଁ ।" ଦୁଲୀ ଟିକେ ତାଚ୍ଛଲ୍ୟରେ କହିଲା, "ଯେମିତି ଜାତି ସେମିତି ଗୁଣ, ଜାତି ଡାହୁଣୀ, ଆଉ ଖୋରଣୀ ହେବେ ନାହିଁ ତ ଆଉ ହବ କଏ ? ମାଁ ଲୋ ! ମାଇକିନା ଝିଅର ଏଡ଼େ ପାଟି ! ଝିଅ ଅଛନ୍ତି ଯେ କଥା କହିଲେ କାନକୁ ଶୁଭିବ ନାହିଁ । ମ୍ବାକୁ ବିଦଆ କୋଉଠି ବାହା କରିବ କି ଜାଣି । ବଡ଼ଗୀ ବୁଢ଼ାଟା ମାଇ ନୁହେଁ କି ଗାଇ ନୁହେଁ । ଏ ମାଁ ଝିଅ ଦ'ଟା ଯାକ କଣ ହେଉଛନ୍ତି ।

କଥାଗୁଡ଼ାକ ଅବଶ୍ୟ ରତନା ଶୁଣି ନ ଥିଲା । ସେ ଘରକୁ ଯାଇ ସାରିଥିଲା । ନୋହିଲେ ସେଦିନ ଦୁଲୀର ମାଉଶି ପଣିଆ ସରିଥାନ୍ତା । ଦୁଲୀ ବିଧବା ଲୋକ, ପୁଣି ଆଗରେ ଯା’ ନଣନ୍ଦ ବଡ଼ ଦୁଃଖ ଦେଉଥିଲେ । ଟିକି ସାନ ସାନ ହୋଇଥିଲେ ସ୍ୱାମୀ ମରିଗଲେ । ଗେଲ୍‌ହି ତାର ବଡ଼ ଉପକାରୀ । ତା’ ଯୋଗୁଁ ଲୋକା ଯତନା ମଣିଷ ହେଲେ, ବୁଢ଼ୀକି ପୁଣି ଆଜିକାଲି ବାତ ମାରେ; ଟାଣ ପାଇଛି ଏଇମାନେ ଭୁଲନ୍ତୁ, ସେଥିପାଇଁ ଦଶପଦ ଠାଣରେ କହିଲେ ବି ବୁଢ଼ୀ ଆଉ କିଛି କହି ପାରେ ନାହିଁ । ମୁହଁ ବୁଜି ସବୁ ସହେ । ପଛକେ ଭୁଲିଯାଏ ।

ଲୋକା କିନ୍ତୁ ଗେଲ୍‌ହିକି ମାଁଠୁ ବଳି ଭଲ ପାଏ । ରତନାର ଖୋରଣୀ ପଣକୁ ପର ସ୍ନେହଦୃଷ୍ଟିରେ ଦେଖେ । କହେ ମାଇକିନା ଝିଅ ହେଲେ କଣ ହବ, ମରଦ ପୁଅର ସାହସ ତା’ଠି । ମାଁ କଥା ଶୁଣି ସେଇଦିନ କହିଲା, “ବୋଉ ତୁ ଜାତ ଚାଷୁଣୀ ବୋଲି କହିଲୁ ଭଲ କଲୁ, କିନ୍ତୁ ଏଇ ଜାତଠାଇ ଥିଲା ଆମ ଓଡ଼ିଶାର ଶ୍ରେଷ୍ଠ ଜାତ । ଏଇମାନେ ଥିଲେ ବୀର, ଖଣ୍ଡାଇତ ପରି ଖଣ୍ଡା ଥିଲା ତାଙ୍କ ବେଉସା, ନଡ଼େଇ ଏଇମାନେ କରୁଥିଲେ, ରଜା ଜମି ଖଞ୍ଜି ଦବାରୁ ହେଲେ ଚଷା । ଯାଙ୍କ ଘର ଝିଅମାନେ ସାହସୀ ନ ହେଲେ ଆଉ କାହା ଘର ଝିଅ ହେବେ । ରଜାକୁ ରେ କହିଲାବାଲା ଏମାନେ ।”

ଲୋକନାଥର କଥା ନ ସରୁଣୁ ଦାଣ୍ଡରେ ଦାମା ବାରିକ ଆସି ଡାକ ଦେଲା, “ଲୋକନାଥ ବାବୁ ଅଛ କି ?” ହଠାତ୍ କୃଷ୍ଣଚନ୍ଦ୍ରର ଭଣ୍ଡାରୀ ଟୋକା କାହିଁକି ଆସିଛି ଜାଣିବାକୁ ଲୋକନାଥ ଦାଣ୍ଡକୁ ବାହାରି ଗଲେ । ଦାମା ବାରିକ ଓଳଗି ହୋଇ କହିଲା, “ବାବୁ

ଖବର ପଠେଇଛନ୍ତି, କାଲି ବଡ଼ ଷ୍ଟେସରୁ ଏଠି ପହଞ୍ଚିବେ, ତମ କଦଳିଆ ଗଣ୍ଡରେ ମାଛ ମାରିବେ ଆଉ ପକ୍ଷୀ ଶିକାର କରିବେ । ହରି ବାବୁ ମାଁ ସାଆନ୍ତାଣୀ କଟକ ଯାଇଛନ୍ତି । ବାବୁ ଏକା ଆସିବେ, ତମ ଗାଁ ବି ଦେଖିବେ । ତାଙ୍କପାଇଁ ସବୁ ବନ୍ଦୋ-ବସ୍ତ କରିଥିବନ୍ତି ।"

ଜମିଦାର ବାବୁ ଆସିବେ, କଥାଟା ଦଣ୍ଡକରେ ଗାଁଯାକ ରାଷ୍ଟ୍ର ହୋଇଗଲା । ଜମିଦାର ବାବୁ ନାଁ ଶୁଣିଲେ ପ୍ରଜାଏ ବଡ଼ ଡରି ଯାନ୍ତି । ଜମିଦାର ଆଇଲେ ଜାଣ ଖରଚ ବଢ଼ିଲା । କାହା ବାରି କଦଳ କାନ୍ଦି, କାହା ଗୁହାଳର ଗାଈ, କାହା ତୋଟାରୁ ଆମ୍ବ ନଡ଼ିଆ ନ ନେଲେ ଆଉ ଠାରୁ ଉଠିବେ । ଯଦିଚ ଆମ କୃଷ୍ଣବାବୁ କାହାଠୁ କିଛି ନିଅନ୍ତି ନାହିଁ, ହେଲେ ଲୋକେ ତ ସେ କଥା ଜାଣନ୍ତି ନାହିଁ । ତାଙ୍କ ଭାଇମାନେ ବରାବର ନେଉଥିଲେ, ସେ ତ ଏ ଅଞ୍ଚଳକୁ ମେଟେ ଆସି ନାହାନ୍ତି ।

ସଞ୍ଜବେଳେ ପିଣ୍ଡାରେ ବସି ବୁଢ଼ିଆ ଗାଲରେ ହାତ ଦେଇ ଭାବୁଛି । ତିନବର୍ଷ ହେଲା ଖଜଣା ଦବାକୁ ନାହିଁ । କାଲି ତ ଜମିଦାର ବାବୁ ଆସିବେ । ବରଷେ ବନ୍ୟା କଷ୍ଟରେ ମାଫି ହୋଇଥିଲା, ତା'ପରେ ବି ଖଜଣା ଦେଇ ପାରି ନାହିଁ । ଆସି ଏ ବଇଶାଖକୁ ତିନ ପୂରିବ । ଏଥର ତାଟି କବାଟ ଉଠିଲା ପରା ! ଘନେଣିରେ ତାର ଦିନଯାକ ମନଟା ଘର ଛଟପଟ ହେଉଥାଏ । ସେଦିନ ପୁଣି ଘରେ ଚାଉଳ ଦାନାଏ ନାହିଁ । ଦିନଯାକ ଖୋଜି ଖୋଜି ମୂଲଟିଏ ମିଳିଲା ନାହିଁ । ଗୋଲ୍‌ହାକ ହେଉଛି ଜ୍ୱର । ରତମା ବା କଣ କରିବ ? ଯୁବା ଝିଅ, ଖୋରଣୀ ହେଉ ଯା' ହଉ ଭାରତ ଆଉ ପର ଘରେ ପାଇଟି କରିବା କଥା ନୁହଁ ।

କାଠଯନ୍ତ ପିକାଣ୍ଟି କାଳରେ ଯା'କ ବଢ଼ଆ ଆସି ପିଣ୍ଡାରେ ବସି ପଡ଼ିଲା । ଘର ଭିତରେ ଥାଇ ଗେଲ୍‌ହୀ ପଇସା ମାଗିଲା । ବଢ଼ଆର ତ ମନ ସେଦିନ ସୁଖ ନ ଥାଏ, ପୁଣି ଅଫିମ୍ ଝୁଙ୍କ । ରାଗରେ ଦି'ପଦ ପାଟିରୁ ବାହାର ପଡ଼ିଲା । ଆଉ ଗେଲ୍‌ହୀକୁ ପାଏ କିଏ । ତା' ତୁଣ୍ଡ କୁଆଡ଼େ ଗଲା । ଉଠି ବସି ସ୍ୱାମୀ ସାଙ୍ଗେ ପାଟେ କଜିଆ କଲା, ଶେଷକୁ ଦଉଡ଼ି ଯାଇ ଖଡ଼ୁମୁଷାରେ ମୁଣ୍ଡରେ ଦି ପାହାର ଦେଲା । ସେ ତ ପିତ୍ତଳ ଖଡ଼ୁ, ବାଜି ମୁଣ୍ଡ କଣା ହୋଇ-ଗଲା । ରକ୍ତ ଧାର ଧାର ଛୁଟିଲା । "ଇଟଲା ମୋ' ବୋପାକୁ ମାରି ପକେଇଲା ଲୋ ।" କହି ଟେମା ଆଉ ଅଗଣାରୁ ଦୌଡ଼ି ଆସି ମାଁ ଉପରେ ପଡ଼ିଗଲା ।

ସେ ଦିନ ତାଙ୍କ ଘରେ ତିନିପ୍ରାଣୀ ଉପାସ । ବଢ଼ଆ ମା ଝିଅଙ୍କ ଜାଳାରେ ଦେଶ ଗୁଡ଼ା ପକେଇବାକୁ ବସିଲା । ଗାଡ଼ ଦି ଘରକ ଲୋକନ ଏ ଘରକୁ ଆସି ସବୁ ଶୁଣି ସେହିକ୍ଷଣି ବଜାରରୁ ଜଳଟିଆ ଆଣି ତାଙ୍କୁ ଖୁଆଇଲେ । ବଢ଼ଆ କାନ୍ଦି କାନ୍ଦି କହିଲା, "ବାପା ! ମୁଁ ସ୍ୱାଙ୍କଠୁ ମରୁ ନାହିଁ କି ଏମାନେ ମୋ'ଠୁ ମରୁ ନାହାନ୍ତି । କି ପିଲା କି ଝିଅଟିଆ ! ଯାଉଛି ହ ଗୁଡ଼ାକୁଡ଼ କୁଆଡ଼େ ପକେଇବ । କୁଳ କାମ ତ ମିଳିବ । ମାଁ ଝିଅ ଭକ ମାଡୁଥାନ୍ତି ।

"ନଇଲେ ତୁ ଆମକୁ ଘର ପୋଷୁ ! ଯା' କୁଆଡ଼େ ପଳା । ମୁଁ ତ କାଳକଣାକ ପୋଟେ ପୋଷିଲି, ହଇରେ ଅରକ୍ଷିତ, ଆହୁରି କଥା କହୁଛୁ । ଝିଅଟିଆର କଥାରେ ଅନ୍ୟ ଦିନ ହୋଇଥିଲେ ବଢ଼ଆ ଡରଥାନ୍ତା; ଆଜି ଲୋକନାଥ କତରେ ଥିବାରୁ ତା' ସାହସ ଦାଉଲା । ସେ ବି ସମାନରେ ଉତ୍ତର କଲା—"ହଁ ଏଥର ବାରଦ୍ୱାର ଗୁଣ୍ଡିପିଣ୍ଡା ତ ହବ । ଯେମିତି ତିନିବରଷ ଖାଙ୍କଡ଼ା ଦିଆ ହେଉ-

ନାହିଁ, ଜମିଦାର ତ ତାଙ୍କ କବାଟ ଉଠେଇ କରି ନବ । ମାଁ ଝିଅ କାହା ଚୁଲି ମୂଳରେ ଯାଇ ପଡ଼ିବେ କି ! ଯେମିତ ଖୋରଣୀ ଥାଏ । ବିଧିଅର ପାଣ୍ଡି ବନ୍ଦ ହୋଇଥିଲୁ, ସେକଥା ତାଙ୍କୁ ଖୋଷି ୨ ଧରି ସଞ୍ଜ ହୋଇଗଲା । ଜ୍ୱର ହୋଇଥିଲା । ସେଥିରେ ବୁଣିଏ ଜମାତ । ଲୋକନାଥ କେତେ ମନା କଲା । ସେଥିରୁ ଦେହ ଦଶ ହୋଇ ମୋହିଗଲା । ରତନୀ କାନ୍ଦି କାନ୍ଦି ମାରି ହେଉ କରୁଥାଏ, ଅଜ୍ଞ ପଇସା ତେଲ କଳମକୁ ନିନ୍ଦୁଥାଏ । ସେଦିନର ବେଳ ବଢ଼ିଲା ପରେ ଲୋକନାଥ ଘରକୁ ଗଲା । ସେ ରାତି ତାର ଅନିଦ୍ରା କଟା ହୋଇ ନ ଥାଏ । ରତନୀ କଥା ଭାବି ତା' ମନ ବଡ଼ ଦୁଃଖ । ଏତେ ରତନୀ ଘର କରିବ ? ତା' ସାଙ୍ଗରୁ ସେ ଆଉ ଅନେକ ବାହା ହଉଛନ୍ତି । ଆଉ କେତେ ଦିନରେ ଜ୍ୱର କେଇ ରତନୀ ଶଶୁଘର ଚାଲିଯିବ । ତା' ବୋହୂ ବି ଏଇ ଦିନଟରେ ଆସିବ । ସନ୍ତୁଷ ହେବ, କିନ୍ତୁ ଏତେ ଉଦକାଶ୍ ସେକଥା ଝୁଅଟି ହାତକୁ ଦାହାନ ନୋହିଲା । ଲୋକନାଥ ଠିକ ଜାଣେ ରତନୀର ଆଟପାଖ ଗାଁ ଗଣ୍ଡାକରେ କେଉଁ ବାହା ହେବେନାହିଁ, ତା' ମୁହିଁ ସକାଶେ ପୁଣି ନାପମାର ବ କ ସମ୍ବଳ ଅଛି । ବାଉଆ ତ ଧନକୁବନ ନିସ୍ୱମାଁ ହେଲା । ଗେଲ୍ହାକ ତ ଭୁଆକୁରୁଆ ବାଡ଼ଦାର ଧରିଲା । ସେଦ୍ର ଦିନା ପାଞ୍ଚ ମାଇଟି କରି ହାଙ୍କୁ ଚଳାଏ । ରତନୀ ବା କାହା ଘରେ ମୂଲ ଲାଗିବ ।

ସେ ଦିନ ବଡ଼ି ଭୋରୁ ଲୋକନାଥ ଉଠି ଦାନ୍ତ ଘଷର କରି ଜମିଦାରବାବୁଙ୍କ ପାଖେଲି ଅଣିବାକୁ ବାହାରି ଗଲା । ରତନୀ କଥା ଆଉ ସେତେବେଳକୁ ତା' ମନରେ ନାହିଁ ।

ଏଣେ ରତମା ବସି ବାସି ପ'ଇଟି ଖାଉ ଥାଏ, ଘନାବୋହୂ ଆସି ଦୁଆରେ ହାଜର । ଘନାବୋହୂର ଏମାନେ ଟଙ୍କାଟିଏ ଧାରଥାନ୍ତି ତା' ପୁଅକୁ ହୋଇଛି ଜର । ସେ ଦ'ଦିନ ମୂଲ ଲାଗି ଯାଇନାହିଁ । ବାର ପଟେ କଂସା ମଜା ଶବଦ ଶୁଣି ଦାନ୍ତ କାଠିଟା ହାତରେ ଧରି ଆସି ସେ ରତମା କବାଟରେ ଛିଡ଼ା ହେଲା । ରତମା ଠିକ ଜାଣେ ପଇସା ମାଗିବାକୁ ଆଇଛି ସେ ବା କାହାକୁ ଲିହାଜ କରେ । କଂସା ଘସର ଘସର କରି ମାଜୁ ମାଜୁ ତଳକୁ ଅନେଇ ଯେମିତି ତାକୁ ନ ଦେଖି କହିଲା, "ମ ସରିଜ ଛୁଡ଼ିତ ପକେଇନୁ, ଅଧୁଆ ମୁହଁରେ ଆସି ଟଙ୍କା ଗୋଟାଏ ପୁଣି ମାଗି ବସିଲାଣି । ମଣିଷ ସକାଳୁ ଉଠି ଏଇ ଅଲକ୍ଷଣୀର ମୁହଁଟା ଚାହିଁଲା । ଦିନଟା ଭଲରେ କଟିଲେ ହୁଏ ।" ଘନାବୋହୂ ବ ଊଣା ନୁହେ । ସେହିକ୍ଷଣି ଉତ୍ତର ଦେଲା । ଶେଷକୁ ରତମା କଂସା ମଜାରୁ ଉଠି ପଡ଼ିଲା । ଅଣ୍ଟାରେ ଲୁଗାକୁ ଭିଡ଼ିଦେଲା । "କଣ କହିଲୁ," କହି ଘନା ବୋହୂର ଚୁଟି ଝିଙ୍କି ଯୋଷାଡ଼ି ଆଣି ଦୁମକନା ତା' ମଝି-ପିଠିରେ ଗୋଟିଏ ବିଧା ବସେଇଲା । ତାଙ୍କ ପାଟିରେ ଆରଘରୁ ଯତମା, ଦୁଲି ଆଉ ଗେଲ୍ହି ବାହାରି ପଡ଼ିଲେ । "ମୋ ଝିଅକୁ ମାରି ପକେଇଲା" କହି ଗେଲ୍ହି ବି ତାକୁ ନାରଅନା କରି ଗାଳି ଦେଲା । ପାଖ ପଡ଼ଶା ତାଙ୍କ ପାଟିରେ ଧାଇଁ ଆସିଲେ । ଏ ତାକୁ ମାରୁଥାଏ, ସେ ତାକୁ ମାରୁଥାଏ; ରତମା ଯୁବା ଲୋକ ବଳ ବି ଯଥେଷ୍ଟ, ଘନା ବୋହୂଟା ବୁଢ଼ୀ ମଣିଷ, ସେତେବେଳକୁ ମାଡ଼ ଖାଇ ଖାଇ ତା' ଦେହ ପାଚିଗଲାଣି । ସାଇବାଲା ମିଶି ଛଡ଼ାଛଡ଼ି କଲେ; ହେଲ୍ହି ରତମା ଗୁଣ ତ ସମସ୍ତେ ଜାଣନ୍ତି । କେହି ତାଙ୍କୁ ପଦେ କହିଲେ ସେ ଦଶପଦ ଶୁଣାଉଥାନ୍ତି । ଶେଷକୁ ବଚରା ବଦଆ ସମସ୍ତଙ୍କ ଗୋଡ଼ହାତ ଧରି ମାଁ ଝିଅଙ୍କୁ

ଭୁନଭାନ କରି ସମସ୍ତଙ୍କୁ ବିଦାୟ କଲା । ଧାରଠଙ୍ଗାଠା ସକାଳେ
ଦିନା ଦୋହୁ କଂସା ଖଣ୍ଡିକ ଦେନଗଲା । ସୂର୍ଯ୍ୟ ମୁଣ୍ଡ ଉପରେ
ଆସି ହେଲାଣି । ଘରେ ରନ୍ଧାବଢ଼ା ନାହିଁ । ଗେଲ୍‌ହା ବେମାରୀ
ମଣିଷଟା, ତାର ବି ପଥ୍ୟ ହେଇନାହିଁ । ଗଗରେ ନାଗଛାପ ପରି
ହଁ ଫଁ ହେଇ ରତନା ଗାଧୋଇ ଗଲା । ସେ ଦିନ ଗାଁକୁ ଯେ
ଜମିଦାରବାବୁ ଆଇଛନ୍ତି ଏକଥା ତା'ର ଜମାକୁ ମନରେ ନ ଥାଏ ।
ବଟା ହଳଦି, ଗିନାଏ ଷୋଳଶତେଲ ଧରି ଗାମୁଛା କାନ୍ଧରେ
ଟେକେଇ ବେଶ ଗୁଲି ଯାଉଛି । ପୋଖରୀ କିଛି ଘରକନ୍ଧରେ
ନାହିଁ । ପ୍ରାୟ ଅଧମାଇଲ ଦୂରରେ । ବାଟରେ ଜଳାଙ୍ଗ ଡାଳଟିଏ
ଭାଙ୍ଗି ଭାଙ୍ଗି ହଠାତ୍ ଦେଖିଲା ପଞ୍ଚାଏ ଲୋକ ତା' କଡକ ମାଡ଼ି
ଆସୁଛନ୍ତି । ଏକେ ମାଇକିନା ଲୋକ, ସେଥିରେ ପୁଣି ମଫସଲି-
ଆଣି । ଲୋକ ଗୁଡ଼ାଏ ଖାଇଲେ ଏ ଅମଳକୁ ଦେଖିଲେ କଜାଣି
କଣ ବୁଦାଭିତରେ ଲୁଚିଯିବ ପରା । ସମସ୍ତେ ଧୋବ ଧାଉଳିଆ
ପିନ୍ଧିଛନ୍ତି । ପ୍ରାୟ ସମସ୍ତେ ଟୋକା । ରତନୀର ତାଙ୍କୁ, କ ଖାତର ।
ସେ ଖଣ୍ଡେ ଡାଳ ଭାଙ୍ଗିଲା । ବଲ ବଲ କରି ତାଙ୍କୁ ଥୋଡ଼ାଏବେଳ
ଅନେଇଲା । ସେମାନେ ବି ମଉଜ କରିବା ଅଭିପ୍ରାୟରେ ତାକୁ
କଣ ପଦେ କହିଦେଲେ । ରତନା ତ ସକାଳୁ ରାଗିଥିଲା । ଖୁବ୍
ବଡ଼ ପାଟିରେ ତାଙ୍କୁ ଶୋଧିଲା; ତା' ପାଟି ଶୁଣି ଲୋକେ ଆଠ-
ପଠାଳ ପରି ଠିଆ ହୋଇଗଲେ । ଜଣେ ତାଙ୍କ ଭିତରୁ କହିଲା,
“ହଇଲୋ ଆମେ ଜମିଦାରବାବୁର ପାଖଲୋକ ଆମକୁ ତୋର
ଖାତର ନାହିଁ । ରତନା ଆହୁରି ଉଗ୍ରମୂର୍ତ୍ତି ଧରି କହିଲା “ରଖ୍
ତୋ' ଜମିଦାରବାବୁକୁ ତୋ' ଘରେ, ମୁଁ ତୋ' ଜମିଦାରର୍
ଖାଏ, ନାଁ ଧାରେ, ମୁଁ ସେଇଟାକୁ କିଆଁ ଡରିବି ।” ଜମିଦାର-
ବାବୁ ଖଣ୍ଡେ ଦୂରରେ ଥିଲେ । ମାଇକିନା ଲୋକର ପାଟି ଶୁଣି

କଚକ ଆସିଲେ । ଆପଣା ସାଙ୍ଗ ଲୋକଙ୍କୁ ଖୁବ୍ ଗାଳିଦେଲେ । ହଠାତ୍ ଲୋକନାଥ ରତ୍ନମାକ ଦେଖି ସରମରେ ତା' ମୁଣ୍ଡ ତଳକୁ ହୋଇଗଲା । ରତ୍ନମା ବି ଲୋକନାଥକୁ ଦେଖି କାନ୍ଦି ପକେଇଲା । ମାଗୁଣିଆ, ଘମା ହରକା ତାକୁ ବିରକ୍ତ କରୁଥିବାରୁ ସେହିକ୍ଷଣି ଜମିଦାରବାବୁ ତାଙ୍କୁ ସଜା ଦବାର ହୁକୁମ ଦେଲେ । ରତ୍ନମା ଆଉ ଗାଧୋଇ ଗଲାନାହିଁ । ଘରକୁ ଫେରି ଆସି କବାଟ କିଳି ଶୋଇଲା ।

ରତ୍ନମାର ସାହସ ଦେଖି ଜମିଦାର ବାବୁ ଖୁବ୍ ହରଷ ହୋଇଥିଲେ । ନିର୍ଜନରେ ଲୋକନାଥକୁ ପଚାରିଲେ, "କୁହ ତ ସଙ୍ଗାତ ସେ ଝିଅଟି କିଏ ? ସତେ ଯେମିତ ଗୋଟିଏ ଉଗ୍ରଚଣ୍ଡୀ ।" ଲୋକନାଥ ହସି ହସି କହିଲା, "ସେ ଉଗ୍ରଚଣ୍ଡୀ ନାଁ ହଉଛି ନଅରୁଣ୍ଡୀ ତା'ପର ଖୋରଣୀ, ତା'ପର ସହାସୀ ଝିଅ ସେ ଗାଁଭିତରେ କେହି ନାହିଁ । ଆଉ ବି କୋଉଠି ଅଛନ୍ତି ବୋଲି ଜଣା ନାହିଁ । ତା' ମା ଯେମିତ ସେ ସେମିତ, ତାଙ୍କର କାହାକୁ ଖାତିର ନାହିଁ । ଦେଖିଲ ତ ଏତେଗୁଡ଼ାଏ ଲୋକଙ୍କୁ ସେ କେମିତି ମାରି ଘୋଡ଼େଇଲା । ତରଭ୍ୟୁ କଣ ସେ ଜାଣେ । କୃଷ୍ଣ ବାବୁ କହିଲେ—"ସାବାସ୍ ଝିଅଟି ଏକା । ଏମିତ ଝିଅବି ଆମଦେଶରେ ଅଛନ୍ତି ବୋଲି ମୁ ଜାଣି ନାହିଁ ।" ଏମାନେ କିଜାଣି ନଢ଼େଇ କରି ପାରନ୍ତେ । ଆଗ କାଳରେ ଏମାନେ ଘୋଡ଼ା ପିଠିରେ ଚଢ଼ି ଲଢ଼େଇକି ଯାଉଥିଲେ । ଲୋକନାଥ କହିଲା ସେମାନେ ସେଇ ଜାତିର ଝିଅ, ତାଙ୍କର ଆଗ ଅମଳରେ ସଭିଏଁ ଯୁଦ୍ଧ ବିଦ୍ୟା ଶିଖୁଥିଲେ । ତା' ମାଁ ନାଁ ଡାକ କନ୍ଦୋଇ ଗଡ଼ନାୟକ ବଂଶର ଝିଅ । ତା' ବାପ, ଶୁଣିଥିବ ପଦ୍ମଲଭ ଜେନା କଥା ତାର ପୁଅ । ଏବ-କାଳକୁ ସେମାନେ ଗରିବ ହୋଇଗଲେ । ଆଗ ସମ୍ପତ୍ତି, ଆଗ

ମାନ ମର୍ଯ୍ୟାଦା କୁଆଡ଼େ ଗଲା ।" କୃଷ୍ଣଚନ୍ଦ୍ର ମନରେ ଟିକେ ଦୁଃଖ କଲେ । କହିଲେ, "ଏମାନେ ଆମର ଜାତିର ଲୋକ, ଆମ ଜାତିଟା ଓଡ଼ିଶା ରାଜାଙ୍କ ଡାହାଣ ବାହା ଥିଲୁ । ଯୁଦ୍ଧ ପଡ଼ିଲା ଆମକୁ ଡାକ ଦସ୍ୟୁ ରାଇଜ ଲୁଟି କଲେ ଆମକୁ ଡ଼ାକ । ଆମର ଏତେ ସମ୍ପତ୍ତି ଆଉ କୁଆଡୁ ହେଲା କ । ରଜା ଜମିବାଡ଼ି ଖଞ୍ଜି ଦେଇଥିଲେ । ଆମ ପୂର୍ବପୁରୁଷ ସେହି ରଜା ଦେଇଥିବା ଉପାଧି ପାଇଥିଲେ ନା ରାଉତରା ।

ସେ ଦିନ ଦି' ସାଙ୍ଗ ନଅତୁଣ୍ଡୀ ବିଷୟରେ ଅନେକ କଥା ଭାଷା ହେଲେ । କୃଷ୍ଣଚନ୍ଦ୍ର ବଡ଼ ନକଲିଆ ମଣିଷ, ଲୋକନାଥକୁ କହିଲେ, ନଅତୁଣ୍ଡୀକି କହିବ, ସେ କେମିତି ଜମିଦାରକୁ ଖାତିର କରେନାହିଁ, ଜମିଦାର ତାକୁ ଖୁବ୍ ସଜାଦେବେ, ନଇଲେ ଜେଲ୍ ଦେବେ ।

ସଞ୍ଜ ବଳିତା ନ ଲାଗୁଣୁ ଲୋକନାଥ ଥୋଡ଼ାଏ ମାଛ ଆଉ ୧ କାର ଚଢ଼େଇ ଆଣି ଘରେ ଗଦାକରିଗଲା । ରତନା ଘରକୁ ଦେଖିଲା ରତନା କବାଟ କଲା ଶୋଇଛି । ଗେଲ୍‌ହା ଭୁଜା ମୁଠାଏ କନ୍ଦ ଫଣ୍ଟେ ଧରି ଗୋବାଉଛି । ଲୋକନାଥକୁ ଦେଖି ଗେଲ୍‌ହାର ପାଟି ଫିଟିଲା । "ତୁ ଜମିଦାରର 'ପାଖରେ ଅଛୁ । ମୋ' ଝିଅଟାକୁ ତୋ' ଜମିଦାର ଘର ଲୋକେ ମାଡ଼ ମାଇଲେ, ତୁ କୁଆଡ଼େ ମରିଯାଇଥିଲୁ, ପିଠିରେ ପଇଲୁନାହିଁ । ତୋତେ ପୁଅପରି ପାଳି ଏଡ଼େରୁ ଏଡ଼େଟା କଲି । ଛୁଡିକା ଝାଡ଼ାରେ ମାଁ ମରିଯାଉଥିଲା, ସେତେବେଳ କଥା ପାସୋରି ଗଲା, ଏବେ ବାବୁ ହେଲ ପାଞ୍ଚ-ପଇସା ଓଜଗାର୍ କଲ ।" ଗଲା ସମାପ୍ତ ମହାଭାରତ ବାହାରିଲା । ଲୋକନାଥ ସେ କଥାରେ ଭରସି କରି ଉତ୍ତର ନ ଦେଇ

ଯାଇ ରତମା ଦୁଆରେ ଥୋଡ଼ାଏବେଳ ଖୁବ ଡାକିଲା । ରତମା ସବୁ ଶୁଣୁଥାଏ । ଲୋକନାଥ ଉପରେ ଆଜି ତାର ଖାର ସାତ । ସେ କି ସହଜରେ ଦୁଆର ଖୋଲେ । ଶେଷକୁ ଗାଳିଦେଇ ଦେଇ କବାଟ ଖୋଲିଲା । ତା' ମୁହଁ ଶୁଖି କଳାକାଠ ପଡ଼ି-ଯାଇଛି । ଦିଦିନ ହେଲା ଦାନା ନ ପଶିଲେ ଯାହା ହେଇଥାଏ । ଦୁଲୀ ଯତମା ପ୍ରବୋଧ କରି ଶେଷକୁ ମାଁ ଝିଅଙ୍କ ଖୁଆଇ ପିଆଇ ରାତି ଦୁ' ଘଡ଼ି ବେଳକୁ ଘରକୁ ଗଲେ ।

ଲୋକନାଥ ଆଣିଥିବା ମାଛ ଦଖଗ ହେଲା । ରତମା ହଳଧା ବେଶର ବାଟି ଖୋଳ କରି ବସିଲା । ବାପଘରେ ନ ଥିଲା । ଧନତମାନ ଷେବୁଲି ବୁଲି ମୂଳ ଖୋଜୁଥିଲା । ଠଙ୍କାଏ ମଷାଏ ହେଲେ ଜମିଦାରକୁ ଖଜଣା ଦବ । ଭାଗ୍ୟକୁ ଆଉ ଗାଁରେ ଘର-ଜୁଆଣି ମିଳିଗଲା । ମାଁ ଝିଅର କଣ ଦଶା ହେଇଥିଲା ସେ କି ଜାଣେ ?

ଲୋକନାଥଠୁ ସବୁ ଶୁଣି ତା' ହାଲକ ଶୁଖିଲା । ଜମିଦାର ଏଥର ସାଇଜରେ ରଖିବେ କି ନାହିଁ କିଏ ଜାଣେ ? ଝିଅକୁ, ଭାର୍ଯ୍ୟାକୁ ମନେ ମନେ ଗାଳି ଦେଇ ସେ ମୁଣ୍ଡରେ ହାତ ଦେଇ ବସିଲା ।

## ଉସଂଗ୍ର କଥା ।

ଜମିଦାର କଚେରି ଆଡ଼େ ଲୋକ ଥାଟପଟାଳ ଲାଗି ପଡ଼ିଛନ୍ତି । କିଏ ଘିଅ ଭାରେ ଆଣିଛି, କିଏ ନଡ଼ିଆ ଭାରେ, କିଏ ଛେଳି,

ଗୁଡ କଦଳୀ, କଏ ଆଣ୍ଟ ତରଭୁଜ । କଏ ଭଲ ଭଲ ଛେଳୀ ପୁଞ୍ଜାଏ, କଏ ଗାଈ ଗୋଟାଏ । ଜମିଦାରର ସଲାମୀ ଏତକ । ଲୋକେ ଦାଣ୍ଡପାଖେ ଜମା । ଘଡ଼ିଏ ଖଣ୍ଡେ ଗ୍ରାଡ ଜମିଦାରଙ୍କ ଦର୍ଶନ ମିଳିଲା । ନୂଆ ଜମିଦାର, ଲୋକେ ଭାବିଥିଲେ କୋଟ ପେଣ୍ଟାଲୁନ ପିନ୍ଧି ମୁଣ୍ଡରେ ଟଲମଟା ଘୋର ହେଇଥିବେ ପଗ । ଶୁଣିଥିଲେ ଘର ପଢ଼ାକ ଲୋକ । କିନ୍ତୁ ଦେଖିଲା ବେଳକୁ ଜମିଦାର ପିନ୍ଧିଛନ୍ତି ଖଣ୍ଡେ ଖଦ, ସେ ପୁଣି ଅଣ୍ଟୁ ଲୁଚିବାକୁ ନାହିଁ, ଦେହରେ ଗୋଟିଏ ମୋଟା ଚାଦର, ଗୋଡ଼ରେ ପୁଣି ଭୋଟ ଅମଳର ଚଟି । ହାତରେ ସୁନା ମୁଦିଟି ଜକ ଜକ ଦିଶୁ-ଥାଏ ଏକା । କିନ୍ତୁ ଯେତେହେଲେ ହାକମ, ଲୋକେ ଲମ୍ବଲମ୍ବି ଗୋଡତଳେ ପଡ଼ିଲେ । ସଲାମୀ ଭେଟି ଥୋଇଲେ । ହେଲେ ଜମିଦାର କିଛି ଛୁଇଁଲେ ନାହିଁ, ସବୁ ଜିନିଷ ଫେରେଇ ଦେଲେ । ପ୍ରଜାଏ ମହାଖୁସି । ଜମିଦାରଙ୍କ ନାଁରେ ଧନ୍ୟ ଧନ୍ୟ ପଡ଼ିଗଲା ।

ସେ ଦିନ ଉପରବେଳା ଆମ୍ବତୋଟା ମେଳା ଜାଗାରେ ଗୋଟାଏ ସଭା ହେଲା । ଲୋକେ କେମିତି ଭଲ ହେବେ, ଆପଣା ଦେଶର ଜିନିଷରେ ମାୟାମମତା କରିବେ ଏ କଥା ପଡ଼ିଲା । ଜମିଦାର କହିଲେ "ଧର ଗୋଟିଏ କଥା, ଆମେ ହେଲୁ ଓଡ଼ିଆ, ପଖାଳ-ଖିଆ, ଆମର ବାପ ଜେଜେବାପ ଅମଳର ଲୋକେ କଣ ମୋଟା ଖାଇ ମୋଟା ପିନ୍ଧି ସୁଖରେ ସଂସାର କରୁ ନ ଥିଲେ, ସେତେବେଳେ ଟଙ୍କାକୁ ୫୦ ସେର ଚାଉଳ ମିଳୁଥିଲା ଟଙ୍କାକୁ ଦିଅ ଦ' ଦିନ ସେର । ଏବ କାଳକୁ ଟଙ୍କାକୁ ସରୁଚାଉଳ ଚାରିସେର ମିଳିବା କଷ୍ଟ । କିଆଁ ଇମିତି ହେଲା ? ଆମ ଦେଶରେ କଣ ଧାନ ଫସଲ ହଉନାହିଁ ନାଁ ଗଛରେ କପା ଫଳୁନାହିଁ ? ଆମ ପୋଖରୀରେ କଣ ମାଛ ନାହିଁ ନାଁ ଆମ ଗୁହାଳରେ ଗାଈ ନାହିଁ ? ଅଛି ସବୁ ।

ହେଲେ ଆମ ଆଖିଟା ହେଲାଣି ଦୁପୁର । ଆମେ ହେଲୁଣି ବାବୁ ଆଉ ଅଳସୁଆ । ଆମ ଦେଶରେ କୋଟିଏ ଲୋକ ଯଦି ବାବୁଆନା ଛାଡ଼ନ୍ତେ, କହନ୍ତେ ନାଁ ଆମେ ହାତେ ଅରଜିମୁଁ ହାତେ ଖାଇମୁଁ ହାତେ ଲୁଗା ବୁଣିମୁଁ, ହାତେ ପିନ୍ଧିବୁଁ; ଆମେ ଆଉ ପର ଦୁଆରକୁ ଚାହିଁବୁ ନୁଁ, ଆମେ ଆମ ଭିତରେ କଜିଆ ଗୋଳ କରିବୁ ନୁଁ, ଗାଈ ହେଲେ ଗୋମାତା, ତାଙ୍କ ଦୁଧ ଖାଇ ଆମେ ପିଲାଦିନେ ବଢ଼ିଛେଁ, ତାଙ୍କୁ ଯତନରେ ପାଳିବୁଁ । ତେବେ କଣ ଘିଅ ଦୁଧରେ ଘର ଭାସନ୍ତା ନାହିଁ ? ନିତ ନାଁ ଗହେଟା ଗେରୁ ହଣା ହେଉଛନ୍ତି, ଆଉ ପଠାଣଙ୍କ ଇଦରେ ତାଙ୍କ ଧରମ ପରବରେ ଗୋଟିଏ ଯୋଡ଼ିଏ ଗୋରୁ କୋରବାଣୀ ହେଲେ ହିନ୍ଦୁଙ୍କ ଅଷ୍ଟାଙ୍ଗ ଜଳି ଉଠୁଛି, ଆଉ ନିଜେ କଂସେଇକି ଗାଈ ବିକିଦେଲା ବେଳକୁ ଗୋହତ୍ୟା ପାପଟା ଲାଗି ଯାଉନାହିଁ ପରା । ହେଇତ ଦେଖ ଏଇ ଯୋଉ ହାଡ଼ି, ପାଣ, ମୋଚି, ଚମାରଙ୍କୁ ଆମେ ଶ୍ରେଷ୍ଠ ଜାତି କହୁଛେଁ, ତାଙ୍କୁ ଖାଲି ଛୁଇଁ ଦେଲେ ମାରି ହୋଇ ଯାଉଛେଁ, ଭାବିଲାବେଳକୁ ତାଙ୍କ କାମଟା କିଏ ତୁଲାନ୍ତା ? ସେମାନେ ତାଙ୍କ କାମ ନ କଲେତ ଆମ ସଂସାର ଚଳନ୍ତା ନାହିଁ । ଆମର ଏଡ଼େ ଉପକାରୀ ମଣିଷଙ୍କୁ ଆମେ ଜାତି ପାଙ୍କରୁ ଅଲଗା ରଖି ଛୁଆଁ ଛୁଆଁ ରଡ଼ି ଛାଡ଼ିଲେ ହବ । ଏଇଟା ବିଧାତା ସହିବଟି !”

ଘଡ଼ିଏ ଦି ଘଡ଼ି କାଳ ଖୁବ କଥା ଚାଲିଲା, କିଏ ହିଁ ଭରିଲା କିଏ ନାହିଁ କଲା; କିଏ ଜମିଦାର ମୁହଁରେ ହୁଁ ମାଇଲେ ପଛୁଡେ କହିଲେ “ମଲି ମୋର, ଆମେ ମୋଟ ଖଦି କିଆଁ ପିନ୍ଧିବୁଁ ! ଆମର କାଳକ ସରୁରେ ଗଲାଣି ନାଁ ଆଜିକାଲି ଏସବୁ ନଅନକୋଅ ପରସନ ବାହାରିଛନ୍ତି, ଆମେ ଏତେ ଓଲୁ ହେଇଚେଁ ଆମେ ଯାଇ ଅପରସନରେ ମିଶିବୁଁ ସରକାର୍ ଅମଠେଇଁ ଅପରସନ ହେଲେ

ସେତେବେଳେ ଆମ ମଜାଟା କିଏ ବୁଝିବ ? ଜମିଦାର ଆସି କଣ ଭୁଲେଇବ ? ମୁହଁରେ ବାଲୁଙ୍ଗି କଲେ କଅଣ ହବ ।”

ରାମା ପଧାନ କହିଲା—ଉଠ ହୋ “ସତେ ସତ୍ୟଯୁଗ ଫେର୍ ଆସିବ ଲୋକେ ଡାଡ଼ି ମଦ ଗଞ୍ଜେଇ ଛାଡ଼ିବେ ।

ଲଇକ୍ଷଣା ପୁରୁଣା ଗୋଲ୍‌ଖୋର ସେ ବାହାଦୁରୀ ଦେଖେଇ କହିଲା—“ଯେତେ ଶାଆସ୍ତ କୁହ, ଯେତେ ପୋଥି କୁହ ଲଇକ୍ଷଣ ବେଦ୍ଦେଇ ଗୋଲି ନ ଛାଡ଼ନ୍ତି, ମଦତ ଯେ ନ ଖାଇଲା ସେ କିଆ ମରଦକା ବେଟା !” ଧାନା ଧଳ ଯୋଗ ଦେଇ କହିଲା, “ହଁ ରେ ସଙ୍ଗାତ ସତ କହିଲୁ ଯେ ନ ଖାଏ ଗଞ୍ଜେଇ ଗୋଲି, ତାକୁ କି ମଣିଷ ବୋଲି ।” ହାଡୁ ଗୋଛେଇତ ସେ କଥା ଶୁଣି କହିଲା, ଆମର ଦାରୁ ନ ହେଲେ ଦିନେ ଚଳିବ ନାହିଁ ।

ତଥାପି ବଣିଆ, କାହ୍ନୁ ଚରଣ, ବର୍ଜୁଆ ହରିକା ଜମିଦାର ବାବୁ କଥାକୁ ଭାରି ପସନ୍ଦ କଲେ । ବାବୁଙ୍କ ହୁକୁମ ଥିଲା ଆଖଡ଼ାରୁ ନିଶା ପାଣି ଉଠିଯିବ, ସେଠି ପ୍ରତି ଶନିବାର ନାଟ ତାମସା ହବ, ରବିବାର ନାମ ସଙ୍କୀର୍ତ୍ତନ ହବ । ଗାଇଲା ବଜେଇଲା ବାଲା ସବୁ ସେଠି ପଞ୍ଚା ହୋଇ ବସିବେ । ଆଉ ସେ ଗାଁରେ ଗୋଟିଏ ଭାଗବତ ଘର ଥାଏ । ଆଜକାଲି ସେଠି ପୋଥି ବୋଲା ଅଛି କି ନ ଅଛି, ପର ଚର୍ଚ୍ଚାଟା ହୁଏ ପୂରା ମାତ୍ରା, ସେ ବି ଆଖଡ଼ା ଘରକୁ ଲାଗି ଲାଗି, ବାବୁ ଗାଁର ଭଲ ଭଲ ପାଞ୍ଚ ଜଣଙ୍କୁ କହିଲେ, “ଦେଖ, ତେମେମାନେ ଆଗ ପର ପାଞ୍ଚ ପଞ୍ଚୁର ଟେକ ରଖ । ପାଞ୍ଚ ପଞ୍ଚୁର କଥା ସରକାର ଏଡ଼ ପାରେ ନାହିଁ । ତୁମେ ହେଲ ସବୁ ଜାତିର ଦଳ ବେହେରା, ତୁମ୍ଭେ ମହତ କାମ କରିବ, ମହତ କଥା କହିବ, ନ୍ୟାୟ ନିସାପ କରିବ, ଈର୍ଷାପତ ଲୋଭ ଛାଡ଼ିବ, ତେବେ ଦେଖିବ ଆମ ଓଡ଼ିଶା କଣଅଛି କଣ ହବ ।

ବାବୁ କଥାରେ ତାଙ୍କ ମୁହଁରେ ସଭିଁଏ ହିଁ କରିଲେ । ସେ ଦିନ ଗାଁରେ ଏ ସବୁ କଥା ନେଇ, ବଡ଼ ଚହଳ ପଡ଼ିଲା ।

ଯା' ହେଉ ଜମିଦାରଙ୍କୁ ଡର କରି ହଉ, ନଇଲେ ଗ୍ରୁଏଁ ହଉ ସେଗାଁରେ ଗୋଟାଏ ଅରଟ ଘର ବସିଲା । ପାଁ ସାତ ଖଣ୍ଡ ଅରଟ ଥୁଆ ଗଲା । ଲୋକ ରହିଲେ ସୂତାକଟା ଶିଖେଇବେ ବୋଲି । ଗାଁ ମାଇକିନାଙ୍କ ସକାଶେ ଗାଁର ବାଳିକା ସ୍କୁଲରେ ଚରଖା କାଟିବା ବନ୍ଦୋବସ୍ତ ହେଲା । ଅକାରଣେ କାଳି କନ୍ଦଳରେ ସମୟ ନଷ୍ଟ କରୁଛନ୍ତି, ଭଲ ସୂତା କାଟନ୍ତୁ । ତାସ, ଛକା ପଚିଶ ଭଲ ଛଡ଼ିଯାଉ ।

ସେଇଦିନ ହଠାତ୍ ଜମିଦାରବାବୁ ଖବର ପାଇଲେ ତାଙ୍କ ଭାଇ ସାରଥୀଙ୍କୁ ଡ଼କେଇ ପଠେଇଛନ୍ତି । ଇସ୍କୁଲଡକାର କାମ ସାରି ତାକୁ ଘର ଠେଇଁକି ବାହାରି ଗଲେ । ଶୁଣିଲେ ତାଙ୍କ ମାଁ ଦିହ ସୁଖ ନାହିଁ ।

ମାଁଙ୍କ ଶେଷ ସମୟ ହୋଇଥାଏ । ଶୁଳା ଗ୍ରହଣୀ ଧରିଥାଏ । ଅନେକ ଅନେକ ଉପାୟ କଲେ । ଡ଼ାକ୍ତରୀ ବଇଦ ଚିକିତ୍ସା ବି ହେଲା ଢ଼େର । ହେଲେ ଯମଦୁଆରେ ହାକର । ରଖିବ କିଏ ? ପୁଅ ନାତିଙ୍କି କାନ୍ଦେଇ ବୁଢ଼ୀ ଚାଲିଗଲେ । ଘର ଖାଲି ପଡ଼ିଲା । ଅଣଆଡ଼ା ପୁଅ ଦୋଟିର କଥା ବୁଝିବାକୁ ରହିଲେ ତାଙ୍କ ବିଧବା ପିଉସି ନାରେଣୀ ଦେଈ ।

ନାରେଣୀ ଦେଈ କୃଷ୍ଣଙ୍କୁ ହରିଙ୍କି ଭାରି ସୁଖ ପାଆନ୍ତି । ବାଳ ବିଧବା । ସ୍ୱାମୀ ମଲାଦିନୁ ଭାଇଭାଉଜଙ୍କ ଘର ଥିଲା ତାଙ୍କ ନିଜ ଘର । ଭାଉଜମାନଙ୍କର ପିଲାଙ୍କୁ ହାତରେ ମଣିଷ କରିଥିଲେ । ବଡ଼ ଚତୁର

ଶିବ ମଣ୍ଡପରେ ଘୂରି ଘୂରି ଗୋଳ କରି ଉନ୍ମ ହେଉଥିବାରୁ ତାଙ୍କ ମନକୁ ବଡ଼ ବାଧୁଥିଲା । ସତ କହିଲେ ତାଙ୍କ ବଡ଼ ଭାଇଙ୍କ ଦୋଷରେ ଏତେ କଥା ହେଉଥିଲା ମାଁ ହୋଇଁ ପୁଅଙ୍କୁ ପାତର ଅନ୍ତର କରୁଥିଲେ । କଥାଥିଲା କଣ ନାଁ କୃଷ୍ଣ ଆଉ ହରି ସାନ ସଉତୁଣୀର ପିଲା । ହରିର ଜନମ ପରେ ତାଙ୍କ ମାଁଙ୍କର କାଳ ହୋଇଥିଲା । ସାବତ ମାଁ ଏ ପିଲା ଦୋଟିଙ୍କି ମୋଟେ ଦେଖି ପାରନ୍ତି ନାହିଁ । କିନ୍ତୁ ତାଙ୍କର ନିଜ ମାଁ କଥା ମୋଟେ ସ୍ୱାମୀଙ୍କର ମନେ ନ ଥିଲା । ଏଁମାକୁ ମାଁପରି ମାନୁ ନ ଥିଲେ । କଥାରେ କହନ୍ତି, "ସଉତୁଣୀ-ଥିବ, ସଉତୁଣୀ କଣ୍ଠା ନ ଥିବ ।" ନାରେଣୀ ଦେଈ ଏ ପୁଅ ଦୋଟି ଉପରେ ସାବତ ମାଁର ଅତ୍ୟାଚାର ମୋଟେ ସହି ପାରନ୍ତି ନାହିଁ । ସ୍ୱାମୀଙ୍କୁ ଅନେକ ରକମ ଶିଖାଶିଖି କରନ୍ତି । ଫଳରେ ଶେଷକୁ ସାନ ପୁଅ ହରି ବଡ଼ ବଗୁଲିଆ ହୋଇ ଉଠିଲା । ସେ ଆଉ କାହାକୁ ମାନେନାହିଁ । ମାନିଲା ଭିତରେ ଟିକେ ଡ଼ରଭୟ ଥାଏ ବଡଭାଇ ନବୀନ ଆଉ କୃଷ୍ଣକୁ । ନୋହିଲେ ସେ ଗୁଳିଲା ଶଗଡ଼ରେ ହାତ ଦେବ । ହେଲେ ବଡ଼ ଚାଲାଖି, ସେମିତି ସ୍ମରଣ ଶକ୍ତି । ପାଠରେ ସମସ୍ତଙ୍କୁ ଟପିଯାଏ । ବି. ଏ. ଯାକେ ଯାଇ ତ କଲେଜ ଛାଡ଼ିଲା । ତାର ଗୋଟିଏ ଗୁଣ ସେ ଯୋଉଥିରେ ମାତିଯିବ ଏକାବେଳେ ମାତିଯିବ । ଯେମିତି ଚଗଲା ବଗୁଲିଆ, ସେମିତି ବୁଝକ ଆଉ ଜ୍ଞାନୀ । ଗୀତ ବାଜାରେ ଫାଷ୍ଟ, ନାଟ ତାମସାରେ ଫାଷ୍ଟ, ହେର୍ଷାମୀରେ ବି ଫାଷ୍ଟ, ଏବେ ନବୀନ ଘରେ ନାହାନ୍ତି । କୃଷ୍ଣଙ୍କୁ ଟାଳି ସେ ମାନ-ଥାଏ । ଲୋକନାଥର ତାର ବେଶ ପଟେ କିନ୍ତୁ ଗୁରୁଚରଣ ଥାଏ ତାର ଦୁସ୍ପୁରି ଜୀବନ । ଗୁରୁଚରଣ ବାହ୍ମଣ ଘର ପିଲା । ମାତ୍ର ଦେଖିଲେ ଜଣାପଡ଼ିବ ନାହିଁ ବାହ୍ମଣ ଘର ପିଲା କି ବାଉରି ଘର ପିଲା । ବାପ ମାଆର ଗୋଟିଏ ବୋଲି ପୁଅ । ପାଠ ଶାଠରେ ଧାର ଧାରେ

ନାହିଁ । ଯେତେକ ଦୁଷ୍ଟାମୀ ସବୁରେ ପକ୍କାହେଲେ ଏମାନେ କେବେ କାହାର ଅନଷ୍ଟ କରନ୍ତି ନାହିଁ । ନଶାପଣି ନାହିଁ । ଖାଲି ପିଲା ବୟସ, ବଗୁଲିଆଗିରି ସାର । ବାପ ମାଇଲେ ବୋଲିଲେ ମାଁ ଆବୁଡ଼ି ପଡ଼େ । ସେହି ଯୋଗୁ ଗୁରୁଚରଣ ସଭିଙ୍କି ଅଖାଡ଼ର କରୁଥାଏ । ଜମିଦାର ପୁଅ ହରି ବି ସାଙ୍ଗକୁ ମିଳିଥାଏ ।

ପିଲାବେଳେ ସ୍ବାଙ୍କ ଜାଳାରେ ଗୋଟିଏ ଫଳ କାହା ଗଛରେ ରହୁ ନ ଥିଲା । ଦିହିପହରେ ସମସ୍ତେ ତାଟି କବାଟ କଲି ଶୋଇ-ଛନ୍ତି ଏମାନେ କାହା ବାରିର ପିଜୁଳି, କାହା ବାରିର ପଣସ, କାହା ବାରି ନେମ୍ବୁ ପାରିଆଣି ପିଣ୍ଡାରେ ଗଡେଇଦେଇ ଗୁଲିଯିବେ । ଗୋଠରୁ ଗାଈ ଧରି କାଞ୍ଜି ହାଉଦାରେ ପୁରେଇବେ । ତମେ ପଇସା ଗଣି ଆଣୁଥାଅ ଧୋବା ତୁଠରେ ନୁଗା ଶୁଖେଇଛି, ଖଣ୍ଡେ ଦି’ଖଣ୍ଡ ପଥର ତଳେ ନୁଚେଇ ଦେବେ । ଅବଧାନେ ଗୁହାଳୀରେ ନାହାନ୍ତି, ପିଲାଙ୍କୁ କହିବେ "ଆରେ ଯାଅରେ ଅବଧାନ ଘରଠିକି ଗଲେଣି । ଆଜି ଛୁଟି ।" ଏମିତି ଦୁଷ୍ଟପଣିଆରେ ଲୋକେ ବଡ଼ ବିରକ୍ତ ହୁଅନ୍ତି, ଆସି ବାବୁ ଆଗରେ ଫେରାଦ କରନ୍ତି । ବାବୁ ମାରିଲେ ଧରିଲେ କିଛି ଦିନ ତୁନି ତାନି ଥାଆନ୍ତି ପୁଣି ଯୋଉ କଥାକୁ ସେଇ କଥା । ହରି ବା ମାଡ଼ ଖାଇବ କଣ । ଶେଷକୁ ପିଉସି ପିଠିରେ ପଡ଼ି ତାକୁ ମାଡ଼ରୁ ଉଦ୍ଧାରନ୍ତି । ଏମିତି ମୁହଁ ପାଇ ୨ ସେ ବଢ଼ୁଥାଏ ।

କଟକ ପଢ଼ିଗଲା ସେ ପିଉସୀ ସାଙ୍ଗରେ ଗଲେ । ହଠାତ୍ ନଅନ୍ କୋପର୍ସନରେ ମିଶି ଦି ଥର କି ଦି’ଥର ବର୍ଷେ ଖଣ୍ଡେ କଲେଜ ଛାଡ଼ି ଦେଶ ଦେଶ ବୁଲିଲେ । ପୁଣି ବାପଠୁ ତଡ଼ା ଖାଇ ଆଉଥରେ ଆସି ନାଁ ଲେଖେଇଲେ । କୃଷ୍ଣ ଧୀର ଶାନ୍ତ, ଆଉ ହରି ଉଦ୍ଧତ ଉଗ୍ରମୂର୍ତ୍ତି । କୃଷ୍ଣ ଲୋକନାଥ, ହରି ଗୁରୁଚରଣ ସାଙ୍ଗକୁ ବି ମିଳି-ଆନ୍ତି ବେଶ୍ ।

ଦିନାକେତେ ଗଲା । କୃଷ୍ଣର ବାହାଘର କଥା ଉଠିଲା । ବାପ ନ ଥିଲେ ଘର ତ ଅଛନ୍ତି, ମାଁ' ନ ଥିଲେ ଅପା ତ ଅଛନ୍ତି । ଲକ୍ଷ୍ମଣପୁରରେ କନ୍ୟା ଘର ଠିକଣା ହେଲା । ଯେମିତ ସୁନ୍ଦରୀ, ସେମିତ ବଡଘର ଝିଅ । ପାଠ ଶାଠ କିଛି ପଢ଼ି ନ ଥାଏ । ଅ ଅକ୍ଷର ଚିହ୍ନି ଆସେ ନାହିଁ । କିନ୍ତୁ ରୂପରେ ଇନ୍ଦ୍ରାଣୀ ପରି । ନାରେଣୀ ଦେଈଙ୍କ ମନ ମାନିଗଲା । ବଡ ଜାକଜମକରେ ବାହାଘର ହେଲା । ଖୁବ୍ ଦେଏଣ ନେଏଣ ହେଲା ; କନ୍ୟାଘର ଯାନ ଯଉତୁକ ଖୁବ୍ ଦେଇଥାନ୍ତି । ବାହାଘର ବଡ଼ ମଉଜରେ କଟିଲା । ପିଠା ପଣାର ପଣାର ସୀମା ନାହିଁ । ଖାଆଣ ପିଆଣର ପରିଯନ୍ତ ନାହିଁ । କିଏ କେତେ ନେଲେ କିଏ କେତେ ବୋହିଲେ ତାର ସୁମାର ନାହିଁ । ରୋଷଣୀ ଖୁବ୍ ହୋଇ ଥିଲା, ବାଇଦ ଖୁବ୍ ବାଜିଥିଲା, ନାଟତାମସା ଆଚ୍ଛା ହୋଇଥିଲା । କିନ୍ତୁ କୃଷ୍ଣବାବୁଙ୍କ ମନ ଏଥିରେ ବଡ ଖରାପ ହେଲା । ଅକାରଣ ଏତେଗୁଡ଼ା ଟଙ୍କା ବେଫାଇଦା ଖର୍ଚ୍ଚ ହେଲା, ଏଥିରେ ଭେଲା ଦେଶର କାଣିଗୁଏ କାମ ହୋଇଥାନ୍ତା । ଯାହା-ହେଉ ବଡ଼ ଘର ଘଉଜ, ପିଉସି, ଆଉ କୁଟୁମ୍ବଙ୍କ ମୁହଁକୁ ଚାହିଁ କିଛି କହିଲେ ନାହିଁ । ବାହା ସରିଲା । ବୋହୂ ଆସିଲା ଘରକୁ । ରୂପରେ ଅନ୍ଧାର ଘର ଆଲୁଅ ହେଲା । କୃଷ୍ଣ ସବୁ ଦୁଃଖ ପାସୋର ଗଲେ । କିଛିଦିନ ବଡ଼ ଆନନ୍ଦରେ କଟିଲା । ହେଲେ ସବୁଦିନ ନୂଆ କଥା ନ ଥାଏ । ବୋହୂ ତ ଅକ୍ଷର ଜାଣନ୍ତି ନାହିଁ । କୃଷ୍ଣର ଇଚ୍ଛା ତାଙ୍କୁ ପାଠ ପଢ଼େଇବାକୁ । କଟକରୁ ଆଣିଲେ ଗୋଟିଏ ମାଷ୍ଟରଣୀ ; ବୋହୂ କି ପାଠ ପଢ଼ିବେ । ଦିନେ ଅଧେ ବର୍ଣ୍ଣବୋଧ ଧରିଲେ । ଶେଷକୁ ମାନ ମାରି କାନ୍ଦି ବସିଲେ । ସେ କହନ୍ତି ଓଲି ପାଠ ତାଙ୍କ ଜାତକରେ ନ ଥାଏ । ଆପଣା ମାଁ ଜେଜେମାଠୁଁ ଶୁଣି ଥାନ୍ତି, ମାଇକିନିଆ ଝିଅ ଚୁଲିମୁଣ୍ଡକୁ । ତାଙ୍କ ବଂଶଯାକରେ

ବୋଉ ଝିଅ ପାଠ ପଢ଼ି ନ ଥିଲେ । ଅବଶ୍ୟ କୁଆଡ଼େ ତାଙ୍କ ବର୍ଷ-ପର ଗୋଟିଏ ଝିଅ ସ୍ୱାମୀଙ୍କ ବାପଙ୍କ ଘରେ ପାଠ ପଢ଼ିଥିଲେ । କିଛିଦିନ ପରେ ସେ ବିଧବା ହେଲେ ସେ ଯାନୁ ତାଙ୍କ ଘରେ ବିଶ୍ୱାସ ପାଠ ପଢ଼ିଲେ ଝିଅ ବିଧବା ହୁଅନ୍ତି । ଏଠି ପାଠ ପଢ଼ିବାର ଧୂମ୍ ଦେଖି ତାଙ୍କୁ ବଡ଼ ଡର ମାଡ଼ିଲା । ଶାଶୂ ଆଗରେ କାନ୍ଦିଲେ, ତାଙ୍କ କାନ୍ଦଣା ଦେଖି ଶାଶୂ ମାଷ୍ଟରାଣୀଙ୍କି ତଡ଼ିଲେ । ପାଠ ପଢ଼ା ଇତି ହେଲା । କୃଷ୍ଣଙ୍କର ମନ ଏକାବେଳକେ ପୋଡ଼ିଗଲା । ତାଙ୍କ ମନରେ ଯୋଉ ଆଶା ପୋଷିଥିଲେ; ସ୍ୱାମୀ ପାଠ ପଢ଼ିବ ତାଙ୍କ ସାଙ୍ଗରେ ମେଳିମିଶି କାମ କରିବ ସବୁ ଚୁଲିରେ ଗଲା । ଈର୍ଷା ହେଲା ତାଙ୍କ ଟେଡ଼ିକୁ ଶାଶୁଙ୍କ ହାତକୁ କଡ଼ି ।

ଖାଲି ଏତିକି ନୁହଁ, ତାଙ୍କ ବୋହୂଟି କୌଣସି କାମ ଜାଣନ୍ତି ନାହିଁ । ଅଳିଅଳ ଘର ଝିଅ, ପାଣି ଗୋଟିଏ କାଢ଼ି ନାହାନ୍ତି । ହାଣ୍ଡି ଚୁଲି ଉପରକୁ ଟେକି ନାହାନ୍ତି । ଏଠି ସ ଗୁଣର ଗୃହିଣୀର ଅଭାବ ନାହିଁ । ବାପ ବଇଦ ମାଁକୁ ପୁଣି ସାଙ୍ଗରେ ନେଇଥାନ୍ତି । ଆଉ ସେ ପୁଣି କି ଟାଉଟି କରିବେ ? ଦିନଯାକ ଖଟରେ ଶୋଇ ଥାନ୍ତି, ସ୍ୱାମୀ ନ ଥିଲେ ବେଳେ ନୂତେଇ ନୂତେଇ ତାସ କଉଣ ଖେଳ ଲଗାନ୍ତି । ବାର ବେଳେ ବାର ବେମାରି, ସେଥିରେ ପୁଣି ଗହଳ ବର୍ଷେ ଗୋଟିଏ ପିଲା ହେଇଁ ନଷ୍ଟ ଗଲା ଆଉ ତାଙ୍କୁ ଧରିଲା ସୂତିକା ଜର । ସେଥିରୁ ଛ ମାସରେ ଭଲ ହେଲେ । ପଥ୍ୟରେ ରହନ୍ତି ନାହିଁ, ସ୍ୱାମୀ ଶାଶୁ କାହାରି କଥା ମାନନ୍ତି ନାହିଁ, ଭଲ ହେବେ କୋଉଠୁ ? ମନଟି ବଡ଼ ହିଂସାରେ ପୂର୍ଣ୍ଣ । କାହାରି ଭଲ ଦେଖି ପାରନ୍ତି ନାହିଁ, ନୂଆ ଗହଣାକୁ ଜୀବନଠୁ ବଡ଼ ମଣିଥାନ୍ତି । ଏମିତି ବାର ରକମ କଥରେ କୃଷ୍ଣଙ୍କ ମନ ମରିଗଲା । -ସେ କିଏ ଲୋକଙ୍କୁ ଉପଦେଶ ଦେଉଛନ୍ତି । ଘରୁ ଜୁଆ ଛାଡ଼,

ହାତ କଣ୍ଟାସୂତା ଲୁଗାପିନ୍ଧି, ଏଣେ ଘରେ ତାଙ୍କର ବୋହୂ ତାଙ୍କୁ ଅମାନିଆ କରି ଫରୁଲୁଗା, ବାସନା ସାବୁନୁ, ବାସନା ତେଲ, ଅତର ଗୁଡ଼ା ନାହାନ୍ତି । ବାବୁ କହିଲେ ଚରଖା କାଟ । ସାଆନ୍ତାଣୀ କହିଲେ, "ମଲା ମୋର ! ମୁଁ କଣ ତନ୍ତିଆଣୀ, ମୁଁ ବସି ସୂତା କାଟିବି ।" ଶାଶୂ କହିଲେ ତାଙ୍କ ପକ୍ଷ ସତକଥା ବଡ଼ ଲୋକଝିଅ, ଏତେବଡ଼ କାମ ସେ କଣ ପାରିବ; ପିଲାଦିନୁ ଯେ କୁଟା ଖଣ୍ଡେ ଦି'ଖଣ୍ଡ କରି ନାହିଁ । "ଥରେ ସ୍ୱାମୀଙ୍କ କଥା ଜୋରରେ ଚରଖା ବୁଲେଇ ଥିଲେ, ଆଉ ହାତ କଣ ହେଲା, ଟୁଆ ଫାଟି ପଡିଲା କହି କାନ୍ଦିଲେ ।" ମହାନାରାୟଣ ତେଲ ମାଲିସ କରି ସେକ ଦେଇ ତିନି ଦିନରେ ସେ ଭଲ ହେଲା ଖୁଆରୁ ଦରଜ ଗୁଡ଼ିଲା । ସେ ଆଉ ଦେଶ ଉଦ୍ଧାରିବେ କଣ, ତାଙ୍କ ସ୍ୱାମୀ ଆଉ କିଛି କହିଲେ ନାହିଁ । କରମ ଆଦରି ତୁନ ହୋଇ ରହିଲେ ।

ଦିନେ ସନ୍ଧ୍ୟାବେଳେ କଚେରିରେ କେହି ନ ଥାନ୍ତି । ଲୋକନାଥ ଆଉ ବାବୁ ଏକା ବସିଥାନ୍ତି । ସାଆନ୍ତାଣୀଙ୍କ ହାଲ ଲୋକନାଥ ସବୁ ଜାଣିଥାନ୍ତି; ଆଜି କାଲି ବାବୁଙ୍କର ଯେ ଆଗପରି ଫୁର୍ତ୍ତି ନାହିଁ ଏ କଥା ଚତୁର ଲୋକନାଥ ସବୁ ବୁଝିଥାଏ । କେତେ କଥା ହଉଁ ହଉଁ ଘର କଥା ପଡିଲା । ଲୋକନାଥର ବୋହୂ ବଡ଼ ସୁଧୀର, ସ୍ୱାମୀ ଶାଶୁ କଥାରୁ ପଦେ ଟଳେ ନାହିଁ; ଆଉ ସେ କେଇଟା ଦିନ ଭିତରେ ଭଲ ଚରଖା କାଟି ଶିଖିଲାଣି । ତା' କତରୁ ରତନ ଓଟେଫ ନଅରୁଣ୍ଡୀ ବି ଚରଖା ଶିଖି ସେ ପୁଣି ଯୋଉ ସରୁସୂତା କାଟିଲଣି ଗୁଡ଼ । କଥାଟା ବାବୁକାନକୁ ବଡ଼ ମିଠା ଲାଗିଲା । ଦୀର୍ଘ ନିଶ୍ୱାସଟିଏ ପକେଇ କହିଲେ, ନଅରୁଣ୍ଡୀ କି ବାହା ହେଇଥିଲେ ତ ହେଇଥାନ୍ତା । ଅକାରଣେ ଟୋକୁଟିଏ ଆଣି ଟୁଣ୍ଡରେ ବାନ୍ଧି ଲାଭ କଣ ? ତାର ଯୋଉ ତେଜ ମୂର୍ତ୍ତି ମୁଁ କେତେ

ଭୁଲି ପାରିବ ନାହିଁ । ତା' ଭିତରେ କେତେ ଶକ୍ତି । ଅସାଧ୍ୟ ସାଧିଲା ଝିଅ ସେ ।

ଲୋକନାଥ ଅବଶ୍ୟ ସରେ ହସି ଦେଇ କହିଲା, "ମୁଲିଆ ମୁଣ୍ଡର ଝିଅ ରତନୀ, ତାଙ୍କର ମାନ ମହତ କଣ ଯେ, ଆପଣଙ୍କର କୋଉ କାମକୁ କାମ ପାଇବ ? ଦୁଃଖ କଲେ ପେଟ ପୋଷିବେ । ବାବୁ ଗମ୍ଭୀର ହୋଇ କହିଲେ, "ମଣିଷ ରଜା ଗଉଡୁବା ହେଲେ ବି ମଣିଷ ମୁଲିଆ ମୁଣ୍ଡ ହେଲେ ବି ମଣିଷ, ଆଉ ଦୁଃଖ କରି ପେଟ ପୋଷିବା କଥା ଯାହା କହିଲ, ସେଥିରେ ଲାଜ କଣ ?" ଅକାର୍ଯ୍ୟରେ ଲାଜ, ଅଳସ ପଣରେ ଲାଜ, ଗାନ୍ଧିଙ୍କ ଶିକ୍ଷା ଜଣା ଜାଣି ନି ? ଲୋକନାଥ ତାଚ୍ଛୁଲ୍ୟରେ କହିଲା, "ସେ ମସ୍ତ ଖୋରଣୀ, ନଅରୁଣ୍ଡୀ ନାଁ ଡ଼ାକ, ଜାଣୁ ଜାଣୁ ନାଗ ସାପ ବେକରେ ବାନ୍ଧିବ ।"

ବାବୁ କହିଲେ, "ହିଁ ସେମିତ ଗୁଣିଆ ହେଲା ହେଲେ ତ ! ମନ୍ତ୍ର ପଢ଼ି ଜାଣିଲେ ନାଗ ସାପ ବଶ ।"

ଲୋକନାଥ କହିଲା, "ଛି, ଛି, ଗୋ ଧର୍ମ୍ମଭଉଣୀ ସତ, ତା' ବୋଲି ସେ ଖୋରଣୀଟାକୁ କେହି ବାହା ହଉ ନାହାନ୍ତି, ତୁମର ହବ୍ୟ ସୁନ୍ଦର ବୋହୂ ଆଉ ଅ'ଉ—

ଲୋକନାଥ କଥାଟା ଭାଙ୍ଗି ବାବୁ ଟିକେ ଶୁଖିଲା ମୁହଁରେ କହିଲେ ହିଁ ନେଡ଼ି ଗୁଡ଼ କହୁଣୀକି ବୋହି ଯାଉଚ୍ଛି ଲୋକନାଥ ! ସୁନ୍ଦର ନେଇ କେହି ଧୋଇ ପିଇବ ନାହିଁ । ଏମିତ ଅଳସେଇ, ଅକର୍ମ୍ମଣ୍ୟ, ଅହଂକାରୁଣୀ ହଜାରଟା ବଡ଼ଲୋକ ଝିଅକୁ ବାହା ହେବା ଅପେକ୍ଷା ମୁଲିଆମୁଣ୍ଡର କାଳି ହୋଟସି ଝିଅଟିକି ସହଧର୍ମ୍ମିଣୀ କରିବା ଭଲ । ସେ ଦିନ ଆଉ ବେଶି କିଛି କଥା ହେଲା ନାହିଁ ।—

ଲୋକେ ମନେ ମନେ ଖୁବ୍ ଖୁସି । ଶେଷକୁ ସାଙ୍ଗ ମହଲରେ ନ'ତୁଣ୍ଡୀ କଥା ସୃଷ୍ଟି ହୋଇଗଲା । ହରି, ଗୁରୁଚରଣ ମହା ବଗୁଲିଆ । ନଅତୁଣ୍ଡୀ କି ଖବର ବାହା ହେବେ ଶୁଣି ହରି କହିଲା, "ହଉ ହଉ ଆମେ ଆଗ ତାକୁ ବାହା ହବା । ସେ ଏତେ ସୁଧୀର; ତାକୁ ଖାଇ ଚଳେଇ ଜାଣିବେ ନାହିଁ । ମୁଁ ହେଲେ ତାକୁ ଠିକ୍ କରିବି । ବସ୍ କହିଲେ ବସିବ ଉଠ୍ କହିଲେ ଉଠିବ । ମାତକୁ ମହାଦେବ ଡରନ୍ତି; ଗୁରୁ ଝିଅଟା ଡରିବ ନାହିଁ ।" ଗୁରୁଚରଣ କହିଲା, "ସେ କଣ ମାଙ୍କଡ଼ା ଜଙ୍ଗଲର ବାଘଟା କି ? ମୁଁ ଦେଖି-ନେବି ତା' ଠାଣ ।"

ଅବଶ୍ୟ ଏ ସବୁ କଥା ଲୋକନାଥକୁ ଲୁଚେଇ ଲୁଚେଇ ହୁଏ । ଲୋକନାଥ ବିଚରା କିଛି ଜାଣି ନ ଥାଏ । ସେତେବେଳେ 'ଜମି-ଦାରୀରେ କାମର ଧୁମ୍ ଧାମ୍ । ଜମିଦାରବାବୁ ନୂଆ ଢଙ୍ଗର ରାଇଜ ଚଳଉଛନ୍ତି । ଗାଁ ଗାଁ ତାଙ୍କର ଦେଶୀ ଜିନିଷ ପ୍ରଚାର ଲାଗିଛି । ଚରଖା ଚାଲୁଛି, ବଲ୍‌ଡା ହଉଛି, ମିଟିଙ୍ଗି ବସୁଛି । ଚୁଡ଼ା ଉଠୁଛି । ହାଡ଼ି ପାଣ ଜଣ୍ତ୍ରଙ୍କୁ କୁଆଁ ଜାତିଭିତରେ ଆଣିବାକୁ ଯତ୍ନ ଲାଗିଛି । ନ'ତୁଣ୍ଡୀ କଥା ଶୁଣୁଛି କିଏ ?

ସେତେବେଳକୁ ପୁଣି ଗୋଟିଏ ଗୋଟିଏ ଗାଁରେ ଜ୍ୱର ଜର ହେଉଥାଏ; କାହିଁ କାହିଁ ବସନ୍ତ ଲଗିଯାଉ ଥାଏ । ବାବୁ ହାତରୁ ଟଙ୍କା ଖରଚ କରି, ବଇଦ ଓ କବିରାଜ, ଔଷଧ ପଥ୍ୟ, ପଠଉଛନ୍ତି । ତାଙ୍କ କାମରେ ଡର ନାହିଁ । ଲୋକନାଥକୁ ବି ଡର ନାହିଁ । ହରି ଗୁରୁଚରଣ ବି ବସି ନାହାନ୍ତି ।

ଖାଲି ବେଳେ ବେଳେ ବାବୁଙ୍କ ମନ ଦୁଃଖ ହୁଏ, ଦେମା ସୁନ୍ଦରୀ ନିଶି । ରୂପରେ ଉମା ଭଲ ଗୁଣରେ ଉମା ହୋଇ ଥାନ୍ତେ । ଯେ

ଦୁନିଆଯାକଙ୍କୁ ଶିକ୍ଷା ଦେଉଛନ୍ତି ତା' ଘରେ ପୁଣି ତାର ଓଲଟା। ଏ କଥାରେ ଭଲା କାହାକୁ ଦୁଃଖ ନ ଲଗିବ ?

## ଚଉଥା କଥା ।

ଆଗରୁ ଶୁଣିଛ, ଲୋକା ଘରକୁ ବନ୍ଧଆ ଘର, ବାଡ଼କ ବାଡ଼ କାନ୍ଥକୁ କାନ୍ଥ ଲଗିଛି । ଲୋକନାଥ ଘରେ ଲକ୍ଷ୍ମୀଙ୍କ ବାସ, ବନ୍ଧଆ ଘରେ ଦାନା ନାହିଁ । ହତଶ୍ରୀର ଶେଷ ସୀମା । ଏଠି ବାପ ମାଁ ଝିଅ ତିନ ପ୍ରାଣୀ । ହେଲେ ବନ୍ଧଆ ଆଉ କାମକୁ ପାରୁ ନାହିଁ । କିନ୍ତୁ ଅଫିମ ମାତ୍ରା ଦିନକୁ ଦିନ ବଢୁଛି । ଗେଲ୍ହା ଆଉ ରତନୀ ଦୁଃଖ ଧନ୍ଦା କରନ୍ତି, ବୁଢ଼ା ସେଥିରୁ ଅଧା ଅଫିମରେ ଉଡ଼ାଏ । ଗେଲ୍ହାକୁ ପୁଣି ତୁଆକୁତୁଆ ବାତଜ୍ୱର, ଗୋଡ଼ ହେଲାଣି ଗୋଟିଏ ଗୋଟିଏ ଖୁମ୍ବ ପରି । ସେ ବି ଆଗପରି ପାଇଟିକି ପାରୁନାହିଁ । ଅଛି ଏକା ରତନୀ । ଏ ପର୍ଯ୍ୟନ୍ତ ବାହା ସାହା ହୋଇ ନାହିଁ, କେହି ବି ମାଗୁ ନାହାନ୍ତି । ସେ ଆପଣା ପାଇଟି କରେ, ଭଙ୍ଗା ଘର ଆଉ ବୁଢ଼ାବୁଢ଼ୀଙ୍କି ଆବୋଡ଼ିକରି ଥାଏ । ଖାଞ୍ଜଣା ଅସୁଲ ନ ହେଲାରୁ ଜମିଦାର ଉଠେଇ ଦବାକୁ ବସିଲେଣି । ଏଣେ ତିନବର୍ଷ ହେଲା ଘର ଛୁଆଣି ଛପର ନାହିଁ, ଠାଏ ଠାଏ କାନ୍ଥ ଭାଙ୍ଗିଗଲାଣି, ଚାଳରେ ବଡ଼ ବଡ଼ କଣା । ବର୍ଷା ଦିନରେ ଲୋକ ଓଳି ଛଡ଼ା ଆଶ୍ରା ଭରସା କେହି ନାହିଁ ।

ଲୋକ ଘର ଆଜିକାଲି ଅନ୍ୟ ଢଙ୍ଗର ହେଲାଣି । ଦୁଲି ମଲାଣି । ଯତନୀ କୋଡ଼ିକାଲୁ ଶାଶୁଘର କଲାଣି, ତାର ଆଜିକାଲି ତିନୋଟି ପିଲା ! ଲୋକର ବି ବୋହୂ ଆଇଲାଣି । ତାର ବି ଗୋଡ଼ାଏ

ଢନୋଟି ଗୁଡ଼୍‌ରୁ ଗାଡ଼୍‌ରୁ ହେଲେଣି । ଲୋକ ବୋହୂ ମିଳାପୀ ମଣିଷ ସତ, କିନ୍ତୁ ନିଜ ପଇସା ପଥକୁ ଖର ଆଖି । କହନ୍ତି କଥାରେ ଶ୍ଳେଟକୁ କେ ଦେଲା ବଡ଼ପଣ ତା' ଠେଇ ନାହିଁ ଥା'ନ ମାନ । ଲୋକା ବଗବଗି ଥାଏ ତା' ବାବୁ କଡରେ । ବାବୁର ଜମିଦାରୀ ବୁଝାସୁଝା କରେ । ମଝିରେ ମଝିରେ ହପ୍ତାଏ ଝଟେଣ୍ଟ ଛୁଟି ନେଇ ଘରକୁ ଆସେ । ଗେଲ୍‌ହା ଆଉ ରତନା ବୋହୂଟିକି ଆଦେବାଡ଼ି ଥାଆନ୍ତି, କିନ୍ତୁ ବୋହୂଟି ମୁହଁରେ କିଛି ନ କହିଲେ ସୁଦ୍ଧା ସ୍ୱାଙ୍କ କରତାପଣିଆ ସୁଖ ପାଏନାହିଁ । ଗରଜ ପଡ଼ିଲେ ଲୋକେ ଗଧ ପାଦ ଧରନ୍ତି । ଏହିଟା ଜାଣିଥିବାରୁ ଚତୁରୀ ସାରଦା କେବେ ହେଲେ ସ୍ୱାଙ୍କୁ ହଟି କରି ପଦେ କହେ ନାହିଁ । କିନ୍ତୁ ମୁଠିଏ ଚାଉଳ କେବେ ଦେବାକୁ ଚାହେଁ ନାହିଁ । ଚଣ୍ଡମ ଖୋରଣୀ ସତ, ରତନାର କିନ୍ତୁ ଲୋକା ଭାଇଟି ବଡ଼ ମାୟା । ତା' ପିଲାଙ୍କର ବାରପାଇଟି କଲେ ତାକୁ ଅସୁଖ ଲାଗେ ନାହିଁ । ସେ ଜାଣି ଦୁଃଖୀ, କାହା ସାଙ୍ଗେ ନଡ଼ିବ ଯାଇ ? ଲୋକା ଘରେ ଥିଲେ ଖୁବ୍ ଦଆ ନଆ କରେ । ତେବେ ପଇସା ଲୋଭ କାହାଠି ନାହିଁ ?

ଏତେ ଦୁଃଖ ହେଲାଣି, କିନ୍ତୁ ମାଁ ଝିଅ ଖୋରଣୀ ପଣ ଛାଡ଼ି ନାହାନ୍ତି । ଏ ପାଖ ସାହିରେ ସ୍ୱାଙ୍କ ଜାତଘର କେହି ନ ଥାନ୍ତି । ଏହିଟା ଦରଜୀ ସାହି । ପ୍ରାୟ ୨୫ ବରଷ ତଳେ ଖରଯା କଥାରେ ପଡ଼ି ବଡ଼ଆ ଭିନ୍ନ ହେଇ ଆସି ଏ ସାହିରେ ଘର କଲା । ଆଗେ ତାଙ୍କ ଘରଥିଲା ଖଣ୍ଡେଇତ ସାହି ବାଇଧର ଜେନା ଘରେ । ତା' ବାପ ଉଦଆ ଜେନା ଦଦାଆର ଖୁଡ଼ୁତା, ମସ୍ତ ମହାଜନ । ଧାନ ଚାଉଳ କାରବାର । ସେ କିନ୍ତୁ ଅନେକ ଦିନ ହେଲା ମଲେଣି । ତାଙ୍କ ପୁଅ ବାଇଧର ଜେନା ଆଜକାଲି ମାଲିକ । ତାଙ୍କ

ନାଁ ଗାଁ ଦଶକୋଶ ବାଟରେ ପଡ଼ୁଛି । ଟଙ୍କା ଲକ୍ଷେ ଖଣ୍ଡେ ଘରୁ ଗଣି ଦେବେ, କିନ୍ତୁ ଲୋକଟି ଯେମିତ କାମ୍ପେ ସେମିତ ଜାଲିଆ । ଲୋକେ କହନ୍ତି ତା' ନାଁ ଧରିଲେ ସେ ଦିନ ଭାତ ମିଳିବା ଦୁଷ୍କର । ତା' ନାଁର ଏତେଡ଼ କରାମତି । ସେ ଯେ କେତେ ଲୋକର ଜମି ମାରିଛି, ସମ୍ପତ୍ତି ମାରିଛି ତାର ସୀମା ନାହିଁ । ବଢ଼ିଆର ସର୍ବସ୍ୱ ମାରି ତାକୁ ଭିକାରୀ ଦଶା କରେଇ ସୁଦ୍ଧା ତାର ତୃପ୍ତି ନ ଆଏ । ଟଙ୍କା ଯେ ତା'ଠୁ ଥରେ ଧାରି ଆଣିଲା ଜାଣ ସେ ମୂଳରୁ ମଲା । ଗଲା ତାର ତାଟି କବାଟ ଉପରେଇ ନେବ ।

ଥରେ ବଢ଼ିଆର ବଡ଼ ଦୁଃଖ ହୋଇଥିଲା । ଆଉ କିଛି ଉପାୟ ନ ପାଇ ତା'ଠୁ ଟଙ୍କା ୨୦ ଟା କରଜ ଆଣିଲା ଭାବିଲା ଭଲ ! ଗେଲ୍ହୀ ଯେତେ ମନା କଲା ମାନିଲା ନାହିଁ । ସେହି ଟଙ୍କା ବଢ଼ି ବଢ଼ି ସୁଧ ମୂଳ ମିଶି ଟ ୩୦୦ ଙ୍କା ହେଲା । ବାଇଧରକୁ ବାଗ ମିଳିଲା । ବଢ଼ିଆର ଘର ଖଣ୍ଡିକ ନିଲାମ କରି ନେଇ ଗଲା । ପରିବାରଟି ଲୋକନାଥ ପିଣ୍ଡାରେ ଆଶ୍ରା ନେଲେ । ଗେଲ୍ହୀ ସେ ଦିନ ବାଇଧରକୁ ଅଭିଶାପ ଦେଇ ଦେଇ କେଜାଣି କେତେ ଠୋପାଏ ପାଣି ପିଇଛି ।

ବଢ଼ିଆର ସବୁ ଗଲା, ଚାଷ ନାହିଁ, ଦାନା ନାହିଁ କନା ନାହିଁ, ବେକରେ କୋଡ଼ିଏ ବରଷର ଝିଅ ବନ୍ଧା, ଭାବନାର ଏ ଅବସ୍ଥା । ଭାବି ଭାବି ତାକୁ ଜର ହେଲା । ଜରରେ ବଢ଼ିଆ ସେ ପୁରକୁ ଗଲା । ଗେଲ୍ହୀ ବିଧବା ହୋଇ ଆହୁରି ଦୁଃଖରେ କାଳ କାଟିଲା । ସେବି ଆଉ କାମକୁ ପାରିଲା ନାହିଁ । ରତମା ଏବେ କରିବ କଣ ? ତାକୁ କିଛି ବୁଦ୍ଧି ବାଟ ଦିଶିଲା ନାହିଁ । ଅଣ୍ଟାରେ ଲୁଗା ଭିଡ଼ି ଦାଣ୍ଡକୁ ବାହାରିଲା । ତା' ଖୋରଣୀ ପଣ ସକାଳେ

ତାକୁ ମୂଲ ବି ବେଶି ମିଳୁ ନ ଥାଏ । ଶେଷକୁ ବୁଦ୍ଧି କରି ଠେଙ୍ଗିଆ ଧରି କାଠକଟାଳୀ ବାଉରୁଣୀଙ୍କ ସାଙ୍ଗେ ବଣକୁ ଗଲା । ତା' ଦେହରେ ଘର ବଳ କାଠ ହାଣିଲା, ବିଡ଼ା ବାନ୍ଧିଲା, ମୁଣ୍ଡରେ ମୁଣ୍ଡେଇ କାଠ ବିକିଲା, ସେଇଥିରେ ଦୁଃଖେ ସୁଖେ ତା' ଦିନ ଚଳିଲା । ତା' ଆଗକୁ କେହି ନାହିଁ ପଛକୁ କେହି ନାହିଁ ସେ କରିବ କଣ ? ଘରେ ଲୁକ କରି ବସିଲେ ତ ଆଉ ଭାତ ମୁଠାଏ କେହି ଦୟାକରି ଦେବ ନାହିଁ ।

ହେଲେ ଝିଅର ଅର୍ଜନ ଖାଇ ଗେଲ୍ହା ମନରେ ସୁଖ ନ ଥାଏ । ଦୁନିଆଯାକ ଲୋକଙ୍କ ବାହା ହେଉଛନ୍ତି ତା' ଝିଅଟାକୁ ବର ମିଳିଲା ନାହିଁ, ଶେଷକୁ ବୁଢ଼ୀ ହୋଇ ଘରେ ବସିଲା, ଜନ୍ମ ଗଲା ବାଡ଼ ଚଳା, ଘର ଗଲା ଦ୍ୱାର ଗଲା, ବାପ ମଲା । ରତନୀ ଏତେ ହୀନିମାନି ହବା ପାଇଁ ଜଣ ଜନମ ପାଇଥିଲା ? ଏ କଥା ଭାବି ଭାବି ଥରେ ଥରେ ତା' ମନ କଣ ହୁଏ ସେ ଭାରି କାନ୍ଦେ । କିନ୍ତୁ ତା' କାନ୍ଦ ଦେଖୁଛି କିଏ ?

ଲୋକେ ଯେତେବେଳେ ଘରକୁ ଆସେ ସେତେବେଳେ ଗେଲ୍ହା ଲୋକେ ସାଙ୍ଗେ ଲାଗି ଲଗାଏ, ତୁ ରତନୀକୁ ହାତକୁ ଦି ହାତ କର । ହେଲେ ଲୋକେ କଣ ରତନୀ ପାଇଁ ଚକରେ ବରଟା ଗଢ଼ିବ ନା ସରଗରୁ ତୋଳି ଆଣିବ ? କିନ୍ତୁ ଗେଲ୍ହା ସେଇଟା ବୁଝିଲେ ତ ହୁଏ । ଦିନେ ପିଣ୍ଡାରେ ବସି ରାଗରେ ତମ ତମ ହୋଇ କହିଲା ମୋ' ଝିଅ କାଣି ନୁହେଁ କି କୁଜୀ ନୁହେଁ, ଓଟଲଇ ନୁହେଁ କି ଗ୍ରେଟଣୀ ନୁହେଁ ତାକୁ ପୁଣି ବର ମିଳିବେ ନାହିଁ । ତା' ଗୋଡ଼ତଳକୁ ଗଣ୍ଡା ଗଣ୍ଡା ବର ଆସିବେ । ଆମ ହୁଡୁକୁଳ ବୋଲି ନେଉନୁ ପଡ଼ୁଛି; ନଇଲେ ମିନତି ନପାଠଶାଳି

ସଦେଇ ମହାରଣା ଝିଅ ବନ୍ଧୁ କେମିତି ଆପଣା ବଳରେ ବା' ହୋଇଗଲା । ସେମାନେ କଇସ୍ତାମା ! ତାଙ୍କ କଥା ଦୋସର; ନୋହିଲେ ଗୁର ଲୋକା ଠାର ଗୋଡ଼ ଧରନ୍ତେ କାଆଁ । ତା' ବୋଉଠୁ କଣ ମୋ ଝିଅ ଭଲ ନୁହଁ ? ପାଣୁ ମାଁଠା ଏବେ କି ସୁନ୍ଦର ଠାକୁଆ ଗଲା; ଉଞ୍ଚକପାଳୀ, ନଳି ଗୋଡ଼ !—

ଆର ଘରେ ସାରଦା ବସି ଗନ୍ଧୁଥିଲା, ତା' ମାଁ କଣ୍ଠରେ ବସିଥିଲା । ସେ ବୁଢ଼ୀଟି ଖୁବ ଖେରଣୀ; ତା' କାନରେ ଗେଲ୍ହୀର ବଦ୍ନାମ ବାଜିଗଲା । ସେଠି ରନ୍ଧାଘରୁ ବାହାରି ପଡ଼ି, ହାତ ହଲେଇ, ମୁହଁ ହଲେଇ ନାକକୁଞ୍ଚାଡ଼ି କହିଲା "ମୋ' ଝିଅଠାକୁ ବାମ୍ଭନବୁ ଲୋ ଅଇଁଠା ଖାଇ ତୋର ଏତେ ଗରବ । ଏବେ ବାହାର ମୋ ଘରୁ ଏବେ ବାହାର୍ କହୁଛି ନ କହିଲାରୁ ମୁହଁ ବଢ଼ି ଯାଉଛି ।" ଏ କଥାରେ ଗେଲ୍ହୀ କାନ୍ଦୁନ ହବା ଲୋକ । ସେ ଉଠି ଲୁଗାକୁ ଅଣ୍ଟାରେ ଭିଡ଼ି ଦେଇ ଲୋକା ମାଁ ସାଙ୍ଗେ ଧନଯାକ କଜିଆ କଲା ।

ଶେଷକୁ ସଞ୍ଜ ଗୁଞ୍ଜୁ ଗୁଞ୍ଜୁ, ମାଁ ଝିଅଁ କାଂସା ଢ଼'ପଟି, ଢକଣ ମଣିଆ ଚୁଣ୍ଡା ଗୁଦୁଡ଼ି, ଆଉ ଅଉ ତାଙ୍କର ଟ୍ରେଟିଆ ,ମୋଟିଆ ଟଳସବୁ ଧନ୍ଧିଲେ । ଗେଲ୍ହୀ ପଟି କରୁଥାଏ ଶୋଧୁଥାଏ, କହୁଥାଏ, ମଲା ମୋର ଦୁଃଖ ଧନ୍ଦା କଲେ ପେଟ ପୋଷିବୁ, ବାର ଲୋକଙ୍କ କଥା କାଆଁ ସହିମୁଁ । ଲୋକା ନ ଥାଏ, ଭଗବାନ ପୁରରେ ତା' କଟସ୍ତିଠି ଥାଏ । ସେ ଥିଲେ କେଜାଣି ଗେଲ୍ହୀ ବାହାର ଯାଇ ନ ଥାନ୍ତା ।

ମାଁ ଝୁଅ ଯୋଉଠୁ କିଛି କହିଲେ ନାହିଁ, ଗେଲ୍ହୀ ବି ଆପଣା ପିଲା ହାତ ଧରି ଚଳଚଳ ମୁଣ୍ଡରେ ମୁଣ୍ଡେଇ ବାହାରି ଗଲା । ସେତେବେଳେ ପାଣି କହୁଛି ମୁଁ, ପବନ କହୁଛି ମୁଁ । ଘଡ଼ ଘଡ଼

ଘଡ଼ଘଡ଼ ମାରୁଛି, ଝମ ଝମ ମେଘ ପକାଉଛି, ଝିଲ୍ ଝିଲ୍ ବିଜୁଳି ମାରି ଦଉଛି । ହେଲେ ମା ଝିଅଙ୍କ ଦେହ ଅକାଠ । ରାଗରେ ବ ଆହୁରି ଅକାଠ ହୋଇଥାନ୍ତି ।

ମା ଝିଅ ବାହାରି ଗଲେ । ମୁହଁକୁ ମୁହଁ ଦିଶୁନାହିଁ, କଟି କଟି ଅନ୍ଧାର ମାଡ଼ି ଆଇଲାଣି । ଖୋରଧା ବାଟ ଧରିଥିଲେ, ବାଟ ନ ପାଇ ଅନ୍ୟ ସଡ଼କରେ ଯାଇ ଉଠିଲେ । ବୁଲୁଛନ୍ତି ବାଟର ପରଯନ୍ତ ନାହିଁ; ସେତେବେଳେ ଜ୍ୟେଷ୍ଠ ମାସ । ବନ ଯାକ ଟାଣ ଖରା ହୋଇଥିଲା, ସଞ୍ଜ ପହରୁ ଧରିଛି ବରଷା, ଜହ୍ନ ଉଠିବାକୁ ନାହିଁ । ବାଟ ପାଖରୁ ମହୁଲ ବାସନା ନାକରେ ବାଜି ଯାଉଛି । ମହୁଲ ଖାଇବାକୁ ଭାଲୁମାନେ ଭାରି ଭଲପାନ୍ତି । ସତକୁ ସତ ଗୋଟାଏ ମହୁଲ ବୁଦା ମୂଳେ ଭାଲୁଟାଏ ଘୁଙ୍କୁ ଘୁଙ୍କୁ ହଉଥାଏ । ଗେଲ୍ହୀ ତାକୁ ଦେଖି ସାରିଲାଣି । ଯେତେ ହେଲେ ମାଇକିନା ଲୋକ, ତା' ଛାତିରୁ ନିଆଁଟାଏ ଖେଳି ପଡ଼ିଲା । ହାତରେ ଅସ୍ତ୍ର ଭିତରେ ଗୋଟିଏ କୁରାଢ଼ି ଆଉ ଲଣ୍ଠନ ହାତରେ ଥାଏ ଟାଙ୍ଗିଥାଉ ।

ବାଘ ହଉ ଭାଲୁ ହଉ, ଯମର ଭେଟିଲେ ଗେଲ୍ହୀ ଆଉ ନ ଫେରନ୍ତି । ଆଉ ବା ଜୀବ କୁଆଡ଼େ । କଣରେ ଗାଁ ଗଣ୍ଡା ଦିଶୁନାହିଁ । କେଉଁଠି ଟିକେ ଆଲୁଅ ନାହିଁ, ଜନ ପ୍ରାଣୀର ଶବଦ ନାହିଁ । ନିଘ୍ନ-ଟିଆ ନିଶୂନ ରାତି ! ପୁଣି ପ୍ରାଣ ଉପରେ ତ ପଡ଼ିଛି । ଗେଲ୍ହୀ ମନେ କହୁଛି ଯା ହବାର ହବ । ବାଘ ଆସୁ ଭାଲୁ ଆସୁ ଏଇ ଟାଙ୍ଗିଆରେ ଏକା ଚୋଟେ ଦେବ ଯେ ଦି'ଗଡ଼ ହୋଇ ପଡ଼ିଥିବ । ତା' ମନ କଥା ମନରେ ଅଛି, ମଁଶିଷ ଗନ୍ଧ ବାରି ଭାଲୁଟ ଗର୍ଜନ କରି ଧାଇଁ ଆଇଲା । ଗେଲ୍ହୀଙ୍କ ଦଧାଡ଼ା ବନ ଦେଲା ପରି ସେ ଆଉ କିଛି ନ ପାଇ କୁରା-ଢ଼ିରେ ଦେଲାତ ଏକାଚୋଟେ ତା' କାନ୍ଧରେ ବନା ? ବଡ଼ ଜନ୍ତୁ

ହେଲେ କଅଣ ହବ ଖଲୁ ବଢ଼ ଡ଼ରକୁଲ । ସେତ ଉଡ଼ୁଛି ପଳେଇଛି ଜଙ୍ଗଲକୁ । ଗେଲ୍ହା ବଡ ଜୋରେ ମାରିଥିଲା । ଖଲୁର ନିଶ୍ଚେ ଜାଗାଏ ଦ' ... ଖଣ୍ଡିଆ ହୋଇଥିବ । ସେତବେଳକୁ ଝିଲ ଉଇଁ ଆସିଲାଣି । ବରଷା ବି ଛାଡ଼ି ଗଲାଣି ସାହାସରେ ପୁଣି ମାଁ ଝିଅ କେତେ ଦୂର ଗଲେ । ନବୁଜ ବଣ ଭିତରୁ ଗୋଟିଏ ଝିକ ଆଲୁଅ ହଟାତ୍ ଦୁଶିଗଲା । ଗେଲ୍ହା ବଗୁରିଲା ଆଲୁଆ ଯେତେବେଳେ ଦିଶିଲାଣି, ଏଠେ ନିଶ୍ଚେ ଗାଁ ଗଣ୍ଡା ଅଛି । ମଣିଷ ନ ଥିଲେ ଆଲୁଅ ଜଳେଇବ କିଏ ? ଆଲୁଅକୁ ଅନେଇ ମା ଝିଅ ଚାଲିଲେ ଫମେ ଜଙ୍ଗଲ ପାରହୋଇଁ ପଶିଲେ ଗୋଟିଏ ଗାଁ ଭିତରେ । ସେଠି ଅନେକ ଲୋକ । ସାନ ' କୁଡିଆଟିମାନ, ପତର ଛାଆଣି ଲୋକଙ୍କ ଦେହେର ଯମଦୂତ ପରି ଆକାର ପ୍ରକାରରୁ ସେଅର ଶଅରୁଣୀ ପରି ଦିଶୁଥାନ୍ତି । ଗେଲ୍ହା ଆଉ ଉତମାକୁ ଦେଖି କେତେ ଲୋକ ପିଲା, ଯୁବା, ବୁଢ଼ା ପୁରୁଷ ସ୍ତ୍ରୀ ଧାଇଁ ଅଇଲେ । "ତମେ କିଏ ଲୋ ' " କି ଜାଣି ଶହେ ଜଣଙ୍କ ମୁହଁରୁ ବାହାରିଲା । ତାଙ୍କ କଥାରେ ପଦେ ଦ'ପଦେ ଜବାବ ଦେଇ ଗେଲ୍ହା ଗୋଟାଏ କାଠ ମୁଣ୍ଡିଆ ଉପରେ ବସିଗଲା । ତା' କଡରେ ଉତମା ବସିଲା । ମୁଣ୍ଡରୁ ଟଜ ଓହ୍ଲେଇ ଭୁଇଁରେ ଥୋଇଲେ । ଲୁଗାପଟା ସବୁ ପାଣି ସଡ଼ ସଡ଼ ହୋଇଥାଏ । ତାଙ୍କୁ ଚିପୁଡ଼ିଲେ ।

ଶଅର ଶ୍ରେଷ୍ଠ ଜାତି ହେଲେ କଅଣ ହବ, ତାଙ୍କପରି ମାନ୍ୟମନ୍ଦା ଶୀଳ କେଇଟାଜଣ ଅଛନ୍ତି ? ଫେହିକିଣି ତାଙ୍କୁ କିଏ ଘରକୁ ଡାକିଲା, କିଏ ଖାଇବାର ଯାଚିଲା । ହେଲେ ଗେଲ୍ହା ତାଙ୍କ ହାତରୁ ପାଣି କେମିତ ଛୁଇଁବ, ସେ କହିଲା ଏଠି ଟଙ୍କା ଖଣ୍ଡେ-ଇତ ଘର କି, ଗୁଡିଆ, ଗଉଡ଼ ଘର ନାହାନ୍ତି । ଗେଲ୍ହା କଥାରେ କଟଣ ବୁଢ଼ି କହିଲା; ହଉଲୋ! ନାନି ଆଜ ସତକ ଏଠ ରହ କାଲି

ସକାଳେ ଦେଖେ ଅମ ସାଆନ୍ତ ଘର କଡ଼ ବଣିପଡ଼ାରେ ଗୁଡ଼ି ଦବୁ । ସେଠି ଅନେକ ଚଷାଘର ।

ବଡ଼ କଷ୍ଟରେ ରାତି ପାହିଲା । ଶଉରୁଣୀ ବୁଢ଼ି ଆପଣା କଥା-ମତେ ମାଁ ଝିଅଙ୍କୁ ନେଇ ଦନେଇ ପାଞ୍ଚ ଘରକଣ ଗାଁରେ ଗୁଡ଼ି-ଦେଲେ । ସେଠି କିଜାଣି ଦଶ ଘର ଚଷା ଥିବେ । ମଣିଷକୁ ମଣିଷ ଅଣ୍ଟା । ଗେଲ୍‌ହିଙ୍କ ବି କାଳୁ ପରିଡ଼ା ଘରେ ବାସ ମିଳିଗଲା ।

ଗେଲ୍‌ହି ଆପଣା ଦୁଃଖ ଧନ୍ଦା କରେ; କାଳୁ ପରିଡ଼ାର ତେଙ୍ଗି ଗୁଳିଆରେ ମାଁ ଝିଅ ଦି' ମୁଠା ଫୁଟେଇ ଖାଆନ୍ତି, କାନପାରି ଶୁଅନ୍ତି । କାଳୁ ଘରର ବୋଲବାଣୀଃ ନଡ଼ ନାଁ କରି ଦିଅନ୍ତି । କାଳୁ ପରିଡ଼ା ପରି ଲୋକ ଦେଖେ ପାଇବ ନାହିଁ । ବଡ଼ ସରଳ, ନନ୍ଦ ଫନ୍ଦ କିଛି ଜାଣେ ନାହିଁ । ତା' ଘରଜାଟି ବି ଦୁର୍ଗାଟିଏ । ରୂପ ଯେମିତି ଗୁଣ ସେମିତି । ହେଲେ ମାଣିକ ପେଟରୁ ପଥୁରି ଜାତ । କାଳୁର ପୁଅ, ଜଲୁ ପରିଡ଼ା ଭୁଷ୍ଟା ଗୋଟିଏ ଶଇତାନ । ଗୋଟିଏ ବୋଲି ପୁଅ, ବାପ ମାଁ ବଡ଼ ଗେଲ ଦସରରେ ବଢ଼େଇଥିଲେ । ସେଇଯୋଗୁ ସେ ନାଁ ବାପକୁ ମନେ ନା ମାଙ୍କୁ ମାନେ । ଯେମିତି ବଜାଲି, ସେମିତି ଦୁଷ୍ଟ । ଘରଯାକୁ ତ ଚୁଲି ଗୁଳରେ ବାସ ଦିଏନା । ପଇସାଟିଏ ଦିନେ ରୋଜଗାର ନାହିଁ, ହେଲେ ଘରୁ ମାଁର ସୁନା ପହଁଚି, କଣ୍ଠି କାଢ଼ି ନେଇ ବଣିଆ ଦୋକାନରେ ବନ୍ଧା ପକେଇ ଦବ । ବାକ୍ସ ଫିଟେଇ ଟଙ୍କା ନେଇ ଚାଲିଯିବ ।

କାଳୁ ପରିଡ଼ା ରତନଙ୍କ ଦେଖିଲା ଦିନୁ ତା' ମନେ ଥାଏ ରତନଙ୍କ ବାହା ହେବ । ହେଲେ ମା ବାପ ତା କରେଇ ଦେବେ ନାହିଁ । ଦୁଷ୍ଟ ତ, ଚେଷ୍ଟାକୁ ମନରେ ଗୋଟିଏ ବୁଦ୍ଧି ପାଞ୍ଚିଲା । ରତ-ନଙ୍କ ନେଇ କଲିକତା ଗଲେ କୋଉ ମାଁ କରିବେ କଣ ? ଏକଥା

ଖୁବ ଦିନେ ରତନଙ୍କ କହିଲା । ଝିଅଟେ ଲେ ଦେନ ଦେଇ ହେଉଛିବ । ରତନ ଏକଥା ଶୁଣିକ ଅଉ ଟିକି ଠରେ । ଲାଗିଲା ଧୁମାଧୁମ କଜିଆ । ଗେଲ୍‌ହା ତାକୁ ମାଡ଼ିବାକୁ ଗୋଡ଼େଇଲା । ନାନୁ ମାଁ କେତେ କାନ୍ଦିଲା । ତା ଶୁଣେ ରତନଙ୍କ ଅଭିଶାପ ଦେଲା । ହେଠ ମା ଝିଅଙ୍କ ବାସ ଉଠିଲା । ଚାଲେ ନଟି ବାଡ଼ିକ ଦଉଡ଼ି ରହିଲେ । ତା ବୋଉ ଖବର ଟୋରଣୀ । ସେ କାନ୍ଦିଦେଇ ମୁଣ୍ଡ ହାଣ୍ଡି ଭଲରେ ଚଳିଲା, ପୁଣି ସେଠିକ କଜିଆ ନଗେଇ ଯାଇ ଏକାବେଳେ ରହିଲେ ବ୍ରାହ୍ମଣ ସାହି ଅର୍ଜୁନ ମିଶ୍ର ଘରେ ।

ଅର୍ଜୁନ ମିଶ୍ର ବ୍ରାହ୍ମଣ, ପୁଣି ବଡ଼ ଲୋଭୀ, ତାର ଗାଇ ବାଛୁରି ପଡ଼ି ଘଲେ ପିଲା ; କୁଟୁମ୍ବ ହେଉ ଦଶପନ୍ଦର ଜଣ, ଖାଇଲା ମାଁ ଝିଅ ଦୁହାଁ ଯାକ ଖଟିବେ, ଖାଇମୁଠାଏ ଲୁଗା ଖଣ୍ଡେକୁ ଏମିତି ଦେଇଲେ କେଇଟା ମିଳିବେ । କିନ୍ତୁ ଗେଲ୍‌ହା ଗୁଣ ସେ ଜାଣି ନ ଥିଲା । ଗେଲ୍‌ହାକୁ ନେଇ ବିଚରା ବଡ଼ ବିପଦରେ ପଡ଼ିଲା । ତା ଘର ହେଲା କଳହ-ପୁରୀ । ସକାଳେ ଦେଖ କଜିଆ, ସଞ୍ଜେ ଦେଖ କଜିଆ, ଦି ପହରେ ଦେଖ କଜିଆ । ରାତି ଅଧରେ ଦେଖ କଜିଆ । ରତନତ ଅଣ୍ଟା-ଭିଡ଼ି ତା ପିଲାଙ୍କ ସାଙ୍ଗେ କଜିଆ କଲା । ବେଳେବେଳେ ଦିଟା ଥୋଇ ଦେବାକୁ ବି ଭୁଲିଲା ନାହିଁ ।

ଏମିତି ହେଲେ ମୁଣ୍ଡଙ୍କର ଦିନ ଚଳେ । ଟୋରଣୀକି ବାସ ମିଳିବ ପୁଣି କୋଉଠି ?

ଏ ମାଁ ଝିଏ ତ ବାଟିଟାରେ ରହିଲେ ଏଣେ ଲୋକ ମାନଙ୍କ ଟବର ଦାଇ ମହା ମୁସ୍କିଲରେ ପଡ଼ିଲା । ପିଲାଟିକାକୁ ଟେଲ୍‌ହାକୁ ମ ଦେଇ ରତନଙ୍କ ଭଉଣୀଟିଏ । ମାନ ହୁଏ, ମାୟାମମତା ବି ଲାଗି

ଯାଉଥିଲା, ଖରଯାକୁ ସଂଗୁକୁ ବନ୍ଦେ ଶୋଧିଲା; ଶେଷକୁ ବାବୁକୁ
କହି ଗାଁ ଗାଁ ଲୋକ ପଠେଇ ଖୋଜେଇଲା ।

ବଣିପଡ଼ା ସରଡେଇପୁରକୁ ବାଟ ଦଶ କୋଶ ହବ । ଲୋକାକୁ
କଏ କହିଲା ଗେଲ୍ହୀ ରତ୍ନା ସେଇଠି ଅଛନ୍ତି । ଲୋକା ଯାଇ
ବଡ କଷ୍ଟରେ ତାଙ୍କୁ ସେଠୁ ବୁଝେଇ ବାଝେଇ ଘରକୁ ଆଇଲା ।

ସେତେବେଳକୁ ସାରଦାର ଚିଲାପିଲାର ସମ୍ଭାବନା । ସେବ
କାମଠା ଭୁଲେଇ ନବା ଆଶାରେ ମୁହିଁ ଉପରେ ଆଉ କଛି କହିଲା
ନାହିଁ । ଘରେ ତ ଲୋକା ସ୍ତ୍ରୀଙ୍କୁ ଥଣ୍ଡ ଥାଣ୍ଡ କର ଦେଇଗଲା ।
ଏବେଶ ଜାତିବାଲା ତାକୁ କଲେ ଜାତରୁ ଅଟକ । ଗେଲ୍ହୀ ଆଉ
ତା'ଝିଅ ଏବେ ଦନ କୁଆଡ଼େ ଥିଲେ । ତାଉଷୀ ହାଣ୍ଡିରେ ଖାଇ-
ଛନ୍ତି କି ହାଡ଼ ହାଡ଼ରେ ଖାଇଛନ୍ତି କଏ ଜାଣେ । ମାଇକନିଁ ଝିଅ
ଘରୁ ଗୋଡ଼ କାଢ଼ିଛନ୍ତି, ତାଙ୍କୁ ପୁଣି ଏ ଘରେ ପୂରେଇଲା ।

ମାଏ ଲୋକା ଜାତକ କୋଉ ଖାତର କରେ । ତା'ଖରଯା
ଟଳଭଳ ହେଲାରୁ କହିଲା, "ମ, ଏସ୍ତ୍ରୀକୁ ସାଇବ କଣା, ମୋ'
ଆଣ୍ଠୁ ଆଡ଼ୁ ବୁଝାମଣା;" ଏଇ ଅଲ୍ହୀଆ ଜାତକ ମୁଁ ଡରବ । ଲୋକେ
ମଦ ଗଞ୍ଜେଇ ଖାଇଲେ ତାଙ୍କ ଜାତ ଯାଉ ନାହିଁ । ଗଣ୍ଡ ଅରଖିତଙ୍କ
ଜମିବାଡ଼ି ବୁଡ଼େଇ ଦେଲେ ତାଙ୍କୁ ପାଞ୍ଚ ପଞ୍ଚୁରୁ ଷଜା ନାହିଁ ।
ଲୋକ ଦ'ଟାକୁ ଆଶ୍ରା ଦେଲାରୁ ହେଲା ମୋର ମହାପାପ ।
ଥାଉନ୍ତୁ ତାଙ୍କ ଜାତ ନେଇ ସେମାନେ । ମୁଁ ତାଙ୍କୁ ଡ଼ରେ
ନାହିଁ । ତା' ଖରଯା ରୂପ । ଏଗାରରୁଣ୍ଡୀ, ନଅରୁଣ୍ଡୀ ସକାଶେ
ଲୋକନାଥ ଜାତରୁ ଅଟକ ହେଉଛି, ଏ କଥା ଜମିଦାର ବାବୁ
ଶୁଣି ପାରିଲେ । ତନେ ଲୋକନାଥକୁ କହିଲେ, ଶୁଣ !
ଗୋଟାଏ ମଉଜ କରିବା ନଅରୁଣ୍ଡୀ ଯେମିତ ଖୋରଣୀ ତାକୁ

ଠିକ ସେମିତ ଗୋଟିଏ ବର କରି ବାହା ହେଇ ଦବା । ତମ ଉପରୁ ବୋଝ ଖସିଯିବ । ଲୋକନାଥ ବାବୁର ଆଗ କଥା ମନେ ପଡ଼ିଗଲା । କିନ୍ତୁ ସେ ହେଉଛନ୍ତି ମୁନିବ ତାଙ୍କୁ କଣ କହି ହବ । କହିଲା, "ହଉ ଆଜ୍ଞା ସତ କଥା, ରତନୀ ବାହା ହେଇ ଗଲେ ଜଞ୍ଜାଳ ଯାଏ ।" ହେଲେ ଏତେ ଟୋକିଣୀକି ହଠାତରେ କିଏ ବାହା ହେବ ଭାବିଲା । ବାବୁ ତା' ମନ କଥା ଜାଣିପାରି କହିଲେ, "ଲୋକ-ନାଥ, ଆମ ଜାତି ଭିତରୁ ଗୋଟାଏ ଭଲ ଟୋକା ଦେଖି ବାହା-କରି ଦବା । ମୁଁ ପଛେ ତାକୁ ଦି'ମାଣ ଜମି ଯଉତୁକ ଦେବି । ଗୋଟାଏ ପୁଣ୍ୟ କାର୍ଯ୍ୟତ ହେବ । ଲୋକନାଥର ଏଥିରେ ନାହିଁ କରିବାର କଣ ଥିଲା ?

ବାବୁ କଥା ଠିକଣା ହେଲା । ଲୋକନାଥ ଘରକୁ ଆଇଲା । ତା' ସ୍ତ୍ରୀ ଏ କଥା ଶୁଣି ରତନୀ କାନରେ ପକେଇଲା । ସେତ ରାଗରେ ଗୋଟାକୁ ଗୋଟା । ତାକୁ ପୁଣି ବାହା ହବ, ଏତେ ଗରଜ କାହାର ? ତା' କଥାରେ ସାରଦାର ଦେହ ଜଳି ଗଲା । ତା' ପ୍ରକାରେ ଏମାନେ ଏକଧରକଥା ଏ କଥା ସାରଦା ମୋଟେ ଭୁଲି ପାରୁ ନ ଥାଏ । ତା' ଇଚ୍ଛା ହେଉଥାଏ ଏଇକ୍ଷଣି ରତନୀକୁ ପୁଣି ଘରୁ ତଡ଼ିଦବ । ହେଲେ ସ୍ୱାମୀ ମୁହଁକୁ ଚାହିଁ ଆଉ କିଛି କହିପାରୁ ନ ଥାଏ । ମଣି ଲୋକା ଶାଶୁ ବା କାହିଁକି ସହିବ ? ସେ ଆଉ ସମ୍ଭାଳି ପାରିଲା ନାହିଁ । ଝିଅକୁ ଦେଖେଇ କହିଲା, "ଏ ସବୁ ଅର୍ଜିତ ଟାଣ, ଖୋଇ ଦଉ ତା' ବୋପା ଘର ଘରେ ଏଠି ମୋ' ଝିଅ ଉପରେ କର୍ତ୍ତୃପଣିଆ କରିବାକୁ କିଏ କହିଲା ମ ଅଇଁଠା ଖାଇକି ? ରତନୀ ବଡ଼ ଶ୍ରେଷ୍ଠ ମାନବୀ କନ୍ୟା ନୁହେଁ । ସେ ବି ବୁଢ଼ୀଙ୍କ ଖୁବୁ ବଢ଼େଇଲା । ଶେଷକୁ ରାଗରେ ରତନୀ ଘରୁ ବାହାରି ଗଲା । ସେଇଟି ଯାଇଥାଏ ଆର ଗାଁକୁ ଧାନ କୁଟି । ଲୋକା

ସାହାରେ, କାହା ଘରକୁ ବୁଲି ଯାଇଥାଏ । ରାତି ନଅଟା ବେଳକୁ ଆସି ଶୁଣିଲା ରତନୀ ଘରୁ ବାହାରି ଚାଲିଣି । ତାକୁ ଅନ୍ଧାର ଦିଶିଲା । କାଲି ତା' ବାହାଘର ଅଜା କନିଆ ପକେଇଲେଣି, ବାବୁ କଣ ଭାବିବେ, ତାଙ୍କ ସଙ୍ଗେ ଥଟ୍ଟା କରୁଛନ୍ତି । ବଡ ବ୍ୟସ୍ତ ହୋଇ ଖଟିଆକୁ ବଙ୍କା ବଙ୍କା ଲଣ୍ଠଣ ଧରି ଖୋଜି ବାହାରିଲା । ଗେଲହା ଆସି ଏ ଖବର ଶୁଣି କାହାକୁ ମାରିବ କି ତାରିବ । ସେହି ଲୋକା ସାଙ୍ଗେ ବାହାରିଲା । ପଡିଏ ଖଣ୍ଡେ ଏଣେ ତେଣେ ଖୋଜୁ ଖୋଜୁ ଆମ୍ବ ତୋଟାରେ ତା'କୁ ପାଇଲେ । କାଇଁ ଫୁଲପରି ଜହ୍ନ ପଡିଛି । ଷୋଡଶ ବର୍ଷି ଦେଖିଲେ ଝୁଣ୍ଟି ହୋଇଯିବ । ଗୋଟାଏ ଆମ୍ବ ଗଛ ମୂଳେ ଏକାଟିଆ ରତନୀ ବୁଲୁଥାଏ । ଏମିତି ଜାଗାକୁ ଯିବାକୁ ପୁରୁଷ ଡରନ୍ତେ । ରାତିରେ ତାର ଡରଭୟ ନ ଥାଏ । ଲୋକଜନ ଥକେଇ କୁହାପୋଛା କରି ଶେଷକୁ ହାତ ଧରି ତାକୁ ଘରକୁ ନେଲା । ସେତେବେଳକୁ ରାତି ବାରଟା । ଦୁହେଁ ଘରକୁ ଗଲେ । ଏଣେ ସରଦା ମୁହଁ ଫୁଲେଇ ବସିଥାଏ । ସଭିଙ୍କି ବୁଝେଇ ବୁଝାଇ ରାତି ପାହାପଡ଼ି ହେଲା ।

ସେ ଦିନ ଉଠୁ ଉଠୁ ତାଙ୍କୁ ବେଳ ପ୍ରାୟ ଆଠଟା ହେଲା । ଏମିତି ସମୟରେ ଗୋଟିଏ ଲୋକ ଆସି ହାଜର । ଲୋକଟା ତାକୁ ପଡିଏ ଖଣ୍ଡେ ଏକା ଦୃଷ୍ଟିରେ ଅନେଇ ରହିଲା । ଚଷା ଗୃହସ୍ଥିଆ ଚେହେରା, ଭୂତ ମୁଣ୍ଡିଆ, ଖଣ୍ଡେ ଲେଙ୍ଗୁଟି ମାରିଛି, କଳା ମୁଚୁମୁଚୁ ଚେହେରା । ଅସି ଦଠରୁ ଲୋକା ଗୋଡ ତଳେ ଲମ୍ବଦଣ୍ଡ ହୋଇ ପଡିଗଲା । ଲୋକା ଏଜାବେଳେ ହତବୁଦ୍ଧି । ଲୋକଟା ହଠାତ୍ ଉଠି ବାହାଙ୍କ ପରି ସ୍ୱରରେ କହିଲା, ନଣିମା, ଯାଆନ୍ତୁ ମେତେ ବଟେଇଛନ୍ତି ବା' ହବାକୁ 'ମୋ' ନାଁଟି ଫକିର ମୋ' ବଡ଼ ନାଁଟି ନାଲିଆ, ମୋ' ଜେଜେବାପା

କାଁହି ଭରଡଆ ମୋ' ଅଣ ଜେଜଙ୍ଗବାପ କାଁହି ଆରଢଆ, ମୋ' ପଣ ଜେଜଜବାପ କାଁହି ସାରଢଆ—"ଲୋକା ତା' ସ୍ୱରରେ ଚନ୍ଦ୍ର ଉଠି ଗୋଡ଼ରୁ ଖଣ୍ଡଉ କାଢ଼ିଲା । ମାରିବାକୁ ଗୋଡ଼ାଇଗଲା । ବର ଖଣ୍ଡେ ଦୂର ଦୌଡ଼ି ଯାଇ, ପୁଣି ଫେରନ୍ତି ଆଇଲା । ଲୋକନାଥ ସେତେବେଳକୁ ଉଡରକୁ ପଶି ଗଲାଣି । ଲୋକଣ୍ଠା ଆସି ଦୁଆରେ ଡାକିଲା । ଗେଲ୍ହୀ ବାହାର ପଇଲା । ତା' ବିଭୀଷଣ ମୂର୍ତ୍ତି ଦେଖି ଗେଲ୍ହୀ ଆଉ ସମ୍ଭାଳି ନ ପାରି କହିଲା, "ମାଁ ଲୋ କି ଅପରଷ୍ଟୁଣାସ୍ୱା ଅଧରଜନ୍ମାଠା ଏ କୋଉ ଗାଡ଼ରୁ ଉଠି ଆଇଛୁ ।" ଲୋକଣ୍ଠା କଟମଟ ହେଇ ଗେଲ୍ହୀ ମୁହଁକୁ ଦଣ୍ଡେକାଳ ଚାହିଁ କହିଲା, "ମୁଁ ବା' ହବାକୁ ଆଇଚି ।"

ଗେଲ୍ହୀ ଘୃଣାରେ ମୁହଁ ବୁଲେଇ ଦେଇ କହିଲା ତୁ ଛଉଘଣ୍ଟା କାହାକୁ ବାହା ହବୁକିରେ ? "ଚୋର ଯୋଉ ରୂପ ଲୋକେ ଖାଲି ଧାଇଁ ପଡ଼ିବେ ଝୁଅ ଦବାକୁ । ଗେଲ୍ହୀ ଆଉ କଣ କହିଥାନ୍ତା, ବରଣ୍ଠା ତ ଦୁମକିନା ତା ଗୋଡ଼ ତଳେ ପଡ଼ିଗଲା । ବଡ଼ ପାଟି କରି କହିଲା, "ମାଉସୀ ଲୋ ମୁଁ ବା' ହବାକୁ ଆଇଚି, ଆଖି ଛୁଁଇ ମୁ ବା ହବାକୁ ଆଇଚି, ଦାନ୍ତରେ କୁଟା ହଉଚି ମୁଁ ବା' ହବାକୁ ଆଇଚି, ତୋ' ସଣ ମୁଁ ବାହା ହବାକୁ, ତୋ' ଗୁରସ୍ତସଣ ମୁଁ ବା' ହବାକୁ ଆଇଚି, ତୋ' ଝିଅ ସଣ ମୁଁ ବା' ହବାକୁ ଆଇଚି; ତୋ' ପୁଅ ସଣ —"ଗେଲ୍ହୀ ଆଉ ସହି ପାରିଲାନାହିଁ, ଝାଡୁରେ ଦି' ପାହାର ଦେଲା, ଗୋଡ଼ରେ ଗଡ଼େଇ ଦେଇ, ପାଟି କରି କହିଲା "ମଲୁ ମୋର ଅପଜାଠା କିଆଁ ଲଗାଠା," ତା' ପାଟିରେ ଲୋକେ କି ଦଉଡ଼ି ଆଇଲେ, ରତନା କି ଦଉଡ଼ି ଆଇଲା । ସେତେ-ବେଳକୁ ଲୋକଣ୍ଠା "ବାପ ଲୋ ମାଁ ଲୋ, ହାଡ଼ ଭାଙ୍ଗିଲା ଲୋ ହି ଏତେ ପାଟି କଲା ଯେ ସାଇଯାକ ଦଉଡ଼ି ଆଇଲେ ।

ସେମାନେ ତ ସ୍ତ୍ରୀକୁ ଦେଖି ଅବାକ୍। ଏମିତ ଅପରିଚ୍ଛନ୍ନ ମୂର୍ତ୍ତି, ଯମଦୂତପରି ଚେହେରା ଦେଖି ପିଲାଏ ବି ଡରିଗଲେ। ତାଙ୍କ ଡର ଦେଖି ସେ ତାଙ୍କ ପଛେ ପଛେ ଗୋଡ଼େଇଲା। ବଡ଼ ପାଟିରେ ହସିଲା, ତା' ମୁହଁରୁ ନାଳ ବୋହି ପଡୁଥାଏ। ଏଠି କରୁଡ଼ି ହ, 'ସେଠି ବାଡ଼େଇ ହ, ସ୍ତ୍ରୀ ଗୋଡ଼ ଧ', ତା' ଗୋଡ ଧ' ଲୋକ ଆଠ ପଚାଳି ଜମିଗଲେ। ସେ ବାହୁନି ନାଚିଚ, ଆଉ କାନ୍ଦୁଚି;

ଆରେ ମାରିଲେ ଲୋ, ହାଡ଼ ଭାଙ୍ଗିଲେ ରକ୍ଷାକର ରକ୍ଷାକର।
ପୋଡ଼ ଯା'ଉ କନା ବାହାଘର।
ଶାଶୁ ମୋ' ବାଘୁଣୀ, ଭରଯା ନାଗୁଣୀ
ମଲ୍ଲଣୀ ଶଶୁର ବନ୍ଧଆଧର। ଆରେ ଗାଁ ବାଲା ରକ୍ଷାକର।

ତା' କାନ୍ଦ ତା' ଢଙ୍ଗରେ ଲୋକେ କିଛି ବେଳ ହୁଡ଼ାହେଇ-ଗଲେ। ସେଲ୍‌ଷ୍ଟି ତାକୁ, ବୁଢ଼ୀ ବାସ୍ନୁଣୀଠାକୁ, ଝାଡ଼ୁରେ ପିଟିଛି, କଥା କେହି ସହ୍ୟ କରିପାରିଲେ ନାହିଁ। ଲୋକା ଭାରି ରାଗି-ଇ କହିଲା, "ତୋର ମାଉସୀ ଏ କି ଗୁଣ! ଲୋକଟା ତୋ' ଝିଅକୁ ବାହାହେବ କହିଲା ମାନେ କଣ ବା' ହେଇଯାଉଚି ନାଁ ତେ ଆମେ ଦେଇ ଦଉଚେ।"

ଲୋକା କଥାରେ ବାସ୍ନା ଭାରି ଖୁସି। ହାତ ହଲେଇ ମୁଣ୍ଡ ହଲେଇ କହିଲା "ଯାଇଁଲ! ମୋ' ନାଁଟି ଫକିରା, ମୋ' ବାପ ନାଁଟି ଭିକାରିଆ, ତା' ବାପ ନାଁଟି ଭରତିଆ, ତା' ବାପ ନାଁଅଟି ଆର୍ତ୍ତିଆ, ତା' ବାପ ନାଁଟି ସାରିତିଆ। ଆମେ ଜାତରେ କରଣ ଖଣ୍ଡେଇତ, କରଣ ଝୁଲିରେ ଦଣ୍ଡବତ। କାଅ ଲୋକ ମହାରଣା, ବାବୁ ମେଟେ ବଟେଇଚନ ବା' ହବାକୁ, ଆମ ଖବର ବୁଝୁନା

କଅାଁ ? ଆଲୋ ମଉସୀ, ତୋ' ଗୋଡ଼ ଧରୁଛି, କନଆ ଆଣି ଦେ, ବାହା ସା' ହୁଏଁ, ଘରକୁ ଯାଏଁ, ବେଳ ଯେ ମାଉ ଆଉଚ ! ଆଲୋ ମାଉସୀ, ମାଇଲେ ପଛେ ମାର, ଦେ' ଦଣ୍ଠା ଝାଡ଼ୁ ପାହାର, ମୁଁ ସହବ, ପାଟି ବୁଜବ, ଆଖି ବୁଜବ, କନଆଟି ଆଣ ଦାଣ୍ଡରେ ଥୁଅ, ଭଲେ ଭଲେ ମେତେ ବଦାକ ଦଅ ।" ତା' ଗୀତ, ତା' ସ୍ୱରରେ ସଭିଏଁ ଖୁବ ହସିଲେ । ସାଇ ମା'ଇପେ ରତନଙ୍କ ଥଟ୍ଟା କର କହିଲେ, ଆଲୋ ରତନା ତୋ' ବର ଲୋ !" ରନମାଟି ସାଗରେ ଗେଠା ଗୋଠା ! ଏଣେ ବର ତାକୁ ଦେଖି ତାଳି ମାର ନାଚ ନାଚ କହିଲା :—"ଏଇ ମୋ' କନଆ, ଏଇ ମେ' କନଆ ! ଆଲୋ ଚେପିଟୀ ନାକୀ, ଗୁମ୍ଭୁ ଦାନ୍ତୁରୀ, ନାକ କାନ୍ଦୁରୀ, ମାଧିଆ ମାଁ ମୁଁ ତୋ' ବର ଲୋ ବର ଲୋ ! ମେତେ ଅନା ଲୋ !" "ଆରେ ନିଁଅସିଆ ତୋ' ବରପଣିଆ ଚୁଲ୍ଲୀରେ ଯାଉକନା" ରତନା ତାକୁ ଝଣ୍ଟିଆ ଝାଡ଼ୁମୁଠା ଧର ମାଡ଼ ଗୋଡ଼େଇଲା ! "ଆଲୋ ମେତେ ମାର ନାଁ ଲୋ ! ମୁଁ ତୋ' ବରଲୋ !" ବର ପାଟି କରୁଥାଏ ।

ସେତେବେଳକୁ ସେଠି ଆଉ ଦି'ଜଣ ହାଜର ! ବାବୁର ଭଣ୍ଡାରୀ ଠୋକା ଦାମା ବାରକ, ତା' ସାଙ୍ଗରେ ଗୋଟାଏ ବୁଢ଼ା ନାହାକ । ବାଡ଼ି ଖଣ୍ଡେ ଧରିଚ, ଠୁକୁଇ ଠୁକୁଇ ଚାଲୁଚ । ତା' ମୁଣ୍ଡର ବାଳ ଝୋଟପର । ତା' କାଖରେ ବିଡ଼ାଏ ତାଳପତ୍ର, ହାତରେ ଗୋଟାଏ ପୁରୁଣା ପଞ୍ଜା, ଉଇକଟା ପାଞ୍ଜି, ତା' ମଲାଟ କୁଆଡ଼େ ଗଲାଣି ! ବୁଢ଼ା ଥରେ ଥରେ କାଶୁଚ, ଥରେ ଥରେ ଛିଙ୍କୁଚ, ଥରେ ଥରେ ନାସ ଟିପେ ଟିପେ ସୁଙ୍ଘୁଚ । ଆଉ ଅଙ୍ଗ୍ ବଙ୍ଗ୍ ବ୍ୟାଂ ତ୍ୟାଂ କର-ଶୋଳକ ବୋଲୁଚ୍ଛି । ତା' ଦେହରେ ଗୋଟିଏ ସହସ୍ର ଗଣ୍ଠିଆ ଛିଣ୍ଡା କବଟା, ଏଡ଼େ ମଇଲା ଯେ କଳାଣି ବର୍ଷେ

ହେଲା ଧୋବାଘର ମୁହଁ ଦେଖି ନାହିଁ; କାନ୍ଥରେ ତେଲ ଚକଟା ଚଗ ଗମୁଛି; ଢାର ବ ହେଇ ଦଶା; ବୁଢ଼ା ଏତେ ପାନ ଖାଇଛି ଯେ ଓଠ ଏ ମୁଣ୍ଡ ସେ ମୁଣ୍ଡ ପାଚ କଳା ମଢ଼ ଥୋଉ ଯକେ ନାଲି ବୋହି ପଡ଼ୁଛି ।

ଦାମା ବାରିକ, ଭଣ୍ଡାରି ଠୋକା ବଗୁଲିଆ, ସେ ବୁଢାକୁ ବକୁଚ, ଗାଳି ଦଉଚ, କହୁଚ, ତଅଁଳ ଗୃଲ ହେ ଅଜା ଉଚ୍ଚୁର ହେଲଣି, ବର ଗଲଣିଭାର ଆଗ ।

ଦାମା ବାରିକ ସ୍ୱର ଶୁଣି, ଲୋକ ପଗୃରଲି ତୁ କୁଆଡ଼େ; ଦାମା ଅଣ୍ଟା ଖୋସଣୀରୁ ଖଣ୍ଡେ ମସିଆ କାଗଜ ବାହାର କଲି, କହିଲା, ଏଇ ଭାଷା ଜମିଦାର ବାବୁ ଦେଇଚନ୍ତି, ଭକାରିଆ ପୁଅ ଫକିରକୁ ପଠେଇଚନ୍ତି, ତମ ଅତମ ନାନକ ବା' ହବ । ଏଇ ନାହାକ, ଉଆ ବାହ୍ମଣହରକା, ପାଲିଙ୍କିହରକା ପଛରେ ଆଉଚ, ସଞ୍ଜଠେଇଁକ ଆସି ପହଞ୍ଚିବେ ଆଗ ଖାଡ଼ି ପକେଇ ଜାଚକ ସୁଜ !

ଲୋକ ତ କାବା ! ମାଗିଖିଆ ବୁଲା ଫକିରଟାକୁ ବାବୁ ବର-କର ପଠେଇଛନ୍ତି । ଭାଷା ବ ପଢ଼ିଲେ । ହାକମତ ! ତାଙ୍କୁ ସୁବିଧ ତନ୍ଦର ଉରବେ । ମଣେ କଥା କଣ ! ଗେଲ୍ହା ଏ କଥା ଶୁଣି ଭାର ଖପା ! ସେ ପାଟି କର ଜମିଦାରବାବୁକୁ ଖୁବ ଶୋଧିଲା । ଲୋକ ଖାଲି ତା' ଗୋଡ ଧରୁଥାଏ ମାଉସୀ, 'ତୁନି ହ' ! ମୋ' ଗୃକିରିଟା ଛଡ଼ା ନା । ଏ ଦାମା ସବୁ ଯାଇ ମୁନିବ କାନରେ କହିବ । ସଂସାର କରିଥିଲେ ଗୁଡରେ ପଥର ପଡ଼ିଲେ ସହି । କଥାରେ କହନ୍ତି ଯେତେ ହୁଇ ସେତେ ଦର, ଯେତେ କନିଆ

ସେତେ ବର । ବରଟା ଏବେ କଣ ଅସୁନ୍ଦର ହେଇଁଚ କି ଖଣ୍ଡିମ୍ବା ନାଁ, କଣା, କୁଜା । ଖାଲି ବର୍ଣ୍ଣଟା ମସିଆ ! ଆଉ ସଂସାରରେ ମର୍ଦପୁଅର ରଙ୍ଗ କିଏ ବାଛୁଥାଏ । ବାବୁ ଜମି ୧୦ ମାଣ ଦେବେ, ଘର କରଦେବେ । ତୋ’ ନାଗି ମୁଁ ଜାଡପାଠକରୁ ଅନ୍ତର ହେଇଚ ସବୁ କଥା ଜାଣୁ; ପୁଣି ଏତେ଼ ଅବୁଝ ।

ଲୋକା ରତନା ମାଁକୁ ବୁଝଉଛୁ । ଏଣେ ଦୁଆରେ ଢାଙ୍କର ଢାମଷା ଲଗିଛୁ । ଯନ୍ତା ଦେଖିବାକୁ ଯେମିତ ଲୋକେ ମାଡ଼ ଆସନ୍ତି ସେମିତ ଲୋକ ଜମଗଲେଣି । ନ ଜାଣିବା ଲୋକେ ନାହାକକୁ ପଚ଼ରୁଛନ୍ତି, “ହଇକିଏ ମଉସା, ଏ ବାମ୍ଭଣଟା କିଏ !” ମଉସା ସେଥିରେ ନାକକୁଞ୍ଚି, କପାଳ କୁଞ୍ଚି ଥରେ ଛିଙ୍କି କହଲେ, “ଭଲ ଖଇଜକୁ ଅଇଲି, ଏ ଚମ ଘର ଜୁଆଁଇ ଚନ୍ଦ୍ରନା ଆରେ ବୋଇଲା କଣନା :—ସେଠୁ ସ୍ବର ବାହାରିଲା :—

ପଦାଁଆ ନାତୁଁଣୀ ବଡ଼ାଁଆ ଝିଅଁ ଖୋରଣୀ ନାଁ ତୁଣ୍ଡୀ
ରଁତନା ବରଁ, ଧୋଁଇ ଧାଁଇ କଁର ଘଁରକୁ ନଅଁ
ସିଧାଁ ଦେଇଁ ମେଁଡେ ବଦାମ୍ଭ କରଁ ।—

ଆଁ କଣ ବୋଇଲା :—ଆଁରେ ଆଣ ଆଣ ନଁଡଆ, ଆଣ ଆଣ ସରୁଁ ଚୂଡ଼ାଁ ଦୋଁଯାଗିଁ ଝଙ୍ଗୁଁଡ଼ା—ଏଁ ଆଣ ଆଣ ଧୋଁତି ଗୁଁଦର । ଆଜି ମୂଳା ନଗୈଁଥେ ବାହାଘର । ବର ନାଁଟି ଫକିଁରା ମ୍ବା କହୁ କହୁ ସେହିକ୍ଷଣି ଲୋକା ପିଣ୍ଡାରେ ଖଡ଼ ପଇଲା ନାହାକ ଆଙ୍ଗୁଳି ଗଣି କହିଲା—“ବୁଚ୍ଛିକ କିଁକଡ଼ା ମୀନଷ୍ୟ ବପ୍ରା”—ଆରେ ଫକିରା :—ନାଁରୁ ହଉଛି, କର୍କଁଡାରଶି, ପୁରୁଁବା ଆଷଢ଼ା ନଇଖନ—କନିଆଁ ନାଁଟା, ରତନାଁ ଦେଇଁ—ହଉଛି, ବୃଛିକି,

କରିକଠ ମାନସ୍ୟ ବପ୍ରା :—ଏଁ ହିଁଉଚ, ମଧାଁ ସିଂହ । ସଶିଙ୍କିଁ ହୁଙ୍କୁଁଚ. ଏ ବୋଲେ ବନାଁ :—"ଆପଣାଁ ଉଦଁର ପୂରିଁଲେ ତୋଁଷ; କୋର୍‌ଧୀ ମାଁସ ଲୋଁଭୀ ଅଟେ ବଶେଁଷ, ବନ୍ଧୁଁ ମେଳେ ତାରଁ ନ ଥାଇଁ ମନ, କଠା ଚଇଁଗ୍ରୁ, ଇଚ୍ଛେଁ ବନଗମଁନ ! ଏଁତକ ଗୁଣ ହିଁହ୍ନ ସିଶିଁର ! କେତେ ଲୋକ ନାହାକ ଆଇଚ ଦେଖି ଆବୁଡ଼ି ପଇଲେ, କଏ ହାତ ଦେଖେଇଲା, କଏ ସିଶି ଗଣେ-ଇଲା । ନାହାକ ସଭିଙ୍କି ପଗ୍ରୁରୁ ଥାଏ, ଶୋଁଠାଏ ଫଳିଁ ନାଁ କହିଲିଁ ? ଉତ୍ତରରେ ଜଣେ କହିଲା ଡାଳିମ୍ବ । ନାହାକ ତାକୁ ଗଣି ଗାର କାଟି ଦଡ଼ ବଡ଼ କର ସଂସ୍କୃତ ପଢ଼ି ଉତ୍ତର କଲା ।

ସେଣେ ବର କଣ କଇଛୁ ନାଁ ସୁଅଙ୍ଗ କରୁଚ । ପରସ୍ତେ ନାଚି ଯାଉଚ, ପରସ୍ତେ ବୁଲ ପଡ଼ୁଚ, ହାତରେ ତାଳି ମାରୁଚ ଆଉ ଗଉଚ ;—

ବାଇଧରର ଅପାର ଗୁଣ:—
ପଖାଳ ଭିତରେ ନ ଖାଏ ନୁଣ—
ଚଦ୍ଦଆ ଜଦ୍ଦଆ ଏକାମାଁଆର
ବାଇଧର ଭାଇ ବଦ୍ଦଆଧର
ବାଇଧରର ଅପାର ଗୁଣ ।—
ହର ଖଉଜକୁ ଦୂରୁ କାଢ଼ିଲା
ପଠା ପାଉଣିକ ଚର ପୋଢ଼ିଲା
ବାଇଧରର ଅପାର ଗୁଣ.—
ତପତ ସାହାକ ନାହିଁ ତୁଲଣା—

ବାଇଧର ପୁଅ ବଠ୍ଠ ଶୁଣୁଥିଲା । ତା' ବାପ ନାଁରେ ଗୀତ ଶୁଣି ସେ ଲୋକଠାକୁ ଧାଇଁ ଆସି ଗୁପୁଡ଼ାଏ କଶି ଦେଲା । ଲୋକେ

ସବୁ ମିଶି ଗଲେ । କିଏ ବାଘୁଆପକ୍ଷ କିଏ ବଣ୍ଟୁପକ୍ଷ । ସେଠି ଲାଗିଲା କଳି କନ୍ଦଳ, ଗୋଳମାଳ । ବାଘୁଆକୁ ନେଇ ସେମାନେ ଗଲେ ବାଇଧର କଚେରି ।

ସେତେବେଳକୁ ଦିନ ଦ'ପହର । ବାଇଧର ଘରେ ବିଶ୍ରାମ କରୁଥାଏ । ସେଇ ଆସି ଦୁଆରେ ପଚାରିଲା, କଣ କଥା, ବଣ୍ଟୁ ତାକୁ ସବୁ କହିଲା । ବାବୁ ଆଇଲେ, ଦେଇ ଝରକା ବାଟେ ଚାହିଁଲେ । ବାଘୁଆ ଗୀତ ଗାଉଛି ।

ବାଇଧରର ଅପାର ଗୁଣ, ବଡ କୃପଣ
ପଖାଳ ଭାତକୁ ନ ଖାଏ ଲୁଣ ।—

ବାଇଧରର ଭାରି ରାଗ ହେଲା । ସେ ତାକୁ ଧରିଆଣିବାକୁ ହୁକୁମ ଦେଲା । ବାଘୁଆ ଆସି ନମ୍ର ଦଣ୍ଡ ତାଙ୍କ ଗୋଡ଼ ତଳେ ପଡ଼ିଗଲା । ବାଇଧର ପଚାରିଲା, "ତୁ କିଏ ?" ସେ ବଡ ପାଟିରେ ହସି କହିଲା, ମେତେ ଚିହ୍ନୁ ନାଁ—ମୁଁ ଟଗ ହରଦେଇପୁରୁ ଗାଁ ଫକୀର ଓଲୁ ! ମୋ' ନାଁଟି ଫକୀର, ମୋ' ବାପ ନାଁଟି ଭିକାରିଆ, ତା' ବାପ ନାଁଟି ଭିରଡିଆ, ତା ବାପ ନାଁଟି ଆରଡିଆ, ତା' ବାପ ନାଁଟି ସାରଡିଆ ବାଇଧର ଦେଖିଲା ତୁଚ୍ଛା ବାଘୁଆ ! ରାଗିକିନା ଘର ଭିତରକୁ ଗଲେ । ଦେଇ ଝରକା ବାଟେ ଅନେଇଛନ୍ତି । ବାଘୁଆ ତାଙ୍କୁ ଦେଖି ଆଉ ଗୋଟିଏ ସ୍ୱର ବାହାର କଲା.—

" ଅଲେ ଫଣ୍ଠା ସୁନ୍ଦୁରୀ ଲୋ, ଫଣ୍ଠା, ସୁନ୍ଦୁରୀ; ଫଣ୍ଠା ସୁନ୍ଦୁରୀ," ଆପଣମାନେ ମୁଁ ଆଗେ ସୁନ୍ଦରୀ ଲୋ, କାଳି ଦୁନ୍ଦରୀ ଲୋ, ବୁଢୀ ବାନ୍ଦରୀ ଡୋଲିକି ଗୁଡ଼ଳ ଓଳିଏ ଖାଉ ଶାଶୁ ପଚାରିଲେ ମୁହଁ

ଶୁଖାଉ, ଗୁରନ୍ତ ଆଗରେ ଖଟ ମିଛ କହୁ, ମନ ଭଙ୍ଗାଉ, ଆଲୋ ଫଂଟା ସୁଦୁରୀ ଲୋ, କୋଢ ଗୋଦରୀ—ଫଂଟା ସୁଦୁରୀ ।—

---

## ବ୍ରହ୍ମକୃପାହି କେବଲମ୍ ।
## ପାଞ୍ଚକଥା

ରତମାର ବାହାଘର ହବ । କନଆ ତ ରତମା ବରଡ ଫଙ୍କାର ବାଣ୍ଟୃ । ତାଙ୍କ ବାହାଘରେ ପୁଣି କ ରୋଷଣୀ କ ଜାମଜମକ । ଗହଣା ଭିତରେ, ପିତଳ ଖଡୁ ମୁଠାଏ । ଲୁଗା ଭିତରେ ରଙ୍ଗ ସୁରୁବଲି ସାଢ଼ଟା, ଜାନ ଜଉତୁକ କଛୁନାହିଁ । ନାକକୁ କାନକୁ କଛୁନାହିଁ ବେକକୁ ଗୋଡକୁ କଛୁନାହିଁ । ଲୋକନାଥ ତ ଏକଘର-ବଆ, ପୁଣି ସେ ଜାତରେ ଦରଜ, ଏମାନେ ଚଷା । କୁଟୁମ୍ବ ସଙ୍ଗୋଳା ନାହିଁ, କ ଖାନା ଭୋଜନାହିଁ ।

ସଡ ଦଶଘଣ୍ଡ ହେଲା । ବର ଆଇଲା । କେହ୍ନ ଜାଣିଲେ ନାହିଁ ଯେ ବର ଆଇଲା ବୋଲି । ସୋର ଶବଦ କଛୁ ନାହିଁ । ଗୋଟିଏ ଦଦରା ପାଲିଙ୍କରେ ଆସିଥାଏ ବର, ଆଉ ଆଇଥାନ୍ତି ଟିଆଏ ଗଉଡ଼' ଜଣେ ଥୁରୁଥୁରଆ ବ୍ରାହ୍ମଣ, ସେଇ ପୁରୋହିତ । କନ୍ୟାକୁ ଧୋଇ ଧୋଇ ଆଣି ପିଡ଼ାରେ ବସେଇଲେ । ଏତେଣବର ବେଦରେ ବସିଲା । ହାତଗଣ୍ଠି ପଡ଼ିଲା । ସାଙ୍ଗେ ସାଙ୍ଗେ ପାଲିଙ୍କିରେ ବସି ବର କନଆ ବିଦା ହେଲେ । ବାଧି ନାହିଁ କ ବରତ ନାହିଁ; ସବୁ ଅଦଭୂତ ଢ଼ଙ୍ଗର ।

ପାଲିଙ୍କିଟା ବଡ଼ ଦଦରା । ସେଥିରେ ପୁଣି ଦୁଜଣ ବସିଲେଣି । ଗଉଡ଼ କାନ୍ଧେଇ ହୁମୁରା ଭାଇରେ ୨ କହି ଦଉଡ଼ୁଛନ୍ତି ।

ସେତେବେଳକୁ ରାତି ଗୋଟାଏ । ହଠାତ୍‌କନା ପାଲଙ୍କିର ପଞ୍ଝାଟା ଗୁଡ଼ି ଘଇଲା । ବଡ ହଟହଟା କଥା ; ଗଉଡ଼ ପାଲଙ୍କି ତଳେ ଥୋଇଦେଲେ । ଏବେ ଯିବେ କେମିତି ; ଆସି ପାଏ ବାଟରେ ହେଲେଣି । ଗୁହିଆଡ଼େ ଘୋର ଜଙ୍ଗଲ । ଗାଁ ଗଣ୍ଡା କିଛି ଦିଶୁ ନାହିଁ । ଜଣା ସାଇଁ୨ ଗର୍ଜୁଛି । ବରଟା ଡେଇଁ ପଡ଼ିଲା, କନିଆକୁ ଟାଣି ବାହାରେ ଛିଡ଼ା କରି ଦେଲା । ରତନା ଏତେବେଳଯାଏ ଘୋରଘୋର ହୋଇ ବସିଥିଲା । ଏ ବିପଦରେ ପଡ଼ି ତା’ ନିଜ କୁଆଡ଼େ ଗଲା । ସେ ମୁହଁରୁ ଓଢ଼ଣା କାଢ଼ି କହିଲା “ମଲା ମୋର ! ଏଇ ଦଦରା ପାଲିଙ୍କିଟା ଭିତରେ ମିଳିଥିଲା । ଏବେ କଣ କରିବୁ କର୍ । ମୁଁ ଯାଉଚି, ଭୁଆଁ । ଫଙ୍କାର ତ ବାଘୁ । କନିଆ କଥା ଶୁଣି କହିଲା, କାଲେ କୁଆଡେ ଯିବୁ, ମୁଁ ଦେଖେ ଏଇ ଛୁରିକା ଟା, ହେଲ, ହାତଗଣ୍ଡି ଘଇଲା, ତୁ ନୂଆ ଭୂଆଁଶୁଣିଟା ତୁ ମୋ’ ହାତ ମୁଠାରୁ ପଳେଇବୁ । ଦେଖରେ ମଉସା ! ଆରେ କଣ୍ଢେଇମଉସା ଦେଖିଲୁ ଏ କନିଆର ଢଙ୍ଗ-ଢାଙ୍ଗ ! ଗଉଡ଼ କଣ୍ଢେଇଆ କହିଲା, “ହଁରେ ପୁଅ ଏକାଳ ମାଇପଙ୍କୁ ପାରିବ କିଏ ! ଆଗୁ ଦ’ପାହାର ଥୋ ! ମାଡକୁ ମହାଦେବ ଡରେ ! କବା ଗୁରି ଟୋକାଟା !” ରତନ ତା’ କଥା-ଶୁଣି କହିଲା କୋଉଠି ଥିଲୁରେ ମୁଣ୍ଡ ପୋଡ଼ା ନଆଁ ଲଗା ଟା ! କେତେ କହୁଚ ଦେଖେ ମା’ର୍, ମୁଁ ତୋ’ ଖପୁରୀ ଉଡ଼େଇ ଦେବି ନାହିଁ । ଖଚ୍ଚୁମୁଷା ଦେଖିଚୁ !” କଣ୍ଢେଇଆ କହିଲା, “ଅମେ କିଆଁ କହିବୁଲେ ! ତମ ଭଲକୁ କହୁଥାଇ ! ଉହ୍ନ ବା ଯା’ ହେଉ ହେଉ ଟା, ହେଇଚି ସେ ଜାଣେ ଏବେ ଆମ ମୂଲ ଦେଇ ପକାଅ । ତିନିସ୍ତ ଘରଯା ଯେଉଠି ଇଚ୍ଛା ସେଠିକି ଯାଅ ! ଦିଅ ଆମକୁ ଯା, ଚନ୍ଦ୍ରୁତ କରିଥିଲ ।” ଆର ଗଉଡ଼ଟା କହିଲା,“ତମ ପାଲଙ୍କି ଭାଙ୍ଗିଲା, ଅମର

ସେଠଥରେ ଯାଏ କେତେ ଆସେ କେତେ ? ଆମକୁ ଦ' ଟଙ୍କା ଜବାବ କରତ ଦ' ଟଙ୍କା ଦଅ । ଆମେ ଭଲରେ ଘରକୁ ଯାଉ । ମଣଷ କ ହଟହଟାରେ ପଇଲ ରେ । ମୁଁ ଏତେ ବାହାଘରେ ବରଯାତ୍ରୀରେ ଯାଇଚ ହେଲେ ଏମିତ ଦଦରା ପାଲିଙ୍କି କେବେ ମୋ' ବୋପାକାଳେ ଦେଖିନାହିଁ । ଆଉ ଜଣେ କହିଲା, ହଁ ରେ ମଧୁଭାଇ ଯାହା କହୁଲୁଟି ସତ, ଆମ ମୂଲ ଦିଅ ଆମେ ଯିବା ।

ଫକୀର କହିଲା ବା' ବେଶ୍ କଥାଟି । ତୋ' କଥାଟି ଯେତେ ସୁନ୍ଦର ମୋ ମଥାଟା ସେତେ ସୁନ୍ଦର । ଆରେ ଅମେ ଘରେ ପହଞ୍ଚି ମୂଲ ଦବୁଁ । ଟଙ୍କା କଣ ଗଛରେ ଫଳୁଛି ତମକୁ ଦମୁଁ । ଖଣ୍ଡେ ବାଟ ଯାଇଁ ନାଁ ପାଲିଙ୍କି ଭାଙ୍ଗିଲା । ସଉରିଆ କହିଲା ଆମେ ପାଲିଙ୍କି ଭାଙ୍ଗିଲୁ । ଗିରସ୍ତ ଭାରିଯା ଦ'ଟାଯାକ ଗୋଟାଏ ପାଲିକରେ ପସିଲ, ବେଶି ଖରଚ ହବ ବୋଲି । ଦଦରା ପାଲିକଟା କୋଉଠୁ ମାଗି ଆଣିଥିଲ ! ଏବେ ଅ.ମ ଦୋଷ ହେଲା । ତେମେ ଚଢ଼ିଲ ଆମେ କାନ୍ଧେଇଲୁ ! "ମୋଟ ହେଇଚ ଯେ ମଲେ ବାଲୁଆ ଛମାସରେ ଖାଇବ ।" ଏଥର ରତନା କହିଲା—ମଲା, କ କଥା କହୁଚୁରେ, ଆମ ଦେଶ ଢ଼ରେ କଣ ଦଣ୍ଡି ବନ୍ଧା ହେଇଚ ନାଁ କେଉ ପଡ଼ିଚ । ମୁଁ ତ ଏଇ ବାଟକା ବାଟ ଦଶ କୋଶ ଚାଲି ଯିବ । ଆମକୁ ମାରିବୁ କଅଁ କହୁଚ । ତୁ ମରିନୁଁ । ଫକୀର କହିଲା, "ହଉ ତେବେ ଚାଲ୍, ଆଉ ବସିବା କଅଁ । ରତନା କହିଲା "ଏମାନେ ନେ ମୂଲ ମାଗୁଛନ୍ତି ?"

ଫକୀର, କହିଲା ହଉ ହଉ ତମକୁ ଦଆ ଯିବ । ସେହି ଭଙ୍ଗା ପାଲିଙ୍କିଟା ବହି ନଅ । ଗଉଡ଼ତକ ପାଲିଙ୍କି ବହି ଆଗେ ଆଗେ ଗଲେ । ବର କନିଆ ଗଲେ ପଛେ ପଛେ, ବାଟ ପାଏ ଖଣ୍ଡେ

ଯାଉଛନ୍ତି, "ଫକିର କହିଲା, ମୋତେ ବଡ଼ ମଇଦାନ ମାଡ଼ିଲାଣି । ତୁ ଏକାଠି ଠିଆ ହ'କ ମୁଁ ଆଉଚି ।" ଆଉଚି ବୋଲି ଅଧ ଘଣ୍ଟା । ରତନା ରାଗରେ ଜଳି ପୋଡ଼ି ଅନ୍ଧାରରେ ଠିଆ ହୋଇଥାଏ । ଆସିଲା ମାତ୍ରେ କହିଲା, "ଏତେବେଳଯାଏ କୁଆଡ଼େ ମରିବାକୁ ଗଲୁ ? "ଫକିର କହିଲା, "ହଇଲୋ ଅରଖିତଆଣି ଜାଣୁନୁଁ ଟାଣି ଖୋଳୁଥିଲି ।" ରତନା କହିଲା, "ମଲା ତୋ'ପେଇଁ ବଣପର କଏ କୁଅ ଖୋଳିଚି କି ? ନାଁ ନଗାମାକୁ ଏତିକି ବେଳେ ମଇଦାନ ମାଡ଼ିଲା । ନଦରେ ମଟିଷନ ଦନ୍ଧ କଣ ହେଲାଣି । ଏମେତେ ରାତି ରାତି ଯାକ ଚାଲିଲେ ଦେଟୁଚି" । "ଫକିର କହିଲା, ଟିଙ୍ଗିଲୁ କାଳେ ! ଦଉ କଦ ମାଡ଼ିଛି ତ ଏଇନେ କାନ ପାରି ଦେଲି ଶୋ' ଘଣ୍ଟାକ ପରେ ଯିବା, ଆମ ଗାଁ ତ ହେଇ ଦୁଉଛି । ରତନା କହିଲା "ହଇରେ ହୃଣ୍ଡା ! ବଣରେ ବାଘ ଭାଲୁ ଏଠି କୋଉ କୋକଟା ଶୋଇବ ।

ଫକିର ବାଘ ଭାଲୁ ନାଁ ଶୁଣି ଅତର୍କେ ହୋଇ ଗୋଟାଏ ଆମ୍ବ ଗଛରେ ଚଢ଼ିଗଲା । ରତନା ଦେଖି କାବା ! ଗଛ ଉପରୁ ଫକିର ତାକୁ . ଡାକୁଚି । "ଆଇଲୋ କଲେ । ଦେଖ୍ ଦେଖ୍ ମୋତେ ଯେମିତି ନ ଖାଏଟି ! ତୋ'ଘର୍ ମେତେ ଯେମିତି ନ ·ଖାଏଟି । ମୁଁ ମୋ' ମାଁର ଏକଇର ବାଳା ବଳି କେଟେନ "! "ରତନା ତାକୁ ଖୁବ୍ ଶୋଧି ଶୋଧି କହିଲା "ଓଲୀ, ତତେ ଏକା ବାଘ ଭାଲୁ ଆଉତି, ବଟରେ ରାତି ଅଧରେ ନାଟ କରୁଚି ମୁଣ୍ଡ ପୋଡ଼ାଟା ।" "ହଇଲୋ ଗାଳି ଦଉଚୁ" କହି ଫକିର ତଳକୁ ଆସି ରତନା ପିଠି ଆଉଁସି-ଦେଇ କହିଲା, ଚାଲ୍ ଯିବା । ପୁଣି ଖଣ୍ଡେ ଦୂର ଚାଲିଲେ । ଫକିର ଗୋଡ଼ରେ ଗୋଟାଏ କଣ୍ଟା ପଶିଲା । ଏବେ ଉପାୟ କଣ । ଖୋଟେଇ ଖୋଟେଇ ବସି ପଡ଼ିଲା । "ଇଲୋ ମୋ' ଗୋଡ଼ ଗଲା

ଲେ କହି ମାଟି ଉପରେ ଶୋଇ ପଡ଼ିଲା ।” ରତମାକ କହିଲା ମତେ ଆଉଁସ୍ । ରତମା କହିଲା, “ତୋ ବେଲ, ତୋ ସୁଆଙ୍ଗ ରଖି ଦେଇଥା । ମୁଁ ତତେ ଆଉଁସି ପାରିବିନାହିଁ । ଚାଟପାକ ନାଠ କରୁଚ, “କହି ଖଉଁମୁଷାରେ ପାହାରେ ପିଟିଲା । “ଇଲେ ମାରି ପକାଇଲା ଲେ, ଇଲେ ମାରି ପକାଇଲା ଲେ କହି ବାହ୍ମଣ୍ଟା ତ ଭୂତପରି ଠିଆ ହେଲା । ପୁଣି ଗ୍ଲଲେ । ବାହ୍ମା ଶ୍ଲେଟଉ ଥାଏ, ବସୁଥାଏ, ଉଠୁଥାଏ, ଏଇମିତି ହଉହଉ ସକାଳ ପାଇଲା, ଗାଁ ଗଣ୍ଡା ଦୁଶିଲା । ବାହ୍ମା ରତମାକ କହିଲା “ଦେଖ୍ ଗାଁ ଦୁଶିଲାଣି, ଶଶୁର, ମଳାଶୁର ବାଲରେ ଥିବେ, ମୁଣ୍ଡରେ ଓଢ଼ଣା ଟାଣ । ନଇଲେ କହିବେ ବଡ଼ ଅଲାକୁକ ଘର ଝୁଅ ! ତାକୁ ନଅଜ ସରମଅଛି, ନାଁ ତାର ଢଙ୍ଗ ଛପ ଅଛି । ଆଲେ ମାଧ୍ୟା ମା ମୁଣ୍ଡରେ ଓଢଣା ଟାଣ ।” ରତମା ଏ କଥାରେ ଖିହ ଚିଡ଼ି ଉଠିଲା । ଗତଯାକ ତ ହୋଉ ନାଟ ସୁଆଙ୍ଗ ହେଲାଣି । ସେବ କହିଲା “ମଲ ତୋ ନଅାଁନଗା ଶଶୁର ମଳାଶୁରକୁ ମୁଁ କଅାଁ ଡରିବି ।” ଫକିର ପାଟିକରି କହିଲା, “ହିଁ, ଅଲବତ ଡରିବୁ, ମୋ’ ଶଶୁର ମଳାଶୁରକୁ ଡରିବୁଁନୁ !” ବାଟରେ ମାଇକିନା ପଞ୍ଚାଏ ଗାଧୋଇ ଯାଉଥିଲେ, ଫକିର ତାଙ୍କ କତିକି ଦଉଡ଼ିଗଲା । ଡାକ ଡାକ କହିଲା ଆଲୋ ମାଉସୀ, ଆଲୋ ଅପା ଶୁଣ ଲୋ ମୋ’ ବୋହୂଟା ନୂଆ ଭୂଆସୁଣୀଟା କହୁଛି ଶଶୁର ମଳାଶୁରଙ୍କୁ ଗୋଇଠା ମାରିବ, ତେମେ ନିଆଚ କର । ମାଇପେ ତ କାବା ! ଦଣ୍ଡେ ଫକିରକୁ ଅନଉଥାନ୍ତି, ଦଣ୍ଡେ ରତମାକ ଅନଉଁଥାନ୍ତି । ଶେଷକୁ ବୁଢ଼ୀଟିଏ କହିଲା “ହଇରେ ପୁଅ ଏ କିଏ ?” ଫକିର କହିଲା, “ ତେମେ ଚହ୍ନିବ ? ଏ ପରା ମୋ’ ଶାଶୁ ଶଶୁର ଝିଅ ! ଏ ପରା ମୋ’ ବୋପାର ବୋହୂ ଏ ପରା ମୋ’ ଘରଦା ସାଅନ୍ତାଣୀ,

ନଅତୁଣ୍ଡୀ ।" ବୁଢ଼ୀଟା ଖପା ହୋଇଁ କହିଲା, "ତୁ ବାହ୍ମାଟା କରେ ! ଯା' ଯା' ତୋ' ବାଟରେ ଯା" । "ସେମାନେ ଗଲେ ଗାଧୋଇ ସ୍ନାଙ୍କ କାଣ୍ଡ ଦେଖି ତାଙ୍କ ଭିତରୁ ଟୋକାଗୁଡ଼ିକ ହସି ହସି ନୋଡରା କୋଡରା ହେଉଥାନ୍ତି ।

ରତନା ଚଢ଼ଭଢ଼ ହଉଥାଏ, ଫକିରା କଅଁ ମାନବ, ତାକୁ ନେଇ ସେ ଗା ବଡ ଦାଣ୍ଡର ଗୋଟାଏ କୋଠା କଡରେ ଆଣି ଛିଡ଼ା କଲା । କହିଲା ଏଇ ମୋ' ଘର । ରତନା ଦେଖିଲା ସତକୁସତ ଭଙ୍ଗା ପାଲିକଟା ଆଣି ଗଉଡ଼ମାନେ ସେଇଠି ଛିଡ଼ା ହୋଇଚନ୍ତି । କୋଠାର ଏଇଟା ପଛପଟ । ଗୋଟାଏ ଦାନ ଦୁଆର ଥାଏ । ବାହ୍ମା ତାକୁ ସେଇଠି ଠିଆ କରି ଦେଇ କହିଲା ଈଶର ମା ତଳେ ଆସି ଡିନସିବ ତୁ ଏଇଠି ଠିଆ ହୋଇଥା, ମୁଁ ବଜାରୁ ଆସେ । ଏଇକ୍ଷଣି ଆସିବି ନେଇ ଜଳଖିଆ, ସ୍ନା କହି ଚଲ୍ । ଈଶର ମା ଆସିବବୋଲି ରତନା ଠିଆ ହୋଇଛି, ଈଶର ମା ନା ଫିସର ମା । କାହାରି ଦେଖା ଦରଶନ ନାହିଁ । ଫକିରା ବି ଫେର ନାହିଁ । ତାକୁ ବଡ଼ ବିରକ୍ତ ଲାଗିଲା । ସେ ଗୋଟାଏ ଗଉଡ଼କୁ ପଚାରିଲା, ହଇ ହେ ମଉସା ଏ ଘର କାହାର ?"

ଗଉଡ଼ କହିଲା, "ଏଇଟା ବାବୁ ସାଆନ୍ତଙ୍କ ଘର ।" ରତନା ବୁଝିପାରି ତୁନି ହେଲା । ତା' ଇଚ୍ଛାଥିଲା କାହାକୁ ଡାକନ୍ତା । ବାବୁ ସାଆନ୍ତ ନାଁ ଶୁଣି ଟିକେ ଭୟ ହେଲା । ଆଉ ବା ଡାକବ କାହାକୁ ? କେହି ତ କୁଆଡେ ଦେଖାନାହିଁ । ଖାଲି ଗଉଡ଼ ଗୁରଟା ଆଉ ସେ ଏକାଟିଆ । ଗଉଡ ଭିତରୁ ଜଣେ ବାୟାକର ପଚାରିଲା, "ହଇଏ ! ତମକୁ ତ କେହି ଡାକୁନାହାନ୍ତି କେତେ ଆଉ ଖରାରେ ଠିଆହବ, ଏ ପାଲି-କିଂଟା ପଡ଼ିଚ ବସିଥାଅ ।" ରତନା ଭାବିଲା, ଗୋଡ଼ ଭାଙ୍ଗି ଛିଡ଼ାହବା ଅପେକ୍ଷା କଣରେ ଆଉଜି ବସିଲେ ଭଲ । ସାତପାଞ୍ଚ ଚେଇଁ ତ,

ବାଟ ଚାଲିଚି, ନିଦରେ ଆଖିପତା ବୁଜିହୋଇ ଆସୁଚି । ଯାଇ ପାଲିଙ୍କି ଭିତରେ ଆଉଜି ବସିଗଲା । ଗୃହ୍ନୁଁ ଗୃହ୍ନୁଁ ନିଦ ମାଡ଼ିଆଇଲା ।

ହଠାତ୍ ବଡ଼ ଗୋଳମାଳ ପାଟିରେ ତା' ନିଦ ଭାଙ୍ଗିଗଲା । ଛୁଆଟା ଦାଉଁକିନା ହୋଇଗଲା । ରତନା ବାହାରକୁ ଅନେଇବା କଣ ଦେଖିଲା, ଗୋଟାଏ ପାଞ୍ଚହାତ ଡେଙ୍ଗା ଧୋବଧାଉଳିଆ ମଣିଷ, ବେତ ଖଣ୍ଡେ ଧରି ଗଉଡ଼ଙ୍କୁ ପିଟିଲାଗିଚି । ଗଉଡ଼ ବିକଳ ହୋଇ ପାଟିକରି ତା' ଗୋଡ଼ତଳେ ପଡୁଛନ୍ତି, ହାତତଳେ ପଡୁଛନ୍ତି । "ସାଆନ୍ତେ ଆଉ ମାରନ୍ତୁ ନା, ଆଉ ପଇସାକଥା ମୁହଁରେ ଧରିବୁନୁଁ, ତମର ଖଦେହବରଷ ଗୋଲାମୀ ଖଟିବୁ । ତମ ଗୋଡ଼ ଧରୁଛୁ, ଦାନ୍ତରେ କୁଟା ଧରୁଚୁ ।" ସାଆନ୍ତେ କାହିଁକି ମାନିବେ । କହିଲେ, "ପଇସା ମାଗୁଚ, ପଇସା ଧୋଇ ପାଣି ଦେବି, ମୋ' ଜାଗାରେ ରହିଲ, ସୁଖରେ ଘରକଲ, ଟୋକାଲବାଣୀଟା କରିଦେଲ ପୁଣି ପଇସା ମାଗୁଚ ।" ଏହା କହି ତାଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଲେ । ତାଙ୍କ ମାଡ ଦେଖି ରତନାର କଲିଜା ଶୁଖିଗଲା । ସେ ପାଲିକି କଣରେ ଜାକିଯୁକି ହୋଇ ବସିଲା । କିନ୍ତୁ କଣହବ । ସାଆନ୍ତ ତାକୁ ଦେଖିସାରିଲେଣି । ଘଡ଼ିଏ ବେଳ କଟମଟ ହୋଇ ଅନେଇ କହିଲେ, "ତୁ କିଏ ?" ରତନା କହିଲା, "ମୁଁ—ମୁଁ—ରତନା ।" "ଏଠିକି କେମିତି ଆଇଲୁ ?" ରତନା କହିବ କଣ ଘଡ଼ିଏ ଭାବି କହିଲା ସାଆନ୍ତଙ୍କ ବେଦେହିଆ ଫକିର ସ୍ୱାଇଁ ମୋତେ ଆଣିଛି ।" ସାଆନ୍ତ କାବା ହୋଇ କହିଲେ, "ଏଠିତ ମୋ' ବେଦେହିଆ ଫକିର ସ୍ୱାଇଁ କେହି ନାହିଁ ।" ରତନା ବୁଦ୍ଧିକରି କହିଲା, "ଲୋକ ମହାରଣାଙ୍କୁ କହିଲେ ଜାଣିବେ, ସେ ମୋ' ଧରମଭାଇ ।" ସାଆନ୍ତେ ପୁଣି କହିଲେ, "ଏଠି ତ ଲୋକ ମହାରଣା କେଇନାହାଁ ।" ଏଥର ରତନା ଆଉ କାହା ନାଁ କହିବ, କହିଲା, ଈଶର ମା ଜାଣେ । "ସାଆନ୍ତେ

କହିଲେ, "ଈଶ୍ୱର ମା କିଏ ?" ଆଉ ଏ କଥାକୁ ରତନୀ ଜବାବ ନ ଦେଇ ତୁନ ହେଲା । ଫକର ଉପରେ ତା' ହାଡ଼ କଡ଼କଡ଼ ଡାକୁଥାଏ । ଆସୁ ଆସିଲେ ସିନା ତା' ମଜା ବୁଝିବ ? ସାଆନ୍ତେ ତା'ଠୁ କଥାର ଉତ୍ତର ନପାଇ ଘର ଭିତରକୁ ଗଲେ । ଦଣ୍ଡେ ଘଡ଼ି ଆଇଲା ଗୋଟାଏ ମାଇପି ଲୋକ । ରତନୀ ଖୁବ୍ ଖୁସି ହୋଇ ଗଲା । ଭାବିଲା ଈଶ୍ୱର ମା ଆଇଛନ୍ତି, ଏଥର ତାକୁ ଘରକୁ ନେବ । ମାଇପି ଲୋକଟି ସିଧା ପାଲିଙ୍କି କତିକି ଆଇଲା, କହିଲା, "ଝିଅଲୋ କାହୁଁ ଅଇଲୁ ? ରତନୀର ମହାରାଗ ହେଲା । କହିଲା କଣ୍ଟି, ଜାଣି-ନାହିଁ ଯେମିତ, କହିଲା କାହୁଁ ଅଇଲୁ, ନଙ୍କାରୁ ଆଇଲି ।" ତା' କଥା ଶୁଣି ସେତ ମାର ମୁସ୍କିଲ୍ । କହିଲା କଥାପଦକୁ କାମୁଡ଼ି ଗୋଡ଼-ଉଡୁଘରେ ନପଶୁଣୁ ଗୃଜ ବାଜିଲାଣି । ଏ ପୁଣି କି ଘର କରିବ, ତା ପାଟିରେ ଆଉ ଗୋଟାଏ ମାଇକିନା ଭିତରୁ ବାହାରପଡ଼ି କହିଲା, ହଇଲୋ ଧଡ଼ଆବୋହୂ କାହାସାଙ୍ଗେ ନଟୁଚୁ ? ଧଡ଼ିଆବୋହୂ ସେତେବେଳକୁ ଅଗ୍ନିମୂର୍ତ୍ତି ! ସେ ତାକୁବ ଶୋଧିଦେଲା । ରତନୀ ପାଲିଙ୍କି ଭିତରୁ ବାହାରପଡ଼ି କହିଲା, ଦେଖିଲୁ ମାଉସୀ, ତୁଚ୍ଛେଇ-ଟାକୁ ମୋ' ସାଙ୍ଗେ ନଟେଇଚ । ମୁଁ ଭଲା ତାକୁ କଣ୍ଟି କହୁଥାନ୍ତି । ମୁଁ ପଚାରିଲି ତୁ ଈଶ୍ୱର ମାଁ କି ?" ଆରଜଣ ଥାଇ କହିଲା, "ମୁଁ ଈଶ୍ୱର ମା । ତୁ ଫକୀର ବୋହୂକିଲୋ ! ଆ'ଆ' ଘରଭିତରକୁ ଆ', ମତେ ଫକୀର କୋଉକାଳୁ କହିଲଣିଟି । ଏ ନିଆଁନଗା ମନକୁ କଣ କହିବଟି । ଟୋକାଟା ଏଇକ୍ଷିଣି ବଜାରରୁ ଆସିବ । ଆଉ ତୁ ବାହାରେ ବଇଚୁ । ହଇଲୋ ତୋ' ପାଟିରେ କଣ ବେଙ୍ଗ ବନ୍ଧା ହୋଇଥିଲା । ମତେ ଡାକଟାଏ ଦେଲୁନାହିଁ । ଆ' ଆ' ।"

ରତନୀ ଆଶ୍ରାପାଇ ବଡ଼ ଖୁସିରେ ଘର ଭିତରକୁ ଗଲା । ଦେଖିଲା, ଖଟ ପଡୁଛି, ମେଜ ଥୁଆ ହେଇଚ, ଚଉକି ସଜା ହେଇଚ,

ଝାଟୁରେ ମାଳ ଅଇନା ଆଉ ଡଣ୍ଡ । ଖଟରେ ଶୋଇଛନ୍ତି ସାଆନ୍ତେ । ଟୋକାଟିଏ ଗୋଡ଼ ଘସୁଚ । ଇଶର ମା ଘରକୁ ପଶିଯିବ କଣ ତା’ ମୁଣ୍ଡ ବାଜି କାଚର ଗୋଟାଏ ବଡ଼ ଅଇନା ଧୁମ୍‌କିନା ତଳେପଡ଼ି ଚୂର୍ଣ୍ଣଭୂତ । ସାଆନ୍ତଙ୍କର ତ ନିଦ ଲାଗିଆସୁଥିଲା ଏ ଶବଦରେ ଉଠି-ପଡ଼ି ଆଗ ଦ’ଚୁମୁଡ଼ା ଦେଲେ ଭଣ୍ଡାରୀ ଟୋକାକୁ, ସେଠୁ ଦ’ ଦ’ ବେତ ଦେଲେ ଏ ତିନିକଣଙ୍କୁ । ହଠାତ୍ ଘରେ ପଶି ଅକାରଣେ ମାଡ଼ଖାଇ ରତନୀର ରାଗରେ ବୁଦ୍ଧି ହଜିଗଲା । ସେ ଆଉ ସମ୍ଭାଳି ନପାରି କହିଲା, “ଏଇଠା କାହିଁକି ମତେ ମାରିଲ ଲୋ ! ଇଶର ମା ଆରଶୀ ଭାଙ୍ଗିଲା, ମୁଁ ଖାଇଲି ମାଡ଼ ।” ସାଆନ୍ତେ ଖୁବ୍ ରାଗିଯାଇ କହିଲେ, ବେଶି ବକ୍‌ବକ୍ କରନା । ଏଠି ଚାକରାଣୀ ଯେମିତ ସାଆ-ନ୍ତାଣୀ ସେମିତ, ଦୋଷକଲେ ମାଡ଼, ସାଆନ୍ତାଣୀ ହେଇଚ ବୋଲି କଣ ମୁଣ୍ଡ କିଣିଚ ? ଉଠ ଯାଇ ଭଙ୍ଗା କାଚତକ ଗୋଟେଇ ଗଦା କର । ରତନୀ ଆଖି ପୋଛିଯାଇ କାଚତକ ଗୋଟେଇ ଗଦାକଲା ।

ବାବୁ ବାହାରକୁ ଚାଲିଗଲେ । ଭଣ୍ଡାରୀ ଟୋକାଟାବି ଆସି ସାଙ୍ଗରେ ମିଶିଗଲା । କାଚ ଗୋଟେଉ ୨ କହିଲା, ଦେଖିଲୁ ମାଁ ସାଆନ୍ତାଣି, ସାଆନ୍ତେ ଆମର ଖୁବ୍ ଚଡ଼ିଲ ମଣିଷ । ଯେମିତ ନଙ୍କାମରଚନ୍ତି ତ ! ତାଙ୍କ ସଙ୍ଗେ ସଖିବ ବୁଦ୍ଧି ଚଳିବ । ତେମେ ନୂଆ ଲୋକ ବୋଲି କହି ରଖିଲି । ରତନୀ ସୁଯୋଗ ପାଇ ପଚାରିଲା, ହଇରେ ତୋ ନା କଣ ? ଟୋକା କହିଲା ମୋ’ନା ଦାମା । ମୁଁ ବାବୁଙ୍କର ଗୋଡ଼ ଘସେ, ପଙ୍ଖା ଟାଣେ, ବୋଲ ହାକ କରେ । “ରତନୀ କହିଲା, ଆଉ ଫକସ କଣ କରେ ? ଦାମା କହିଲା, କାଏ ରତନୀ କହିଲା ଏଠି ପଣ ସେ ଥାଏ ।” ଦାମା କହିଲା ଏଠି ତ ଫକସ ବୋଲି କେହି ନାହିଁ । ରତନୀକ ତ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ସେତେ ବେଳକୁ ଇଶର ମାଁ ଆସି ଡାକିଲା, ଆଲୋ ବୋହୂ ଗାଧେଇବୁ । ରତନୀ ଉଠିକରି ଚାଲି

ଈଶ୍ୱର ମାଁ ତାକୁ ନେଇ ପୋଖରୀ ତୁଠରେ ବସିଲା । ମୁଣ୍ଡା ଏ, ସାବୁନ, ଗିନାଏ ବାସନା ତେଲ ଧରି ବସି ଥାଏ । ଅଇନା ପାନିଆ ସବୁ ଆଣିଥାଏ ।

ପୋଖରୀ ତୁଠରେ ଖୁବ ନିର୍ଜନ, ଚାରିଆଡେ ପାଚେରି ବନ୍ଧା । ପକ୍କା ବେଦୀ, ତୁଳସିଚଉରା, ବାଡିଟା ଖୁବ ସୁନ୍ଦର, ଫୁଲଗଛ ମାଳ-ମାଳ, ନଡିଆଗଛ, ଆମ୍ବଗଛ କଦଳୀଗଛ ପଣସଗଛ ମାଳ ୨ । ରତ୍ନମା ଏ ସବୁ ଦେଖି ତା' ଆଖି ଖୋସି ହୋଇଗଲା । ସେ ଘଡିଏ ସବୁଆଡ଼େ ଚାହିଁଲା ।

ଈଶ୍ୱର ମା ଟିକେ କଡ଼ାସ୍ୱରରେ କହିଲା, କଣ ବଲବଲ କରି ଅନେଇଛୁ ଘର ବାରି କଣ କେବେ ଦେଖିନୁଁ । ତୋର ସାଆନ୍ତର ତ । ଏଠି ରାଣୀ ହୋଇ ରହିବୁ । ଭଲ ଗୁଣକଲେ କପୂର ଚୂରିବୁ । ଆମେ ତ ଚାକରବାକର ଲୋକ । "ରତ୍ନମା ଟାଣି-ହୋଇ କହିଲା, "ମୋର କଣ ମନ୍ଦଗୁଣ ଦେଖିଲୁକି ? ଈଶ୍ୱର ମା କହିଲା, ସାଆନ୍ତେ କହୁଥିଲେ, ତୁ କୁଆଡ଼େ ପକ୍କା କଜିଆଖୋର-ଣୀଟା ।" ଆପଣା ନିନ୍ଦା ଶୁଣି ରତ୍ନମା ଖପା ହୋଇ କହିଲା, "ମୁଁ ପକ୍କା କଜିଆଖୋରଣୀ ଆଉ ତୋ' 'ସାଆନ୍ତଟା ଖୁବ ଭଲ । ସେଇଟା କଅଁ ମୋ' ସାଙ୍ଗେ ନାଗିଚ ମତେ ସଖାଳୁ ଦ' ପାହାର ବାଡ଼େଇଲାଣି । ହଇଲେ ତମେସବୁ ଏଠି କେମିତି ଚଳ ? ଈଶ୍ୱର ମା ବଡ଼ ଦୁଃଖରେ କହିଲା "ମାଡ଼ ଗାଳି ଖାଇ ଚଳୁ । ମାଡ଼ ଖାଇ ୨ ହାଡ଼ ଭାଙ୍ଗିଲା । ସାଆନ୍ତେ ଖୁବ ପ୍ରତାପୀ; ଏବେ ତମ ହାତରେ ଆମ ଚୁଟି । ମାଇଲେ ଧଇଲେ ଯିବୁଁ ଆଉ କୁଆଡ଼କୁ ? ଜମି ଧରିବୁ ।" ସ୍ତ୍ରୀ କହି ଟାଣିନେଇ ରତ୍ନମାକୁ ତଳେ ବସେଇଲା । ପିତ୍ତଳ ଖଡ଼ୁଟିକ ତାର ବଡ଼ ହୁଗୁଳା ତିଆରି ହୋଇଥାଏ । ହାତରେ

ଶୁଣି ରତମା ଆଖିରୁ ଝପ ଝପ ଲୁହ ଗଡ଼ିଗଲା । ଘଣ୍ଟା’କ ଆଗର ଗହଣା ପିନ୍ଧି ହୋଇ ସୁଖ, ଶୂନ୍ୟରେ ମିଶିଗଲା । ଆଉ ତାର ଭାବ-ନାର ବେଳ ନଥିଲା । ବଡ଼ ବଡ଼ କଞ୍ଚନ ଥା’ଳରେ କି ଜାଣି ‘ଙ ଲୋକର ବାନ୍ଧିବା ଦରବ ଘେନି ଗୁରିଠା ପୂଝାରୀ ଆସି ହାଜର । ରତମାକ ହୁକୁମ ହୋଇଛି ବାନ୍ଧିବବୋଲି । ତା’ ଛାତି ଥର ଥର । ସେ କି ରନ୍ଧା ଜାଣେ ? ଯା’ ହଉ ରନ୍ଧା ଘରକୁ ଗଲା । ଜିନସ-ପତ୍ର ଥୋଇଦେଇ ପୂଝାରୀ ବାହାରିଗଲେ । ରତମା ଚୁଡ଼ିକରି ଚୁଲ୍ଲି ଜଳେଇଲା । ଭାତ ଫୁଟେଇଲା । ସାଗଟା ଖରଡ଼ିଲା, ଡାଲିଟା କଲା । ବଡ ମାଛକୁ ବେସର କରିଦେଲା । ଆଉ ତ କିଛି ଜାଣି ନାହିଁ । ପୁଣି ଭାତଚନ୍ଦ୍ର ସନ୍ତୁଳାଠା କଲା । ଆଉ ସବୁ ଜିନସ ପଡ଼ିଥାଏ । ସେ କି ଜାଣେ ଖିରମୋହନଭୋଗ, ଆଉ କଲିଆ କୁରୁମା !

ରାତି ନଅଟାକୁ ବାବୁ ଆସି ପିଣ୍ଡାରେ ବସିଲେ । ରତମାକ କହିଲେ; ଭାତ ବାଢ଼ । ତା’ ହଲକ ଶୁଖିଗଲା । ଏତେବଡ଼ ଲୋକକୁ କେମିତି ଭାତଦବ କଣ କରିବ । କେହି ସାହାଯ୍ୟ କଲେନାହିଁ । କଷ୍ଟେମଷ୍ଟେ ଥାଳିରେ ଥାଳିଆରେ ଭାତ ତିଅଣ ପରଶିଲା । ସାଆନ୍ତେ ଖାଇ ବସିଲେ । କହିଲେ ଭାରି ସୁଆଦ ହୋଇଚି । ରତମା ମନ କୁଣ୍ଢେ । ଡାକିଲେ, “ଆସ ଖାଇବ” । ରତମାକ ଭାରି ଲାଜ ମାଡ଼ିଲା । ତୁନିହୋଇ ରହିଲା । ସାଆନ୍ତେ ପୁଣି ଡାକିଲେ, ନଶୁଣିଲାରୁ ରାଗ ହୋଇ ଉଠିଲେ । ଥାଳି,ଥାଳିଆ, ଗିଲାସ, ବାସନ, ଭାତ ତରକାରୀ ସବୁ ଫୋପାଡ଼ି ଦେଲେ । କହିଲେ, କଣ ମୋ’ କଥା ଅମାନିଆ ।” ସାଆନ୍ତର କାଣ୍ଡ ଦେଖି ରତମାର ଗ୍ରୁଡ଼ରୁ ଅଧେ ରକ୍ତ ଶୁଖିଗଲା । ସେହିକ୍ଷଣି ଈଶଗ୍ରାମୀକୁ ଡକରା ହେଲା । ସାଆନ୍ତ ରାଗରେ ଗମଗମ ହୋଇ କହିଲେ, ଏ ମୋ’ କଥା ଅମାନିଆ କରୁଛି, ଏହାକୁ ପଖାଳ-ସ୍ତ୍ରୀ ପଠାଶାଗ ଏହିକ୍ଷଣି ଆଣିଦଅ ।” ସେହିକ୍ଷଣି ପଖାଳଭାତ ପିତା

ଶାଗ ଖରଡ଼ା ଆସିଲା । ସାଆନ୍ତ କହିଲେ, "ବସ୍ ଖାଇବାକୁ ।" ରତନା ଭକ୍ତିରେ ଖାଇ ବସିଲା । ସାଆନ୍ତ କଟରଇ କରେଇ ଭତ ତାଟିଆକୁ ଅନେଇଁ ଥା'ନ୍ତି । ପୁଣି ରାଗରେ କହିଲେ "ହଇଲୋ ଈଶର ମାଁ ହାଣ୍ଡିଏ ଗୋରୁ ତୋରାଣୀ ବାଢ଼ି ଦେଇଛୁ । ଏତେ ଖାଇବ ସେ ! କଟ୍ ଫୋପାଡ଼୍, ସେହିକ୍ଷଣି ଈଶର ମାଁ ସବୁ ଅଜାଡ଼ିଦେଲା, ରହିଲା ଖାଲି ଶାମୁକାଏ ତୋରାଣୀ । ସାଆନ୍ତେ କହିଲେ, ଏଇ ତୋରାଣୀ, ଆଉ ପିତାସାଗ, ମୋ' କଥା ଅମାନିଆ କଲେ ଏଇ ଖାଇବାକୁ ମିଳିବ । ରତନା ଲୁହ ପୋଛୁଥାଏ ଖାଉଥାଏ, ତା' କଇଁକଇଁ ସ୍ୱର ଶୁଣି ସାଆନ୍ତେ ଝଟ ତା ପିଠିରେ ବେତଟିଏ ବଜେଇଲେ । କହିଲେ "କାନ୍ଦିଲେ ଏ ଶାସ୍ତି । ରତନା ତୁନିହୋଇ ସେତକ ଖାଇଲା ।

ଖାଇ ଉଠିଲାମାତ୍ରେ ସାଆନ୍ତେ ଗଲେ ଅଂର ପିଣ୍ଡାକୁ; ସେଠି ଚଟେଇ ସତରଞ୍ଜି ପଡ଼ିଲା । ହାରମୋନିଅମ୍ ସିତାର ଥୁଆଗଲା । ବାବୁ ବସିଲେ ବାଜା ବଜେଇ ଗୋଟିଏ ଗୀତ ଗାଇଲେ । ତାଙ୍କ କଣ୍ଠ ସ୍ୱର ମଧୁର ରତନା ଶୁଣୁଥାଏ । ସାଆନ୍ତେ କହିଲେ, "ଆସ ବାଜା ବଜେଇବ ।" ଆଉ ସେ କିଛି ଉତ୍ତର ନ ଦେଇ କଡଙ୍କ ଗଲା । ବାବୁ ତାକୁ ବାଜା ଶିଖେଇ ବସିଲେ । ସେ ବୁଝୁ ନ ବୁଝୁ ହୁଁ ହାଁ ମାରୁଥାଏ । ଘଣ୍ଟାଏ ଗଲା, ସାଆନ୍ତେ କହିଲେ ଚାଲ ଶୋଇବା । ଖସଘର, ବଡ଼ ଗରମ, ପିଣ୍ଡାରେ ବିଛଣା ହେଲା । ଦିବ୍ୟସୁନ୍ଦର ବିଛଣା, ଗଦି, ତୋଷକ, ଲେପ, ତକିଆ, ପୁଣି ମଲ୍ଲି-ଫୁଲ ମାଳ । ସାଆନ୍ତେ ଶୋଇଲେ । ଘଣ୍ଟେ ଯାଇନାହିଁ ସାପ ମାଉଁଲାପରି ଉଠିଲେ । ବିଛଣା ବଡ଼ କାଟିଲା । କଥା କଣ, ରାମା ବେହେରା, ଦାମା ବାରିକ ଧାଉଁଡି ଆଇଲେ । ବାବୁ ସବୁ ବିଛଣା ଅଗଣାରେ ଫୋପାଡ଼ି ଦେଲେ । କଥା କଣ, ଖୋଜଖୋଜ ସାତ ପରସ୍ତ ଗଦିତଳେ ଗୋଟାଏ ଖଡ଼ିକା । ଏଇଟା କାଟୁଥିଲା । ବାବୁ

ଖଣ୍ଡିକାଟି ପାଇ ସେହିସଣୀ ସମା ବେହେରାଙ୍କୁ ଦ'ଘଧା ଦାମା ବାରିକଙ୍କୁ ଦ'ଚଟକଣା ବସେଇଲେ । କହିଲେ, ଆଣ ଖଜୁରିପଟି । ତାଙ୍କ କଥାମତେ ଗୋଟିଏ ସାତିଛୁଣ୍ଡା ଖଜୁରିପଟି ଆସି ପଡ଼ିଲା । ପିଢା ଗୋଟିଏ ମୁଣ୍ଡତଳେ ଦେଇ ସାଆନ୍ତେ ଶୋଇଲେ । ରତନମା ଡାକିଲେ ଗୋଡ ଦବି. । ତାଙ୍କ କାଣ୍ଡଦେଖି ରତମାର ପିଳେହି ଫାଟି । କିଛି ଉତ୍ତର ନ ଦେଇ ଗଲା ଗୋଡ଼ ଚିପିଲା ।

ମୁଠାଏ ଦ'ମୁଠା ନ ବଉଣୁ ସାଆନ୍ତେ ଏମିତି ଗୋଇଠାଟିଏ ଦେଲେ ଯେ ଗ୍ରୁଟିହୋଇ ଖଣ୍ଡେ ଦୂରରେ ପଡ଼ିଲା "ଆଲୋ ବୋପାଲୋ" ହୋଇ କାନ୍ଦି ଉଠିଲା । ସତେ ଯେମିତି କିଛି ଜାଣି ନାହାନ୍ତି. ସାଆନ୍ତେ ଧଡ଼ପଡ଼ ଉଠିପାରି କଅଁଳେଇ କହିଲେ, "ଆହା କାଟିଲା କଅ ! ହଉ ଆସ ବସା ଥା'ଉ, ଶୋଇ ପଡ ରାତି ବାରଟା ହେଲାଣି । ଭତ୍ରିରେ ଭତ୍ରିରେ ରତମା ଗୋଟାଏ କୋଣରେ ଶୋଇଥାଏ । ତା' ଆଖିକି ନିଦ ନାହିଁ । ସାତପାଞ୍ଚ ଭାବୁଥାଏ । ମାଁ କଥା ମନେ ପକେଇ ଆଖିରୁ ଲୁହ ଗଡ଼ି ଯାଉଥାଏ । ଲୋକାଙ୍କଭିତର ଛଳକଥା ସବୁ ତା'ବୁକୁ ଫାଟିପଡୁଥାଏ । ଏ କଣ ହେଲା, କୁଆଡେ ଥିଲା, କୁଆଡକି ଆଇଲା ; ଫଙ୍କାରି କିଏ, ଏ ସାଆନ୍ତେ କିଏ, ଏମାନେ ମୋତେ ନେଇ ଏତେ ରଙ୍ଗ କାହିଁ କରୁଛନ୍ତି କିଛି ବୁଝିପାରିଲା ନାହିଁ । ଉଠିବସି ସୁଁ ସୁଁ ହୋଇ ଅନେକବେଳ କାନ୍ଦିଲା । ତା'ସୁଁ ସୁଁରେ ସାଆନ୍ତର ନିଦଭାଙ୍ଗିଲା । ବିରକ୍ତ ହୋଇ କହିଲେ କଣ ଲୋ ଟୋକୀ ଶୁଆଇ ଦବନାହିଁ କହ ! କାହିଁକି କାନ୍ଦୁଛୁ ?" ଏଥର ରତମା ସମ୍ଭାଳି ନପାରି ଆହୁରି ବଡ ପାଟି କରି କାନ୍ଦି ଉଠିଲା । ସାଆନ୍ତ ତାର କଡକୁ ଯାଇ ଠିଆହୋଇ କହିଲେ, "କଅଣ କାହିଁକି କାନ୍ଦୁଛ ମତେ କୁହ । ଆପଣା ସ୍ୱାମୀକି ନ କହିବ ତ ଆଉ ଦୁଃଖ କଥା କହିବ କାହାକୁ ?" ସାଆନ୍ତ କଥାରେ ରତମାର ଗୋଡ଼ରୁ

ମୁଣ୍ଡଯାକେ ଜଳି ଉଠିଲା । ଭାବିଲା ମଲେ ମରିବ ପଦେ କହିବ । ଝଟ ଉଠିପଡ଼ି କହିଲା, "ମଲାମୋର ଡେଡ କୋଉଦିନ ବାହା ହେଲି ? ଫଙ୍କୀର ମଲାବାଳାଙ୍କ ମତେ ଆଣି ଏଠି ଏତେ ରଙ୍ଗ କରା-ଉଛ, ଲୋକା ମଲାବାଳାଙ୍କ ମତେ ପୂରେଇ ଏଠି ନାଟ ଦେଖୁଛ ।" ଏହା କହି ଦୁମ୍‌କିନା ତଳେ କଚୁଡ଼ି ହୋଇପଡ଼ି ମୁଣ୍ଡ ବାଡ଼େଇଲା । ସାଆନ୍ତେ ମଧ୍ୟ ବ୍ୟସ୍ତହୋଇ ତାଙ୍କୁ ଟାଣି ଓଟାରି ସେଠୁ ଉଠେଇଲେ ଅନେକ ବୁଝେଇ ସୁଝେଇ ତୁନିକଲେ । ହେଲେ ରତନୀ ମୋଟେ ତୁନି ହେଉ ନଥାଏ । ଖାଲି କାନ୍ଦୁଥାଏ କହୁଥାଏ ଏ ଜୀବନ ଆଉ ରଖିବି ନାହିଁ । କାଲି ସକାଳେ ପୋଖରୀକୁ ଡେଇଁ ପଡ଼ିବି । ଅର୍ଜିତ ଜୀବନ ଏତେ ହୀନସ୍ତା ହେଲା । ଜଣେ ବାହା ହେଲା, ଆଉଜଣେ କହିଲା ସ୍ୱାମୀ ! ମୁଁ ମୂଲିଆ ମୁଣ୍ଡର ଝିଅ ବୋଲି କଣ ମୋର ଇଜତ ମହତ ନାହିଁ । ନମ ଘରେ ବାରପାଇଟି କରିବ ବୋଲି କଣ ମୋ ମାନ ମହତ ଗଲା । ମୁ ପଛେ ଗଳାରେ ଦଉଡ଼ି ଦେବି ।"

ଆଉ ବେଶି ବଢ଼ିବାର ନୁହେଁ ଦେଖି ସାଆନ୍ତେ ଆପେ ଆସି କତରେ ବସିଲେ । ପ୍ରବୋଧ ଦେଇ କହିଲେ, "ଆରେ ଶୁଣ, ମହାପୁରୁ ସାକ୍ଷୀ. ଧର୍ମ ଦେବତା ସାକ୍ଷୀ ମୁଁ ତୁମକୁ ବାହାହୋଇଛି ଫଙ୍କାସ କେହି ନୁହେଁ । ମିଛରେ ମିଛରେ ସେତିକି ଭେଳିକି ହୋଇଥିଲା । ତୁମେ କଳିଆଖୋରଣୀ ବୋଲି ତୁମକୁ ଏ ଦଣ୍ଡ ।"

ରତନୀ ଟିକେ ଥଣ୍ଡା ହେଲାରୁ ସାଆନ୍ତେ କହିଲେ ସ୍ଥିର-ହୋଇଁ ଶୁଣ ! ମୁଁ ଆଗରୁ ଲୋକାକଡରୁ ଶୁଣିଥିଲି ତୁମେ ଭାରି ଖୋରଣୀ, ଭାରି ସାହାସୀ । ତନେ ମନେଥିବ ତମର, ମୁଁ ଯାଇଥିଲି ତମଗାଁକୁ ମାଛମାରି, ସେ ଆଜକୁ ପାଞ୍ଚ ବରଷ କଥା । ସେଦିନ ତୁମର ଯୋଉ ସାହାସ ଦେଖିଲି, 'ମୋ'ମନ ମାନିଗଲା । ମୁ ସାହା-

ସକୁ ଭାର ସୁଖପାଏ । ହେଲେ ତମ ଖୋରଣୀପଣଟା ଛଡ଼େଇବା ସକାଶେ ଏତକ ଭିଆଣକରି ବାହାହେଲି । ଏଥର ମନ ମାନିଲା !'

"ରତମା ଏତକ ଶୁଣି ଗୋଡ଼ତଳେ ପଡ଼ିଗଲା । ସାଆନ୍ତେ ଆଦରରେ ପାଖରେ ବସେଇ କହିଲେ ଏଥର ରତମା ନଅଭୁଣ୍ଡୀ ହେଲ, ରହାବନ୍ତି ଦେଇ ମଙ୍ଗଳ ଚଣ୍ଡୀ ।" ରତମା ମୁହଁରେ ଆଉ କଥାନାହିଁ ।

---

## ଛ କଥା ।

ଆରଦିନ ଦିନ ୯ ଘଡ଼ି ହେଇଚ, ସାଆନ୍ତେ କଚେରିଠାଇଁ ଅଛନ୍ତି, ରତମା ବଇଚ ମଝିଘରେ, ଈଶର ମାଁ ଭଣ୍ଡାରୁଣୀ ତା' ଗୋଡ଼ରେ ଅଳତା ଦଉଚ, ଆଇଲା ଫକୀର ବାମ୍ଭା ! ତା' ହାତରେ ପଥର ଠୁଙ୍ଗାଟି ।

ଫକୀରକୁ ଅନେଇଦେଇ ରତମାର ଗୋଡ଼ରୁ ମୁଣ୍ଡଯାକେ ଥରିଗଲା । ଏଇନା ସାଆନ୍ତ କହୁଥିଲେ ଫକୀର ବୋଲି କେହି ନାହିଁ, ଏ ପୁଣି ଜୀଅନ୍ତା ଫକୀର କାହୁଁ ଅଇଲା ? ତେବେ ସାଆନ୍ତେ ମିଛ କହିଲେ ? ଏ କଣ ମାୟାପୁର ?" ଫକୀର ଘଡ଼ିଏଖଣ୍ଡେ ରତମାକୁ ଅନେଇ କହିଲା, "ମଲୁନୁ ପୋଡ଼ା ମୁହିଁ, ମୁଁ ଏ ବଜାର ସେ ବଜାର, ଏ ଗାଁ ସେ ଗାଁ, ଏ ବିଲ ସେ ବିଲ ତେତେ ଖୋଜିଲିଣି, ଆସି ତୁ ସାଆନ୍ତଙ୍କ ଉଆସରେ ପଶିଲୁଣି ! କହନ୍ତିନେଇଁ କଥାରେ କାହା କପାଳରେ ଖିରଖିରସା କାହା କପାଳରେ ନଡ଼ୁ, ଆରେ ଏ ପୋଡ଼ା ଫକୀର କପାଳରେ ଖାଉଥା

ଖଜା ଚୋବେଇ ଚୋବେଇ ମରୁ !” ତୁ ଏଠି ନଅ ଭୁଅଣ, ତେର ଭଜା, ପନ୍ଦର ପିଠା, ଦଶ ଗଇଁଠା ଖାଇ ମଉଜ କରୁଚୁ, ଆଉ ଫକୀର ଓଲୁ ତେତେ ମାଜଣା ମଙ୍ଗଳପୁର ବୋଲି ଖୋଜି ଅଛି-ଲଣି । ଚାଲ ଘରକୁ ଯିବୁ । ଶାଶୁ ଅନେଇଥିବ, ଶଶୁର ଅନେଇ-ଥିବ, ଅନେଇଥିବ ମାଧିଆ. ମାଧିଆ ବୋପା ତ ଘରେ ବଇଚି, ମାଧିଆ ମାଁକୁ ନେଲା କଲେ ଗଧିଆ ! “ଚାଲ୍ ଚାଲ୍, ଆଲୋ ଉଠୁଚୁ ?” ଏହା କହି ତା’ ବାହାଧରି ଝିଙ୍କି ପକେଇଲା । ରତନୀ ଅକର୍ତ୍ତବ୍ୟ ହୋଇଁ ଉଠି ଠିଆ ହୋଇ ଆଗେ ତାକୁ ଗୋଡ଼ରୁ ମୁଣ୍ଡଯାକେ ଅନେଇଲା । ଇଏ ସେଇ ବାହ୍ୟା ତ । ସାଆନ୍ତ କଥା ମନେକରି ତାର କଲିଜା ଦୁହୁଁ ହୋଇଗଲା । ସେ କଣ କରିବ କିଛି ବୁଝି ନପାରି କାଠପରି ଛିଡ଼ା ହୋଇ ରହିଲା । ଈଶରା ମା କହିଲା, “ଇଲୋ ଯାଆଲୋ, ଡାକୁଚି ! ଶାଶୁ ଶଶୁର ଅନେଇ-ଥିବେ, ପଞ୍ଚ ଯାଇଛି ପଡ଼ିଥିବ । ଆପଣା ଘରକୁ ଯିବାକୁ ଏତେ ହାତଧରା ଗୋଡ଼ଧରା !” ଏଥର ରତନୀର ପାଟି ଫିଟିଲା । ଈଶରା ମାଁକୁ ବନ୍ଧେ ଗୋଧି ମୁଣ୍ଡ ବାଡ଼େଇ କାନ୍ଦି ବସିଲା । ହେତେ-ବେଳକୁ ସାଆନ୍ତ ଆସି ହାଜର । ସାଆନ୍ତଙ୍କୁ ଦେଖି ସରମରେ ରତନୀ ମାଟିରେ ମିଶିଗଲାଣି । ତାଙ୍କ କଜିଆ ଗୋଳ ଦେଖି ସାଆନ୍ତ କହିଲେ, “କିଅ ଫକୀରଚରଣ, ଆମ ହଆସ ଭିତରେ ଏତେ ଗଣ୍ଡଗୋଳ କିଆଁ ଲଗେଇଚ ?” ସାଆନ୍ତ କଥା ଶୁଣି ଫକୀର ଟିକେ କାନ୍ଦି ପକେଇଲା, ଟିକେ ନୁହ ପୋଛି ପକେ-ଇଲା କହିଲା ସାଆନ୍ତେ ହଜୁର ନିଶାପ କର । ପଅରଦିନ ରାତରେ ବହା ହେଲି କାଲି ସକାଳେ ଗାଁକୁ ଅଇଲି, କନିଆକୁ ଈଶରାମାଁ ଜତରେ ଛାଡ଼ି, ଗଲି ବଜାରକୁ, ଏଣେ କନିଆଟି ତମ ଘର ପିଠା ସୁଆଦ ପାଇ ଆମ ଗରିବଗୁରୁବା, ମୁଲିଆ ମୁଣ୍ଡରେ

ପଖାଳ ଭାତ ପିଠା ଶୁଖୁଆ ମଣୋହିରେ ଆଉ ରଜ ନୁହନ୍ତି । ଆଉ ଠା'ରୁ ଉଠୁନାହାନ୍ତି । ଏ ଈଶର ମାଁ ଭଣ୍ଡାରୁଣୀ ତାକୁ ଭଲା ସୁଆଦ ଚଟଖାଇଲା ! କଲୋ ତୋ ସାଆନ୍ତ ଘର ଖିର ଖିରଷା ତେତେ ବଡ଼, ଆମ ହଳିଆ ମୁଲିଆଙ୍କ ପେଜ ତୋରଣୀ ଆମକୁ ବଡ଼ । କଲୋ ଜାତ ଭଣ୍ଡାରୁଣୀ ଗୁଣ ପ୍ରକାଶ କରୁଛୁକ ? ରଖି ଦେଇଥା ସୁଆଗ ତୋ' ସାଆନ୍ତ ଘରେ । "ଈଶର ମାଁ ବ ଗୁଡ଼ଲ-ବାଲି ନୁହେଁ ।" ସେ କହିଲି, "ଆରେ ନିଆଁ ନଗା, ମୁଣ୍ଡପୋଡ଼ା ସାଆନ୍ତ ବୋହୂକୁ କୁଆଡ଼େ ନବାକୁ ବସିଚୁ? ହାଣି ଦେଇଚି ତୋତେ ?" ହଣା ନାଁରେ ବାହ୍ମା ଚପିଗଲି । ଝାନ୍ଦ ପକେଇ କହିଲି, "ଆଲୋ ଈଶରମାଁଲୋ, ହାଣ୍ନାଁ ଲୋ, ଦାନ୍ତରେ କୁଟା ହଉଚ, ଗୋଡ଼ ଧରୁଚ, ହାତ ଧରୁଚ, ହାଣ୍ନାଁ ଲୋ, ଖିର ଘସନାଁ ଟଲୋ ! ମୁ ପର ମୋ' ବୋପା ମାଁର ଏକଇର ବଳା ବିଶିକେଶନ ! କେ କେ ମିଠେଇ ମଧୁର ଖା !" ସ୍ତ୍ରୀ କହି ମିଠେଇ ପୁଡ଼ାଟା ଈଶର ମା ଉପରକୁ ଅଜାଡ଼ ଦେଲା । ଈଶର ମା ତାକୁ ଦି' ଚଟକଣା ବସେଇ ଦେଲା ।" ବାହ୍ମା ପୁଣି କାନ୍ଦପକେଇ ସାଆନ୍ତ ଗୋଡ଼ତଳେ ପଡ଼ଗଲା କହିଲା ଦେଖିଲେ ସାଆନ୍ତ ଈଶର ମା ଗୁଣ ! କହନ୍ତ ନେଇଁ ଜାତ ଭଣ୍ଡାରୁଣୀ, ନନ୍ଦରୁଣୀରେ ଖୋବେ ଦନ୍ତ ! ତାକୁ କି ବିଶ୍ୱାସ ! ଏବେ ନଶାପ କର ! ଭଲରେ ଭଲରେ ଆମକୁ ବଦା' ଦଅ ।

"ତଦା ନବୁକରେ !" ଏହା କହି ଢାମା ବାରକ ପଣ୍ଡୁଭ ଆସି ଫକୀର ପିଠିରେ ଦି' ବିଧା କସିଦେଲି । ଯେମିତ ହାଡ଼ ଭାଙ୍ଗିଗଲେ ଲୋକେ ଛଟେଇ ହୁଅନ୍ତି, ଫକୀର ଠିକ୍ ସେଇପର ହେଇ ତଳେ ପଡ଼ଯାଇ କହିଲି, "ଇଲୋ ମଲି ଲୋ, ମଲି ଲୋ, ମୋ' ହାଡ଼ ଭାଙ୍ଗିଲି, ମୋ' ଜୀବ ଗୁଡ଼ଗଲି" ସ୍ତ୍ରୀ କହି ମୋହ ଗଲି ।

ରତନାର ଆଉ ସନ୍ଦେହ ହେଲା ନାହିଁ । ଈଶର ମାଁକୁ କହିଲା, "ମଲା ଲୋକଟାର ଚେତା ବୁଡିଗଲାଣି, ମୁହଁରେ ପାଣି ଛାଟି ଦେ ! ଇଲୋ ଏ ଜଣ ହଉଚମ ସବୁ ।" ସାଆନ୍ତେ ଦାମାକୁ କହିଲେ, ଆଣରେ ଦ ମା ପାଣି ଛାଟେ । ଦାମା ଗରାଏ ପାଣି ଆଣି ରତନା ଗୋଡ କଡରେ ଧୁମକନା କରି ଦେଲା । ଈଶର ମାଁ ଥିଲା ଥିଲା ପାଣି ଗରାକ ଉଠେଇ ଫକୀର ମୁଣ୍ଡରେ ଓଜାଡି ଦେଲା ।" ଆରେ ସାଇଲେ ସାଇଲେ କହି ଫକୀର ଉଠି ପଡି ମୁଣ୍ଡଟା ଏତେ ଯୋରରେ ଝାଡି ଦେଲା ଯେ ପରଚୂଳଟା ତା' ମୁଣ୍ଡରୁ ଖସି ହାତେ ଦୂରରେ ପଡିଲା । ସାଆନ୍ତେ ହୋ' ହୋ' ହୋଇ ହସି କହିଲେ, "ଏଥର ଧରା ପଡିଲୁ ଗୁରୁଚରଣ !" ଗୁରୁଚରଣ ଟିକେ ଅପ୍ରସ୍ତୁତ ହୋଇ କହିଲା, ଆଜି ଏ ଈଶର ମାଁଟା ମୋ' ଚୂଟି ଝିଙ୍କି ଦେଲା ।

ରତନା ତା' କାଣ୍ଡ ଦେଖି ହସିବ କି କାନ୍ଦିବ କିଛି ବୁଝି ପାରିଲା ନାହିଁ ।

ସେଠୁ ସାଆନ୍ତେ, ଗୁରୁଚରଣ, ଦାମା ବାରିକହରିକା ଗଲେ ପୋଖରୀକି ଗାଧୋଇ !

ଜେଁ ବଧାଁ କୁସ୍ଥାଁ କାଁ ଜେଁ—ଏଁ--ଏଁ ବଡ ପାଟିରେ ଡାକି ଡାକି ଦୁଆରକୁ ଆଇଲା ଗୋଟିଏ ନାହାକ । ଈଶର ମାଁ ଯାଇ ତାକୁ ଭିତର ଅଗଣାକୁ ଡାକିଆଣିଲା । କହିଲା, "ନାହାକେ ଖାଲି ପାଚିଲେ ? ନାହାକ କାଣି? ଘଣ୍ଟାଏ କଲା । ରତନା ଅନେଇଲା, ଦେଖିଲା ଅଗଣାରେ ପଞ୍ଚା ଗୋଟାଏ ସତୁରି ବରଷର ବୁଢା ବସିଛନ୍ତି, ତା' ବାଳ ଝୋଟପରି, ତା' ନାକ ଅଗକୁ ଗୋଟାଏ ବଡ ଗ୍ରନ୍ଥ । କାଖରେ ବଡାଏ ତାଳପତ୍ର, ପଟା ପଞ୍ଜି ଗଣ୍ଡାଏ । ତା' ରୂପ ଭେକ ଠିକ ଯେମିତି ଗୋଟିଏ ପାଦମାଙ୍କଡ଼ଘର । ବୁଢା

ଖାଲି ଥରୁଚ, କାସୁଚ, ଛୁଙ୍କୁଚ, ହାଇ ମାରୁଚ, ଥରେ ଥରେ ଗଳାଖଙ୍କାରୁଚ । ତା’ ଢଙ୍ଗ ଦେଖି ରତନାକ ଘର ଚଣ୍ଡ ମାଡ଼ିଲା । ସେ କହିଲା, “ଈଶର ମାଁ ଏଇ ଥୁରୁଥୁରୁଆ ନାହାକଟାକୁ କାଆଁ ଡାକି ଆଇଁଲୁ ?” ଗୃଡ଼ଳ ଦେ ସେ ଯାଉ ।” ରତନା କଥା ନାହାକ କାନରେ ପଇଲା ଷିଣ ସେ ଉଠି ପଡ଼ି କହିଲା, “କିଁଲୋ ପଦ୍ଦଆଁ ନାଉଣୀ, ବଦ୍ଦଆଁ ଝିଅଁ ! ତୋଇଁ ଏତେଁ ଗୁଡ଼ିର । ବାହାଁ ସାହାଁ ହେଲୁଁ । ଜାତକ ସୁଜେଇଥିଲିଁ, ଖଡ଼ି ପକେଇଥିଲିଁ, ଆମି ସିଦ୍ଧା ଗଣ୍ଡୀଁକ ମାଁରିବୁଝିଲୋ ? ଆଁ ଣେ, ସରୁଁ ଚୂଡ଼ା, ଦୋପାଁଖି ଉଖୁଁଡ଼ା, ନଡ଼ଆଁ ଫଁଅଁ ପୁଞ୍ଜାଁ, ମନକୁଁ ବୁଝାଁ; ଆଁରେ ବୋଇଁଲା କନାଁ—କନିଁଆ ରତଁନା ନଁଅରୁଣ୍ଡୀ, କଲିଁହୁଡ଼ିଁ ଉଗୁରଁଚଣ୍ଡୀ—ବରଁନା କୁଷ୍ଣଁଚନ୍ଦ୍ର ସଉଁତୁନ, ଗୁଡ଼ିଁ ଥୁରୁଁ, ହେଇଁ ସ୍ୱର୍ଗଁଗ ।” ବଳେଇଁ ଦେଖିଲେଁ ବେଲିଁଇ ଦଧ, ଖାଏଁ କୁଣ୍ଡିପିଠାଁ କଳିମଥାଗ, ଡାଳୁଅଁ ଗୃଡ଼ିଁଳ ବେଳିଁଥା ଡାଲିଁ, ଟିକ୍ଷେଁ ଛୁଣ୍ଡାଁକନ୍ତାଁ ସନ୍ଧସ୍ତ୍ରେଁ-ତାଁଳି ।”

ଗୀତ ଗାଇସାରି ନ’ହାକ ତଷ୍ଟି ପାଞ୍ଜି ଫିଟେଇଲେ । ଆଙ୍ଗୁଠି ଗଣିଲେ । “ମେଷ, ବୃବୃଷ, ମିଥୁନ, କିଁରକିଁଟ ସିଂହ, କନଥାଁ, ତୁଳାଁ, ବୁରୁଁଛିକ, ଧନୁଁ, ମକର, କୁମ୍ଭ, ମୀନ । ଆରେଁ ବୋଇଲାଁ କନ ବୁଛିଁକ କକିଁଟ ମୀନସ୍ୟ ବପ୍ର ୫, କନଆଁ ନାଁ ରତନା ଏଁ—ମେଷି, ବୁରୁଁଷ, ମିଥୁନ, କର୍କିଡ଼ା, ସିଂହ, କନଆଁ—କନ୍ୟ ରାଶି—ନଇକ୍ଷତର ଏଁ ଅଶ୍ୱିଁନୀ ଦୁଇଟାଁ, କୁରୁତିକା, ରୋହିଣୀ, ମୃଗୁଗ-ଶିଁର, ଆରେଦ୍ରାଁ—ଏଁ ବୋଇଲାକନାଁ କନିଁଅ ରାଶି ଅଶ୍ୱିନୀ ନୈକ୍ଷେତ୍ର । ଫଳହେଲା—କନିଁଆ ସୁଲକ୍ଷଣା ପୁତ୍ରକନିଁଆ, ଧନ ଧାନ୍ୟ, ପୁରୁନାଁ, ଡ଼ାହାଁଣପାଏଁ ଲକ୍ଷ୍ମୀଁ ବାଁ ପାଏଁ ହଡିଁଶିଁଶିଁ । ଗୁରସ୍ତି ମାସ, ପୁଅଁ କରୁଡ଼ଁ ।

ନାହାକଙ୍କର ଗଣା ଶେଷ ନୋହୁଣୁ ଯାଅ'ନ୍ତେ, ଗୁରୁଚରଣ ଗାଧେଇ ଆସିଲେ । ଗୁରୁଚରଣ ନାହାକ କଡ଼ରେ ବସିଗଲା, କହିଲା, ଅବଧାନେ ମୋ' ରାଶି କହିବନି । ନାହାକ ପ୍ରଚଣ୍ଡ ଚିଡ଼ିକ ତା' ମୁହଁକୁ ଚାହିଁଲା କହିଲା, "ତମ ନାଁ କହଁ ।" ଗୁରୁଚରଣ କହିଲା "ମୋ' ନାଁଟି ଫକୀରା, ମୋ' ବୋପା ନାଁଟି ଭିକାରିଆ, ମୋ' ଜେଜେ ବୋପା ନାଁଟି ଭରତିଆ, ମୋ' ଅଣ ଜେଜେ ବାପା ନାଁଟି ଆରତିଆ, ମୋ' ପଣ ଜେଜ ବାପ ନାଁଟି ସାରତିଆ । ସ୍ତ୍ରୀ କହି ଦଉଡ଼ିଯାଇ ନାହାକର ଚୁଟି ଟାଣି ଦେଲା । ସେତ ପରଚୁଳା ଉପୁଡ଼ିପଡ଼ିଲା । ନାହାକ ଭିତରୁ ହିଁ ବାହାରଦିଆ ରତନୀ ଗୋଡ଼-ତଳେ ପଡ଼ିଯାଇ କହିଲା, ବୋହୂ ସାଆନ୍ତାଣୀ କ୍ଷେମା କର, ବାଳକ କଥାରେ ଦୋଷ ନଧର । ଆମେ ପିଲାଳିଆ ଅଣ ଅବୁଝା, ଦୋଷ ଆମକୁ ଦେଇ ଉଖୁଡ଼ା ଚୂଡ଼ାଭଜା ।"

ସେଦିନ ତାଙ୍କ ଘରେ ହେଲା ଖୁବ ହସ । ହସି ହସି ସଭିଙ୍କର ପେଟ ପଶସ ହେଲା ।

ସଞ୍ଜବତୀ ଲାଗିଲା । ରତନୀ ବସି ପାନ ଖଞ୍ଜୁଥିଲା । ଗୁରୁଚରଣ ଆସି କହିଲା, ଆସ ଘରକୁ ଯିବ, "ଅନାଇଁ ଥିବେ ଶାଶୁ ଶଶୁର ।" ରତନୀ ଉଠିପଡ଼ି ଧାଇଁଯାଇ ମଝି ପିଠିରେ ଦୁମକିନା ବିଧାଟିଏ ଦେଲା । ଗୁରୁଚରଣ ହସି ହସି ଦାଣ୍ଡକୁ ପଳାଇଗଲା । ସେହିଦିନୁ ଗୁରୁଚରଣ ଆଉ ହର ତା' ସାଙ୍ଗେ ବଢ଼ନ୍ତି ନାହିଁ । ସାଆନ୍ତଙ୍କ ଶିକ୍ଷାରେ ନଅରୁଣ୍ଡୀ ଖୁବ ବଦଳି ଗଲା । ଆମ ମଣିଷ ଆଉ ସେ ନୁହଁ । ଯେମିତି ସଭ୍ୟ, ସେମିତି ଭଲ । ତା' ଖୋରଣୀପଣ କୁଆଡ଼େ ଗଲା । ସାଆନ୍ତେ ତା' ପାଇଁ ଗୋଟାଏ ମାଷ୍ଟ୍ରିଆଣୀ ଆଣିଲେ ଛମାସରେ ସେ ସବୁ ପଢ଼ି ପକେଇଲା । ତାର ଖୁବ ବୁଦ୍ଧି, ଯାହା

ଧରୁଥାଏ ତ' ଶିଖୁଥାଏ । ସାଆନ୍ତେ ଘର ପାଖରୁ ଭଲ ସୁଆର ମଗେଇ ତାକୁ ଅନେକ ଅନେକ ପ୍ରକାର ରନ୍ଧାବଢ଼ା ପଠା ପଣା ଶିଖେଇଲେ । ନିଜେ ଗାଇଣା ବାଇଣା ଶିଖେଇଲେ । ଅଗଣ୍ଠରେ ସେ ଏମିତ ସରୁସୁତା କାଟି ଶିଖିଲା ଯେ ସେ ଗାଁରେ ତା'ଠୁ ବଳି ଆଉ ଭଲ ସୁତା କେହି କାଟି ପାରୁ ନଥିଲେ । ହେଲେ ଦୁଃଖୀ ଘର ଝିଅ ଏଠି ସୁଖରେ ରହିଲା, ବାଳ ଟିକ ପାଚିଲା । ଆଉ ସ୍ୱାମୀଟି ଏ ଯାଏଁ ଲେଖା । କି କଥାକୁ ତାକୁ ଦୁଃଖ ।

କଥା ଲୁଚି ରହିଲା ନାହିଁ । ପୁରୁଷ ଆଉ ଘରକୁ ଦେଖି ଆସୁ ନାହିଁ । ଘରେ ଭାରପଣ ବୋହୂ । ଜାଟେଣୀ ଦେଖି ବଡ ମନ ଦୁଃଖରେ କାଳ କାଟନ୍ତି । କୃଷ୍ଣକୁ ବୋହୂ କଥା କହିଲେ, କୃଷ୍ଣ ମୁହଁ ମୋଡ଼ନ୍ତି, କହନ୍ତି ତୋ ମନ ଇଚ୍ଛା ବୋହୂ କରିଛୁ । ତୋ' ଘର ଆଲୁଅ କରି ବସିଥାଉ । ଯେ ସ୍ୱାମୀକୁ ମାନିଲା ନାହିଁ ସେ କି ସ୍ତ୍ରୀ । ଘରେ ପାଟ ପଡ଼ନ୍ତା ପେଡ଼ିରେ ଖୁନ୍ଦା ହେଉଛି, ସିନ୍ଦୁକରେ ସିନ୍ଦୁକେ ଅଳଙ୍କାର । ପୋଇଲି ପରିବାସୀ ଅଛନ୍ତି ଘଣ୍ଟିବାକୁ । କୋଉ ସୁଖରେ ଉଣା ଯେ ସ୍ୱାମୀ ନ ହେଲେ ଚଳନ୍ତା କଣ ?

ଉମା ସୁନ୍ଦରୀ ଖୁବ ଅଭିମାନୀ । ଅଭିମାନ ଆନୁର ଗଣ୍ଠି ଧରି ବସନ୍ତି । ସେ ବଡ଼ଘର ଝିଅ; ଟିକେ କଥା ହେଲେ କହନ୍ତି ମୋତେ ଗୁଣ୍ଡଉଛ ମୁଁ ବାପ ଘରକୁ ଯିବି । ୧୦ ବାର ଲୋକର ବାର ବୋଲଣା ସହି ପାରିବି ନାହିଁ । ମଲି ମୋ ରି, ମୋ' ବାପରେ କାହିଁର ଅଭାବ ଯେ ଏଠି ପଡ଼ି ପୋଇଲିଙ୍କ ହାଉଲ କଥା ଶୁଣିବି ?

ଥରେ କୃଷ୍ଣ ତା' କଥାରେ ଖୁବ ଟେପା ହେଇ ବାପ ଘରକୁ ପଠେଇ ଦେଲେ । ସେଇଦିନୁ ଆସି ଦେଢ଼ ବରଷ ହେଲା ଉମା ବାପ ଘରେ । ଏଣୁ ଭିତରେ ସାଆନ୍ତେ କାହାଁକୁ ନକହି ନ

ବଗୁର ରତ୍ନମାଙ୍କ ବାହା ହେଲେ । ହେଲେ କଥାଟା ଲୁଚିଲା କୁଆଡ଼ୁ । ବାହା ହେବାର ଛ ମାସ ନ ଯାଉଣୁ ଉମା ବାପଘର ଖବର ପାଇଲେ । ଉମା ଏ କଥା ଶୁଣି ପହିଲ ତା' ମନଟା କେମିତି ହୋଇଗଲା, ପରେ କହିଲା, ହଁ । ଯେତଟା ତାହା ହେଲେ ମୋ' ଗୋଡ଼ ତଳକୁ ତ । ଉମା ମାଁ ସଂସାର ମଣିଷ । ସେ ଘାର ଦୁଃଖରେ ନାରେଣୀ ଦେଈଙ୍କ ଖବର ପଠେଇଲେ । ନାରେଣୀ ଦେଈ ଏ କଥା ଶୁଣି ତାଙ୍କ ମୁଣ୍ଡରେ ଆକାଶ ଛିଣ୍ଡି ପଡ଼ିଲା । ସେ ସେହିକ୍ଷଣି ସୁଆରୀରେ ବସି, ଆରଦିନ ସକାଳେ ସରଦେଇପୁରରେ ହାଜର ।

ଘରେ ଗୋଡ ଦେଲାମାତ୍ରେ ରତ୍ନମାଙ୍କ ଦେଖି ଆଗେ ବହୁତ ଗାଳିଦେଲେ । ରତ୍ନମା ଆଗ ଶାଶୁର ଚର୍ଚ୍ଚା—ବୁଝିଲା । ସେ କିନ୍ତୁ କାହାର ପାଣି ଛୁଇଁଲେନାହିଁ । କହିଲେ ତୁ କ ଘରବୋଲି କ ଘର ଝିଅ ତୋ' ହାତରୁ ପାଣି ଛୁଇଁବ ।" ଏ ଅନ୍ୟାୟ କଥା ବରଦାସ୍ତ କରିବା ଭଳି ପ୍ରକୃତି ରତ୍ନମାଠି ନଥିଲା ସେ କହିଲା, "ମୋତେ ମିଛକୁ ଗାଳି ଦିଅନା ତମ ପୁତୁରାକୁ ପଚାର ।" ସାଆନ୍ତେ ଘରେ ନଥିଲେ । ଆସି ଶୁଣିଲେ ଅପା ଆସିଛନ୍ତି ପୁତୁରାକୁ ଦେଖିଲା-ମାତ୍ରେ ନାରେଣୀ ଦେଈ ଆହୁରି ପାଟିକଲେ । କହିଲେ ମୋ'ତେ ନବସ୍ତୁର, ନପଶୁର ଗୋଟାଏ ଅଇଁଠାଖିଆଘରର ଝିଅକୁ ଆଣି ଆମ ବଂଶରେ ପୂରେଇଲୁ । ଆମ ଇଜତ ମହତ ଗଲା; ଆଉ ତୋ' ହାତରୁ କିଏ ପାଣି ଛୁଇଁବ । ତୁ ପୁଣି ମୋତେ ମୁହଁ ଦେଖା-ଉଛୁ ।" ପୁତୁରା ତା' କଥାରେ ପାଟି ନ ଫିଟେଇ କହିଲେ, ହଉ ବଜାରକୁ ସରବା ଯିବ ଜଳଖିଆ ଆଣିଦେବ ଖା' । ବୁଢ଼ି କହିଲା, ନା ମୁଁ ତୋ' ମୁହଁ ଚାହିଁବିନାହିଁ, ଆଗେ କହ ଏ ଅଲକ୍ଷଣୀକି କୋଉଠୁ ଆଣିଛୁ । ତାରପରେ ବୋହୂ ତୋତେ ପସନ୍ଦ ହେଲା-

ନାହିଁ, ଏଇ ବେପିଟିନାକ, ଝିଙ୍କୁକପାଳି ଅଲକ୍ଷଣ ପେଣ୍ଟୀ ତୋର ପସନ୍ଦ ହେଲା । ଆଜ—କାଲିକା ପିଲାଏ ପରା ଏମିତି ଅବାଧ । ଆମ ବଶରେ ଅଛନ୍ତି ଯେ ଆମେ କହିବୁ ବୋଲିବୁ ।” ଏହା କହି ବଡ ପାଟିରେ କାନ୍ଦିବାକୁ ଆରମ୍ଭ କଲେ । ତାଙ୍କ ବ୍ୟସ୍ତରେ କୃଷ୍ଣ ତାଙ୍କ ଗୋଡତଳେ ପଡିଗଲେ, କହିଲେ ମାଁ ତୁ ଅପା ତୁ, ମାଇଲେ ମାର୍ ଜିଆଇଲେ ଜିଆ । ହେଲେ କଥାଟା ବୁଝ ! ତୁ କହୁଛୁ ତାକୁ ସେ କ ଘର, ହିଉ ଆଗକର କହ ମୁଁ କ ଘର ବୋହୂ, ମୋ’ ପିଇସା ଦନାର୍ଦ୍ଦନ ଗ୍ରେଷ୍ଠ ଦାସ ମାଳଣା ମଙ୍ଗଳପୁରୁ ବାଇଧର ଜେନାର ମାମୁ ପୁଅ ଭାଇଟି । ଆଉ ଏ ବୋହୂ ତାର ନିଜ ଝିଅଟି । ପଦନ ଜେନା ଉଦୟ ଜେନା ଏକା ମାଁର ଦୁ’ ପୁଅଟି । ଏ ବୋହୂ ପଦନର ପୁଅ ବଡଆର ଝିଅ ।

ବୁଢି ଏତକ ଶୁଣି ଟିକେ ନରମ ହେଲା । ରତନୀ ଆସି ଗୋଡ-ତଳେ ପଡି ହାତଧରି ଉଠେଇଲା । ବାରବକମ ଆଣି କଡରେ ବସି ଶାଶୁକୁ ଖୁଆଇଲା । ଶୋଇଲାରୁ ନିକେ ଯାଇ ଗୋଡ ଘଷି-ଦେଲା । ତା ଶିଷ୍ଟାଗୃହରେ ବୁଢି କ୍ରୋଧ ଭୁଲିଗଲା । ଟିକେ ପ୍ରେମ ହେଇଗଲାରୁ କହିଲା, ମୁଁ। ପିଇସାର ବାପ ଆଉ ତୋ’ କଦେଇ ବାଇଧର ମାଁ ଏକା ମାଁ ପେଟର ଭାଇ ଭଉଣୀ । ସେଇ ଲେଖାରେ ତୋ’ ବାପ ମୋ’ ଦିଅର । କୃଷ୍ଣ ବାହାହେଲା ଭଲ-କଲା ହେଲେ ମୋତେ ଟିକେ ବଗୁରଥାନ୍ତା କ ଲୋଡଥାନ୍ତା ।

ଏତକବେଳକୁ ହରି ଘର ଭିତରକୁ ପଶି ଆସୁଥିଲା । ଅପା କଥା ତା’ କାନରେ ପଡିବାରୁ ସେ କହିଲା, “ତୋତେ ବଗୁର-ଥିଲେ ଆମ ବାହାଘରଟା ଆଉ ଉଠିଥାନ୍ତା ବୋହୂକୁ ସମାନ ବୁଝିବୁ ପକ୍କା କଳଆଖୋରଣୀ ନଅନ୍ତୁଣ୍ଡୀ । ରତନୀ ଲାଜରେ ମୁହଁ ତଳକୁ ପୋତିଲା ।

ଗୃହହାବେଳେ ରତନାଗଲା ସେଷେଇ ଶାଳକୁ ଉନ୍ଧ, ଆଉ ଗୁରୁଚରଣ ହର ବସି ଅପା ଆଗରେ ବାହାଘରର ସବୁ କାରଖାନା ଗୋଟି ଗୋଟି ବସ୍ଥାନ କଲେ । ବୁଡୀ ଶୁଣି ହସି ହସି ତା' ପେଟ ପରସ । ଝରକାବାଟେ ରତନା ଗୃହିଁଙ୍କ ଶାଶୁ ଘର ହସୁଛନ୍ତି । ଦାମା ଆସି କହିଲା "ଜାଣିଲ ସାଅନ୍ତାଣୀ, ଅପାସାଆନ୍ତାଣିଙ୍କ ଆଗରେ ସାନ ସାଆନ୍ତେ ଆଉ ଗୁରୁଚରଣ ନନା ବାହାଘରର ସବୁ କଥା ବସ୍ଥାନ କଲେଣି । ରତନାକ ଶୁଣି ଅନ୍ଧର ଲଜ ମାଡ଼ିଲା ।

ପୁରୁଷ କଡରେ ବୁଡୀ ରହିଲେ, ଦ'ମ'ସ । ବୋହୂର ଗୁଣ-କିସ୍ସାରେ ପହିଲ ପହିଲ ଚଳୁଥିଲେ । ତାଙ୍କର ଚଉଦାର କାରଣ ରତନା ବେଶି ଲଜ କରୁ ନ ଥିଲା । ସମସ୍ତଙ୍କ ସାଙ୍ଗରେ ମିଳାମିଶା କରୁଥିଲା । କନ୍ତୁ ଦେଖିଲେ ସେ କାମରେ ଘର ଫୁଟି, ସ୍ୱାମୀର କଥାରୁ ପାଦେ ଟଳେ ନାହିଁ । ନଜ ହାତରେ କ ଚଅଣ, ଦଣ ଭଜା କର ସ୍ୱାମୀ ଶାଶୁଙ୍କୁ ପରଶୁଛି, ସମସ୍ତେ ଖାଇ ସାରଲେ ଆପେ ଖାଇ ବସୁଛି । ଗୃକରଙ୍କ ଝିଅପିଆ ପ୍ରତ ତାର ବଡ ଅଖି । କେହି ତା' କଥାରୁ ବାହାର ନୁହେ । ଘର ଗୋଠାବ ତଳେଇ ଏଣେ ଘ'ପହରଆ ବସି ପାଠ ପଢୁଛି । କତ ଘଣ୍ଟାଏ ଅରଟରେ ସୂତା କାଟୁଛି, କଳ ଘରଘର କର ଜାମା ଜୋଡ ଶିଲେଇ କର ପକଉଛି । କାଁଇଶି ଡାଲ ଶିଝିଁଚ, ତଜ ଆଙ୍କୁଚ । କୋଉ କଥାରେ ଊଣା ନୁହେ । ତା'ଠି ପୁଣି ଫେସନ କନ୍ତୁ ନାହିଁ । ସ୍ୱାମୀର ଇଚ୍ଛା ଯାହା ତା' ଇଚ୍ଛା ତା'ହି । ତାଠି ଦେଖିବ ନାହିଁ ସରୁଲୁଗା, ବାସନା ତେଲ ଅତର । ତାଠି ଦେଖିବ ନାହିଁ ଅଳସପଣ ।

ଦନେ ସଞ୍ଜଆ ପିଇସି ପୁରୁଷ ପିଣ୍ଡାରେ ବସି ଦୁଃଖ ସୁଖ ହେଉଛନ୍ତି, ରତନା କଥା ପକେଇ ବୁଢ଼ୀ କହିଲେ "ତୋ'

ବୋହୂ ନାଁ ରଖନ, ତା' ଗୁଣ ରଖନ ।" ପରେ ଦୀର୍ଘଶ୍ୱାସ ପକେଇ କହିଲେ, ଝିମା ଏ ଏଇଭଳି ଛୋ କଥା ମାନିଥିଲେ ଆଜି କପୁର ଚୁରିଥାନ୍ତା । ହେଲେ ସେ କଣ ଶୁଣିଲା ? ଆଗ ପଛ ବିଚାରିଲା ?

କୃଷ୍ଣ ଦୁଃଖରେ କହିଲେ ବଣର ବାଘକୁ ଆଣି ବଶ କଲି । ସେ ବଡ଼ଘର ଝିଅ ହୋଇ କୁବୁଦ୍ଧି ଧରିଲା ! ହେଲେ ତାକୁ ମୁଁ ଛାଡ଼ି ଦେଇ ନାହିଁ ଠିକେ ଚେତୁ, ତେବେ ଆଣିବି । ନୋହିଲେ ପରଙ୍କୁ ଆମେ କଅଁ ଉପଦେଶ ଦବୁଁ ? ଆମ ଘରସୁନା ତ ଭେଣ୍ଡ୍ରୀ, ଆମେ ପରକୁ ତିଆରିବୁଁ, ତମେ ଭଲ ହୁଅ, ସଉକ ଛାଡ, ଆପଣା ଦେଶର ମହତ ରଖ । ସେଦିନୁ କହିଥିଲେ ଲୋ ଅପା ବଡ଼ ଘର ଝିଅ ଆଣିବ ନାହିଁ । ବଡ଼ ଘରେ ଝିଅ ଦବ । ବଡ଼ଘର ଝିଅ ଆଣି ଏ ହଟହଟା, ସେନା ସ୍ୱାମୀଙ୍କ ମାନିଲା, ନାଁ ଶାଶୁଙ୍କୁ ମାନିଲା । ତାଙ୍କୁ କି ସ୍ତ୍ରୀ କହିବ ? ସେ ନିତାନ୍ତ ଅଲକ୍ଷ୍ମୀ । ଅଲକ୍ଷ୍ମୀ ପୁରୁଷ ପୁଅକୁ ଆଶ୍ରୟ କଲେ, ପୁରୁଷ ପୁଅ ସରିଲା । ଆମ ଦେଶର ଆଉ ଏଡ଼େ ଦୁର୍ଗତି କାହିଁକି ? ଝିଅମାନେ ଗୃହ ଲକ୍ଷ୍ମୀ ହେବା ଦୂରେ ଥାଉ ଅଲକ୍ଷ୍ମୀ ହେଲେଣି । ସ୍ୱାମୀ ଭକ୍ତି ଗଲାଣି । ତାଙ୍କର ଚକ୍ଷୁରେ, ଗହଣା ଲୁଗା ହେଲାଣି ସାର ପଦାର୍ଥ । ମୁଁ ଉମାକୁ ଏଇ ଶିକ୍ଷା ଦେବା ମାନସରେ ସ୍ୱା କଲି । କହିଲି ତ ହେଲା ନାହିଁ । ବୋଲିଲି ତ ନାହିଁ । ପଦେ କହିଲେ ଗଳାରେ ଦଉଡ଼ି ଦବାକୁ ଗଲା । ଠିକେ ଅସନ୍ତୋଷ ହେଲେ ବାପ ଘରକୁ ଧାଇଁଲା । ମୁଁ ଏବେ ମର୍ଦ୍ଦପୁଅ କାହାଁତକ ଜଳାଞ୍ଜଳି ହେବ । ସେହି ଯୋଗୁ ଗରିବ ଘର ଝିଅ ଠିଏ ବାହା ହେଲି । ସେ ହେଲେ ଘର ଗରିବ । ଆମେ ହେଲୁ, ନାଁ ଜମିଦାର । ଆମ ଘରେ ଆମ ବୋହୂମାନେ ଆମକୁ ଅମାନ୍ୟ କରିବେ ଆଉ ପରଜାଏ ଆମଠୁ ଦେଖି ଶିଖିବେତ ! ପ୍ରଜାଙ୍କ-

ଲାଗି ରଜା ଦୋଷରେ ଜାନକୀ ପରି ସତୀସାଧ୍ବୀଙ୍କୁ ଶ୍ରୀରାମ ବଣକୁ ପଠେଇଲେ । ସ୍ତିରୀ ଆମର୍ ହାତେ ବଢ଼ିଲେ ଆଉ ଧର୍ମ ରହିବ ?

ନାରେଣୀ କହିଲେ, "ହଁରେ ପୁଅ ଏବେ ବୁଝିଚି, ମୁଁଇ ତାକୁ ମୁହଁ ଦେଇ ସର୍ବନାଶ ବାଟରେ ନେଇଚି, ସେତେବେଳେ ମୋର୍ ମୁହଁ ପାଇ ନ ଥିଲେ କିଜାଣି ଅବା ତୋ' କଥା ମାନିଥାନ୍ତା । ମୁଁ ତା' ପକ୍ଷ ହେଲାରୁ ସେ ତ ସମସ୍ତଙ୍କୁ ଗୋଡ଼ରେ ଦଳିଲା । ଏଇଟା ମୋର ବଡ଼ ଭୁଲ ।

କୃଷ୍ଣ କହିଲେ—ଯା' ହବାର ହେଇଚି, ନେଉ ଗୁଡ଼ କହ୍ନୁଣୀଙ୍କ ବୋହୂ ଗଲାଣି । ହେଲେ ସେବ ବୋହୂ । ମୁଁ ତାକୁ ଫୋପାଡ଼ି ଦେବନାହିଁ । ଯେତେ ଦିନ ରାଗରେ ବାପ ଘରେ ଅଛି ଥାଉ । ରାଗ ଭାଙ୍ଗିଲେ ଆସିବ । ନାରେଣୀ ଦେଇ ଦୁଃଖରେ ଦୀର୍ଘଶ୍ୱାସଟିଏ ପକେଇ କହିଲେ—ଆଉ ରାଗ କଣ ସଦାଦିନ ରହିବ । ମୁଁ ବୁଢ଼ୀ ହେଲିଣି, ଆଜ ଅଛି କାଲି ନ ଥିବି, ହେଲେ ମୋ' ରାଣ ତାକୁ ମୋଠେ ଫୋପାଡ଼ିଦବୁ ନାହିଁ । ପାଟର ଅନ୍ତର କରିବୁ ନାହିଁ । ତା' ମାଫିକେ ତାକୁ ଚଳେଇବୁ । କୃଷ୍ଣ ହଁ ଭରିଲେ । ବୁଢ଼ୀ ତୋଷ ହୋଇ ଜପ କରିବାକୁ ଉଠିଗଲେ । ରତନୀ ଶାଶୁର ଜପ କରିବା ଥାନଟି ଆପଣା ହାତରେ ପରିଷ୍କାର କରି କୋଥଳୀ ଥୋଇ ଫୁଲ ତୁଳସୀ ପଞ୍ଚ ସଜାଡ଼ି ରଖିଥିଲା । ବୁଢ଼ୀ ତାର ଭକ୍ତି ଦେଖି କହିଲେ ମୁଁ କଲ୍ୟାଣ କରୁଚି ତୁ ଯେମିତି ସଭିଙ୍କ ମନ ନେଇଚୁ ପରମେଶ୍ୱର ସେମିତି ଏକା ତୋତେ ଉତ୍ତମ ସୁନ୍ଦର ବାଳକ ଦିଅନ୍ତୁ ।"

ଏମିତି ମାସକ ଦିନ କଟିଲା । ହେଲେ ଗେଲ୍ହୀ ଖବର କଣ ବୁଝିବା । ରତନୀ ବାହାଦିନୁ ଗେଲ୍ହୀ ମନ ସୁଖ ନଥାଏ । ଦିନ ରାତ

ଲୋକଙ୍କୁ ଶୋଧୁ ଥାଏ । କଜିଆ କରୁଥାଏ, ଆଉ କାନ୍ଦୁଥାଏ । ଲୋକେ ଭାବିଲେ ଆଉ ଲୁଚେଇବା ଭଲ ନୁହେଁ । ଗୋଟିଏ ସୁଆରୀ ବନ୍ଦୋବସ୍ତ କଲେ । କହିଲେ, ମାଉସୀ ଚାଲ୍ ତୋ' ଝିଅକୁ ଦେଖି ଆସିବୁ । ଗେଲ୍ହୀ ପହିଲେ ପହିଲେ ନାହିଁ କଲା । ମୋ' ଝିଅ-ମଲାଣି । କହି ଗାଳି ଦେଲା । ହେଲେ ଲୋକେ ବଳାତ୍କାର କରି ନେଇ ଗଲେ । ପାଲିଙ୍କି ପହଞ୍ଚିଲା ସିଧା ଜମିଦାର ଓଆସରେ ଗେଲ୍ହୀ କୋଠାବାଡ଼ି ଦେଖି କହିଲା, "ହାଇରେ ଏଠି କୋଉଠି ଆଇଲୁଁ ? ଏଠି ରତମା ଅଛି ? ଲୋକେ କହିଲେ ଏଇଠି ଅଛି," ଏ ସବୁ କୋଠା ବାଡ଼ି ତାର । ଗେଲ୍ହୀ ତ ଅବାକ୍ । ମଝିଅଗ-ଣାକୁ ପଶିଗଲା ମାତେ ଦେଖିଲା, ରତମା ଖଣ୍ଡେ ମଠ'ଲୁଗା ପିନ୍ଧି ତଉଳ ମୂଳେ ପୂଜା କରୁଛି । ତା' ଦେହରେ ସୁନା ରୁପା ଅଳ-ଙ୍କାର ପୁରି ରହିଛି । ହାତରେ ମୁଠାଏ ସୁନା ଚୁଡ଼ି, ଖଡ଼ୁ, କାନରେ ସୁନା ଫୁଲ, ବେକରେ ସୁନା ମାଳ, ଗୋଡ଼ରେ [illegible] ଅଣ୍ଟାରେ ସରୁ ଡାବହାର । ସେତେ ଢଙ୍ଗର ଅଳଂକାର ସେ କେବେ ଦେଖି ନ ଥିଲା । ତା' ଆଖି ଖସି ପଡ଼ିଲା । ମାଁକୁ ଅନେଇ ଦେଇ ରତମାର ଛାତି କୁଣ୍ଢେ ହେଲା । ଜମିଦାର ଜୁଆଁଇ ପାଇ ଗେଲ୍ହୀ ମହା ଆନନ୍ଦ । ହେଲେ ବେଶି ଦିନ ଝିଅ କତିରେ ରହିଲା ନାହିଁ । ସେହିଠା ଦାଣ୍ଡକୁ ଅଶୋଭା ଭାବି କୃଷ୍ଣଚନ୍ଦ୍ର ନିଜେ ତା' ପାଇଁ ଲୋକ ଘର କତିରେ କୋଠା ଦି'ବଖରା କରି ଦେଲେ । ପରମା ଆଉ ସଉଆ ମାଙ୍କୁ ସାଙ୍ଗରେ ଦେଲେ । ବୁଢ଼ୀ ସୁଖରେ ବସି ଖାଇଲା । ତା' ଖୋରଣୀପଣ ତୁଟି ଗଲା । ବାଉଧର ଘର ଏ ଖବର ପାଇଲେ । ଏତେ ଦିନ ଗେଲ୍ହୀକ ପଚାରୁ ନ ଥିଲେ । ଏଥର ତା' ଝିଅ ଜମିଦାରକୁ ବାହା ହୋଇଛି ଶୁଣି ଦଳେ ଦଳେ ଯାଇ ତା' ସଙ୍ଗେ ମିଶିଲେ । ଗେଲ୍ହୀ ମଧ୍ୟ ପୂର୍ବଗତ ଭୁଲିଗଲା ।

ସେତେବେଳକୁ ବାଇଧରର ଉତ୍ତମା ବୋଲି ଷୋଳବରଷର ଭାରି ସୁନ୍ଦରୀ ଝିଅଟିଏ ଥାଏ । ଗେଲ୍‌ହା ଠିକଣା କରି, ଝିଅକୁ ଘଟେଇ ଶେଷକୁ ତାକୁ ହରକ ହାତକୁ ଦ' ହାତ କଲେ । ଗୁରୁ-ଚରଣକୁ ବି ଗୋଟାଏ ବାହା କରି ଦେଲେ । ତା' ଭାରିଯା ନାଁଟି ମଞ୍ଜୁଳା । ଭାରି ସୁନ୍ଦରୀ ବାହାଘର ହେଲା । ଭାରି ଆନନ୍ଦ ହେଲା । ଏକା ଏଇଟା ପୁଣି ତାଙ୍କ ବଂଶର ଶେଷ ବାହାଘର । ବାହାଘରେ କଣ କରିବେ, ବଳେ ବଳେ ବଡ଼ ବୋହୂ ଉମାସୁନ୍ଦରୀକି ଆଣିଲେ । ଉମା ସାନ ସଉତୁଣୀକି ଦେଖି ପକାଇଲା ଭାରି ବିରସ ହେଲା । ପରେ ଉତ୍ତମା ତାକୁ ଆଦର କରି ବଡ଼ ଭଉଣୀପରି ମାନ୍ୟ ଯତ୍ନ-କରି କତରେ ରଖିଲା । ତାରିବି ମତ ଗତ ଫେରିଲା ।

କିଛିଦିନ ପରେ ଉତ୍ତମାର ପୁଅଟିଏ ହେଲା । ବାପ ଆଦର କରି ନାଁ ଦେଲେ ହେମଚନ୍ଦ୍ର । ସୁଖର ସୀମା ରହିଲାନାହିଁ । ଦ' ସଉ-ତୁଣୀ ସ୍ୱାମୀର ମନ ଯହିଁରେ ସୁଖ ହବ ସେଇ କଥା କରି ଚାଲିଲେ । କୃଷ୍ଣ ବି ପାତର ଅନ୍ତର କଲେ ନାହିଁ । ଦୁହିଙ୍କର ପିଲା-ପିଲିରେ ଘର ପୂରିଲା ।

---

## ସାତ କଥା ।

ଆଗରୁ ଶୁଣିଛ କୃଷ୍ଣବାବୁ ବାପ ଯଦୁମଣିଙ୍କର ଦୁଇ ସଂସାରଥିଲା । ସେ ମଲାବେଳେ ବଡ଼ ଭାରିଯା ପୁଅଙ୍କୁ ଜ୍ୟେଷ୍ଠ ଭାଗ, ସାନ ଭାରିଯା ପୁଅକୁ ସାନ ଭାଗ ଦେଇ ଯାଇଥିଲେ । ବଡ଼ ପୁଅ ଶିବ ସବୁ ବୁଝୁ-ଥିଲେ । ଶିବଙ୍କର କାଳ ହୋଇଗଲା । ତାଙ୍କ ବୋହୂ ଯାଇ ବାପ-ଘରେ ଉଠିଲେ । ତାଙ୍କର ପିଲାପିଲି ନଥିଲା । ସେଇ ସକାଶୁ ଶାଶୁ ମୋଟେ ତାଙ୍କୁ ଦେଖିପାରୁ ନଥିଲେ । ନବୀନ ତ ସନ୍ନ୍ୟାସୀ

ହୋଇ କୁଆଡ଼େ ଗଲେ ତା' ଠିକଣାନାହିଁ । ବଡ଼ ଭାଗବତଙ୍କ ଘ' ବାଣ୍ଟ ହୋଇ ଗୋବିନ୍ଦ ଆଉ ଖାଇ ପାଇଲେ । ସାନ୍ ଭାଗ ବାଣ୍ଟ ବଖରା ହେଲା ନାହିଁ । କୃଷ୍ଣ ହେଲେ ଜମିଦାର, ହରି ବଡ଼ ଭାଇଙ୍କି ମାନ ଚଳିଲେ । ତାଙ୍କ କଚେରୀ ହେଲା ଶରଦେଇପୁର । ସେଠି, ଉମା ରତନୀ ଆଉ ଉତ୍ତମା ରହିଲେ, ସୁଖରେ ଘର କଲେ ।

କୃଷ୍ଣବାବୁ ଭାରି ଦେଶଭକ୍ତ । କେମିତି ଆମ ଦେଶର ଭଲ ହେବ ଏଇଠା ତାଙ୍କର ଭାରି ଭାଳେଣି ଥାଏ । ସେ ଆପଣା ରାଇଜର ଭାରି ଉନ୍ନତ କଲେ । ଠା'ଠା'କୁଅ ଖୋଳେଇଲେ, ଠା'ଠା'ପୋଖରୀ ଖୋଳେଇଲେ, ଠା'ଠା'ବାଗ୍‌ବଗିଚା କଲେ, ନୂଆ ନୂଆ ନଡ଼ିଆମାଳ, ଗୁଆମାଳ, ଆମ୍ବତୋଟା ସବୁହେଲା । ତାଙ୍କର ହୁକୁମଥିଲା, ତାଙ୍କ ଇଲାକାର ଧାନ ଚାଉଳ ଅନ୍ୟଆଡ଼େ ଯିବନାହିଁ । ତେବେ ଯଦି ଧାନ ମହଙ୍ଗାହେଲା ଗରିବ ପ୍ରଜାଙ୍କ ଖୋଞ୍ଜଣା ମାଫି କଲେ, କୋଠରୁ ଧାନ ଦେଇ ତାଙ୍କ ପରିବାର ପୋଷିଲେ । ତାଙ୍କ ରାଇଜର ଛତିଶ-ପାଟକ ଜାତି ଏକଠି ମିଳି ମିଶି ରହିଲେ । ହେଲେ ଏକଥା ସବୁ ଏକା ଦିନକରେ ହୋଇ ନଥିଲା । ଅନେକ ଟଙ୍କା ଖରଚ ଅନେକ ପରିଶ୍ରମ ପରେ ହେଲା । ପହିଲି କଣ ହେଲା ଶୁଣ । ସାଆନ୍ତେ ଦେଖିଲେ ପ୍ରଜାଏ ବଡ଼ ମୂର୍ଖ ! ସ୍ୱାଙ୍କୁ ବିଦ୍ୟା ନ ଦେଲେ ତ ସ୍ୱାଙ୍କୁ ଯେତେ ମାଠୁଥିବ ମାଠ୍ ସେହି ଦରପୋଡ଼ା କାଠ୍ ହୋଇ ରହିବେ । ସ୍ୱା ଲାଗି ଆପଣା ଇଲାକାରେ ଗୁହାଳିଗୁଡ଼ିଏ ବସେଇ ଦେଲେ । ଅବଧାନ ସବୁ ରହିଲେ । ସେଠି ଓଡ଼ିଆ ପାଠ, ଅଙ୍କ, ପଞ୍ଜା ପାଇଞ୍ଜି ପଢ଼ିବା ଏଇ ସବୁ ଶିକ୍ଷା ହୁଏ । ଆଉ ଗାଁଯାକ ହୁକୁମ ଦେଲେ ସଭିଏଁ ମାଗଣାରେ ଆପଣା ପିଲାଙ୍କୁ ସେଠି ପାଠ ପଢ଼ିବାକୁ ଛାଡ଼ିବେ । ନୋହିଲେ ଜୋରିମାନା । ଅବଧାନଙ୍କୁ କୋଠରୁ ଦରମା ମିଳିଲା । ଏହିପରି ପନ୍ଦରଟା ଷୋଳଟା ଗୁହାଳୀ ବସିଲା । ପୁଅ ଝିଅ ସେଠି ସଭିଏଁ ଏକାଠି ପଢନ୍ତି । ପଢ଼ା ଖାଲି ଦୁଇ ଘରି ବର୍ଷଯାକ ।

କଲେଜ ଉଠିଲେ କାଗଜ କାହାଁକ ହାଟିଫିକେଟ ନାହିଁ । ବାବୁଙ୍କ ମତରେ ପାଠ ଘୋଷି ପରୀକ୍ଷାରେ ଲେଖି ଦେଇ ଗୋଟାଏ କାଗଜ ପାଇଗଲେ କିନ୍ତୁ ବିଦ୍ଗଜ ପଣ୍ଡିତ ହବନାହିଁ । ପେଟରେ ପାଠ ଥିଲେ ଗଲା । ଓଡ଼ିଆଙ୍କ ଏ ପାଠ ବଡ଼ ଆଦରେଇଲା । କେତେଟା ବରଷ ପରେ ତାଙ୍କ ଗାଁଗାଁରେ ଆଉ କେହି ନିରକ୍ଷର ରହିଲେନାହିଁ । ତାଡ଼ି ଖଟି ସବୁ ଉଠିଗଲା । ଗାଁ ଗାଁ ଭାଗବତ ଘର ବସିଲା । ସେଠି ନିତି ସନ୍ଧ୍ୟା ବାହ୍ମଣ ପୋଥି ବୋଲିଲେ । ଗାଁବାଲା ଆସି ଶୁଣିଲେ । ଆଗ କାଳର ରାମ ଲକ୍ଷ୍ମଣ, ପଞ୍ଚୁପାଣ୍ଡବ ଆଦି କଥା ଶୁଣି ତାଙ୍କ ମନରି ଭଲ ହେଲା । ଭାଗବତ ଶୁଣିବାକୁ ବୁଢ଼ାମାନେ ବି ମେଳ-ହେଲେ । ବାହ୍ମଣଙ୍କୁ କୋଠରୁ ଟଙ୍କା ଆଉ ବରତନ ମିଳିଲା । ସେଥିଠି ପାଞ୍ଚି ପଞ୍ଚୁ ନ୍ୟାୟ ନିଷ୍ଠାଟେକ କଲେ ।

ସେମିତି ପଠାଣସାହିମାନଙ୍କରେ ଗୋଟିଏ ଲେଖା ପଟଣୀ ମୋଖତବ୍ ବସିଲା । ସେଠି ପଠାଣ ପିଲାଏ ମୌଲବି ପାଖରେ ଉର୍ଦ୍ଦୁ ଆରବୀ ପଢ଼ିଲେ । ସେହି ମୌଲବି ପୁଣି ତାଙ୍କୁ କୋରାଣ ପଢ଼ି ଶୁଣାଇଲେ ।

ପ୍ରତି ଗାଁରେ ଗୋଟିଏ ଖେଳ ଆଖଡ଼ା ହେଲା, ସେଠି ନିତିନାଁ ଶନିବାର ରବିବାର ଗାଁ ପିଲାଏ ଖେଳ ଦେଖେଇଲେ । କୁସ୍ତି ନଢ଼ିଲେ । ଜମିଦାର ପ୍ରଜାଙ୍କ ମନ ନବାରୁ ପ୍ରଜାଙ୍କ ପାଞ୍ଚ କାମରେ ତାଙ୍କ ସାହାଯ୍ୟ ହେଲେ । ସାଆନ୍ତେ ଗାଁ ଗାଁରେ ଗୋଟିଏ ସାଧାରଣ ଗୃହ ଖାଡ଼ାକୋଲି ସେ ଗାଁର ପାଞ୍ଚଭଲଲୋକେ ହାତରେ ସମର୍ପି ଦେଲେ । ସେଥିରେ ସେ ଗାଁର ଉନ୍ନତି ସକାଶେ ଯେ ଯାହା ସ୍ୱଚ୍ଛମନରେ ଦେଲା ସେହି ପାଞ୍ଚ ପଇସା ରହିଲା ଗାଁରେ କୂଅ ଖୋଳା ହଉ, ଗରିବ ଦୁଃଖୀ ସକାଶେ ହଉ, ରୋଗ ବଇରାଗ

ସକାଶେ ହଉ ସେଇ ପାଣ୍ଠିରୁ ଖରଚ ହଉଥିଲା । କାହା ଘରେ ନିଆଁ ଲାଗିଗଲା । ତାର ସର୍ବସ୍ୱ ପୋଡ଼ି ଜଳିଗଲା । ସେ ସେହିଥିରୁ ଘର ବନେଇବାକୁ ଟଙ୍କା ସାହାଯ୍ୟ ପାଇଲା । ଗାଁ ଗାଁ ପୁଣି ଅରଟ ଘର ବସିଲା । ଲୋକେ ସେଠି ସୂତାକାଟି ଶିଖିଲେ । ଖାଲି ଏତିକି ନୁହଁ ମାଇପି ଲୋକେ କେମିତି ଭଲ ହେବେ ଏ କଥାରେ ସାଆ-ନ୍ତଙ୍କର ଭାରି ଚିନ୍ତା ଥାଏ । ହିନ୍ଦୁଘରେ ପଠାଣ ଘରେତ ଭାରି ପରଦା ହେଇ ତ ପଦାକୁ ବାହାରି ପାରିବେନାହିଁ । ଦେଶ ଚିନ୍ତା ତାଙ୍କୁ ପୁଣି କିଆଁ ଲାଗିବ ? ହେଲେ ସାଆନ୍ତେ ଗୋଟାଏ ଉପାୟ କଲେ । ଭାବିଲେ, ନାହିଁ ମାମୁରୁ କଣା ମାମୁ ଭଲ । ଦିନେ ରତମାଙ୍କ ପାଖରେ ବସେଇ ମନକଥା କହିଲେ । କହିଲେ ଦେଖ ମୁଁ ସିନା ମରଦ ପୁଅଙ୍କ ସକାଶେ ବାର କଥା କରିବି । ଝିଅଙ୍କ କଥା ତମ ଦିହିଙ୍କି ଲାଗିଲା । ତେମେ ସବୁ ଗାଁ ସ୍ତିରିଙ୍କି ଆପଣା ଉଆସକୁ ଡାକିଙ୍କି ପଠେଇ ସମିଏ୨ ଆଣି ତାଙ୍କ ସାଙ୍ଗେ କଥା ଭାଷା ହୁଅ । ଗ୍ରାମୋଫୋନ୍ ବଜେଇ ତାଙ୍କୁ ଶୁଣାଅ ପୁଣ୍ୟ ପର୍ବଦିନ ବଡ଼ ଘର ବୋହୂ ଝିଅଙ୍କୁ ନିମନ୍ତ୍ରଣ କରି ତାଙ୍କ ସାଙ୍ଗେ ପାଞ୍ଚ କଥା ହୁଅ । ସେହିମାନେ ଭଲହେଲେ ଆମ ଦେଶଟା ଭଲ ହବ ।"

ବାବୁଙ୍କ କଥାରେ ରତମା ମହା ଆନନ୍ଦ ହେଲା । ସେଠୁ ସେ, ଉମା ଆଉ ଉତ୍ତମା ମିଶି ନିତ ସନ୍ଧ୍ୟାରେ ଗାଁ ସ୍ତିରିଙ୍କି ଆଣି ଗ୍ରାମୋ-ଫୋନ୍ ଶୁଣେଇଲେ । ସେଠୁ ବସି ପାଞ୍ଚକଥା ପକେଇଲେ । କଥା ଭିତରେ ତାଙ୍କୁ ନାନାଶିକ୍ଷା ଦେଲେ । ଆପଣା ଦେଶ କେମିତି ଭଲ ହବ, ଲୋକେ ଆପଣା ଦେଶ ଜିନ ବେଭାର କଲେ କଣ ଫଳ-ହବ ଏ ସବୁ କହିଲେ ।

ଦିନେ ମହାପାତ୍ର ଘର ବୋହୂ ଝିଅ ଆସିଥାନ୍ତି ଗ୍ରାମୋଫୋନ୍ ଶୁଣି । ସେମାନେ ଭାରି ବଡ଼ଲୋକ ଜାତିରେ ବ୍ରାହ୍ମଣ । ଆଉ ତାଙ୍କ

ଘର ପୁଅମାନେ ବଡ଼ ଗୃହଳଷଆ । ସେମାନେ କୃଷ୍ଣବାବୁ ଘରକୁ ଚଷାବୋଲି ପଛୁଡ଼େ ଝାପର କରନ୍ତି । ସେଦିନ ତାଙ୍କ ବୋହୂମାନଙ୍କୁ ଦେଖି ଆଗ ଖୁବ ଗୋଡ଼ାଏ ହସିଲେ । ଏ ତାର ସେ ତାର ଆଖି ଠାରଠାରି ହେଲେ । କଥା କଣ ନା ଏମାନେ କେଡ଼େ ଭେସେଡ଼ା ମୋଟାସୋଟା ଖଦଲୁଗା ସବୁ ପିନ୍ଧିଛନ୍ତି । "ତାଙ୍କ ହସ ତାଙ୍କ ଢଙ୍ଗରେ ରତମା ମନେ ମନେ ଦୁଃଖହୋଇ କହିଲା, "ମାଉସୀ କ କଥା ଦେଖି ହସିଲ ? "ମାଉସୀ ହଉଛନ୍ତି ମହାପାତ୍ରଙ୍କ ଘରଣୀ । ସେ କହିଲେ, "ତେମେ ସବୁ ହୋଉ ଅଖା ପିନ୍ଧିଚ, ତାକୁ ଦେଖି ଆମେ ହସିଲୁ । ଯାକୁ କେମିତି ବୋହୁଚ, ଚମ ଛୁଣ୍ଡି ଯାଉଥିବ, ଅଣ୍ଟା କାଟି ହୁଏ ନାହିଁ ?" ରତମା ସରଳ, ସେ କହିଲା, ଆମେ ଜାତି ଚଷା, ଆମ ତିନିଉଦ ପୁରୁଷ ମୋଟ ଖଦ ପିନ୍ଧି ଆସିଛନ୍ତି । ଏ ହେଲା ଆମ ବାର କପାରୁ ଭିଆଣି । ମୁଁ ନିଜେ କାଟିଚି । ଆମେ ଲଜ ଘୋଡ଼େଇବାପାଇଁ ପର ଦୁଆରକୁ ଯିମୁଁ କାହିଁ ?

ମାଉସୀ ବଦ୍ରୁପରେ ହସି ଦେଇ କହିଲେ, "ଏବେ ବୁଝିଲି ତେମେ ସବୁ ନନାଙ୍କ ଅପରହନ ହେଇଚ । ହେଲେ ମୁଣ୍ଡ ବାଡ଼େଇ ଦେଲେ ବି ଆମ ଘ' ହାତରେ ଏ ମୋଟ ଖଦ ଚଳିବ ନାହିଁ । ମାଁ ଲୋ ଦେହ ଲସେଇ ପଡ଼ିବ ।"

ଉମା ଥିରଭାବରେ କହିଲା, "ମୁଁ ବି ଆଗରେ ସେହିକଥା କହୁଥିଲି, ମାଉସୀ ହେଲେ ଆଜିକାଲି ସୁଖରେ ମୋଟା ପିନ୍ଧୁଛି । ବିଲାତି ଲୁଗା ଖଣ୍ଡେ ମୋ, ପେଡ଼ିରେ ପକାଇବ ନାହିଁ ।"

ଉମା ଘର ଖାନଦାନ, ଘର ଝିଅ କଥା ଶୁଣି ମାଉସୀ ଆଉ କିଛି କହିଲେ ନାହିଁ ।

ସେମିତି ସେଦିନ ପଟ୍ଟନାୟକ ଘର ଆସିଥାନ୍ତି । ତାଙ୍କ ବଂଶର ସ୍ତ୍ରୀମାନେ ପରଚର୍ଚ୍ଚା ପରନିନ୍ଦାକୁ ସମ୍ବଳ କରି ବୁଲନ୍ତି । ଯୋଉଠି ବସିଲେ ସେଠି ପରଚର୍ଚ୍ଚା ପରଘରର ପାଞ୍ଚକଥା । ଗଲା ଝିଅରୁ ବୋହୂରୁ, ଶାଶୂ ପର୍ଯ୍ୟନ୍ତେ; କେହି କାହାକୁ ଊଣା ନୁହନ୍ତି । ସେମାନେ ଭାବିଥିଲେ ମ୍ହାଙ୍କ ଘରବି ସେହିପରି ହୋଇଥିବ । କଥାପଦେ ପଟ୍ଟନାୟକ ଭାରିଯା ସୁଲକ୍ଷଣା କହିଲେ ହଇଛଏ ଶୁଣିଚ ତେମେ ସବୁ ହୋପଟି ଜଗମୋହନ ଝିଅ କଥା ! ସେପରା ଗାଢ଼ଗାଢ ଲୁଚ ଶାଶୂ ଘରୁ ପଳେଇ ଆଇଚ ।” ରତ୍ନମା ଉତ୍ତର କଲା, ଆମଚନ୍ଦ୍ରା ଆମକୁ ଗରୁ ପରଘର ଚନ୍ଦ୍ରାରେ ଆମକୁ କସ ମିଳିବ । ମୁଁ ଶୁଣିପାଏ ନାଁ । ସେ ସବୁକଥା ସୁଲକ୍ଷଣା ଟିକେ ଅପ୍ରସ୍ତୁତ ହୋଇ କହିଲେ, “ତମର ସବୁ ବ ଚନ୍ଦ୍ରା ବା ! ଯୋଲାରେ ଖାଇ ମେଲାରେ ଶୋଉଚ । ଅଣ୍ଡିରଙ୍କ ଦେହରେ ବାହାରେ ବୁଲୁଚ, ବାଜଣା ବଜଉଚ, ନାଟ ତାମାସା କରୁଚ ।” ରତ୍ନମା ଏକଥା ଶୁଣି ମନେ ମନେ ବିରକ୍ତ ହେଲା । ହେଲେ ଆପଣାକୁ ସମ୍ଭାଳି ନେଇ କହିଲା” ଯନ ! ଆମେ ଅଣ୍ଡିରଙ୍କ ଦେହରେ ପଦାକୁ ବାହାରକୁ ସତ, ସେଥିରେ ପାଞ୍ଚ ଭଲ କାମ ହଉଚ । ଗରିବଗୁରୁବା ଘରକୁ ଯାଇ ରୋଗୀ ଦୁଃଖିଙ୍କି ଦେଖୁ, ପ୍ରଜାଙ୍କ ହାନିଲାଭ ବୁଝୁ, ହେଲେ ଘରେ ବସି ପରଚର୍ଚ୍ଚା ଆମକୁ ଯୋଗାଏ ନାହିଁ । ପର ପରମେଶ୍ୱର କହନ୍ତି ନେଇଁ ପରନିନ୍ଦା କଲେ ନର୍କେ-ବାସ । କାହାରେ ଭଲ କହିଁବୁ ହିଁ ଶୁଣିଲା ବାଲା ତେଷ୍, କହିଲା ବାଲା ତୋଷ୍ ।” ପଟ୍ଟନାୟକ ଭଉଣୀ କଳାବତୀ ରତ୍ନମା କଥାଶୁଣି ବାଆଁ ରେଇ ହୋଇ କହିଲେ, “ହିଁ ସେ କଥାରୁ କ ଖାଇବ । ଏ ବୋହୂଟା ବଡ ସରଳିଆ, ତା’ ପେଟରେ କଥା ରହେ । ତାର ଜାଗା ଅଜାଗା ନାହିଁ । ଗୁଡ଼ ଗୁଡ ସେ କଥା । ହଇକଏ ହେମତବୋଉ, ତମଘରେ କୁଆଡ଼େ ଆପଣା ହାତରେ ସୁତା କାଟୁଚ ସବୁ । ଏତେ

ସୁତା କିଣିବେର ? ରତନୀ ହସି ହସି କହିଲା ସୁଖିଲାବେଳ କାହିଁ, ତନ୍ତିଙ୍କ ଦେଇ ଲୁଗାବୁଣାଇ ପିନ୍ଧି; ଖଦି ଭଣ୍ଡାରମାନଙ୍କୁ ଆମର ସୁତାଗୁଡ଼ା ଯାଏ ।" ପଟ୍ଟନାୟକ ମାଁ ବୁଢ଼ୀ ନଟେଶ ଦାମଣୀ କହିଲେ, "ହ, ଏଇ ମୋଟ ଲୁଗାରେ ଏକା ଗାନ୍ଧି ମହାତ୍ମା ଦେଶ ଉଦ୍ଧାର କରି ପକେଇବେ । ମୋର ବିଶ୍ୱାସ ନାହିଁ । ଯୋଉଁ ଅଖଦେରେ ହେଇଁଚି, କେମିତି ସମାଳିବ ଆଗ ।"

ଉତ୍ତମା କହିଲା, ଆମର ଅଭ୍ୟାସ ହେଲଣି, ଅଖାହଉ କଥାହଉ ଆମ ଦେଶରେ ଯେତେବେଳେ ସରୁ ଲୁଗା ନାହିଁ । ଆମେ କୋଉଠୁ ଆଣିମୁଁ "ଯେ ଦେଶ ଯାଇ ସେ ଫଳ ଖାଇ ।" ପଟ୍ଟନାୟକ ସାନଝିଅ ଚନ୍ଦ୍ରାବତୀ ଆଶ୍ଚର୍ଯ୍ୟ ହେଇଁ କହିଁଲା, "କିଆଁ ଏଇ ମୁଁ ତ ସରୁଲୁଗା ପିନ୍ଧିଚି, ଦେ କାନରେ ଯାହାକୁ ଯେତେ ।" ଉମା କହିଲା, ସେ କଣ ଆମଦେଶ ଲୁଗା ? ସେତ ଅନ୍ୟ ଦେଶରୁ ଆଉଚି, ଆମ ପେଡ଼ି ପଇସା ଆମେ କିଆଁ ପରଲୁଗା କିଣିମୁଁ ? ରମା କହିଲା-ସେଥିରେ ହେଲାକଣ, ଲୁଗା ତ ପିନ୍ଧିବ, ଆମଦେଶ କଣ ପର ଦେଶକଣ ? ଆମ ଦେଶ ଲୁଗାରେ କଣ ପଇସା ଖର୍ଚ୍ଚ ନୁହିଁ ?

ରତନୀ କହିଲା ଖଦିରେ ତ ବେଶି ଖରଚ । ଖରଚ ସକାଶେ କିଛି କଥାନାହିଁ । ପଇସାଟା ଆମ ଦେଶରୁଯାଇ ପରଦେଶରେ ରହୁଚି, ଆମେ ସବୁ ଦରିଦ୍ର ହଉଚେଁ, ଓଳିଏ ଖାଇବାକୁ ପାଇଲେ ଆଉ ଓଳିକ ଦାନା ନାହିଁ । ଖାଲିକଣ ଲୁଗା, କାଚକୁହ, ସିନ୍ଦୁର କୁହ, ଚିନିକୁହ ଲୁଣକୁହ, ଛୁରୀକୁହ କଇଁଚିକୁହ ନଆଁକାଠି ଆଦିକରି ଆମକୁ ସବୁ ପର ଦୁଆରେ ହାତପତେଇ ଆଣିବାକୁ ହଉଚି । ହାତ ପତେଇଲାଠୁ ହୀନ ଅଛି ? ଆମ ବାବୁଙ୍କର ଏ ସବୁ ଶିକ୍ଷା !

ବୁଢ଼ୀ ଯଶୋଦାମଣି କହିଲେ, "ତମପାଠ ତେମେ ବୁଝ, ହେଉ ଲେ ମାଁ ତେମେ ଏକା ଦେଶ ଉଦ୍ଧାର କରି ସ୍ୱରଗ ଯିବ, ଆମେ ନର୍କରେ ପଡ଼ି ଧାଣ୍ଡି ହମୁଁ ।"

ତାଙ୍କ ପଣ୍ଡିତ କଥା'ଶୁଣି ତାଙ୍କଝିଅ ଗୁଲବଦନୀ କହିଲା, "ବାହା ବାନ୍ଧି ନୁହନ୍ତି, କି ଦିଅ ଦେବତା ନୁହନ୍ତି, ଆମେ କଥାଟା ଭଲ ବୋଲି ମାନମୁଁ ସତ, ହେଲେ ଏଡ଼କ ମୋଟେସ କନ୍ଥା ଦାହରେ ଦେଇ ସମାଳି ପାଇଲେ ତ ହବ । ମୁଁ ତ ଗରମରେ ମୁର୍ଚ୍ଛାଯିବି ମୋ ଦ' ହାତରେ ତା' ଚଳିବ ନାହିଁ । ତା' କଥା ଶୁଣି ଏମାନେ ତୁନି । ଆଉ କହିବେ କଣ ?

ଏମିତ କଣ୍ଟୁଦିନ ଗଲା । ପଠାଣଙ୍କ ଇଦ ପଇଲା । ହେଥର ପଠାଣ ସାହିରେ ସଭିଏଁ ଗୋରୁ କୋରବାଣୀ କରିବାଲାଗି ଠିକଣା କରିଥାନ୍ତି । ହିନ୍ଦୁ ଟୋକାଙ୍କ କାନରେ ଏ କଥା ପଡ଼ିଗଲା । ପଠାଣ ଯେତେବେଳେ ଗାଈ ବେକରେ ଫୁଲମାଳହାରିକା ପକେଇ ମହା-ମଉଛବ କରି କୋରବାଣୀ ଥାନକୁ ଯାଉଛନ୍ତି, ଭେଟିଲେ ତ ତାଙ୍କୁ ଏ ଦଙ୍ଗାକ । ସେଠୁ ଲାଗିଲା ଦ'ପକ୍ଷରି ଭାରି ପିଟାପିଟି । ମାଡ଼ଗୋଳ ତାଙ୍କ,ହୋ ହା ଧୋପାରେ ଦାଣ୍ଡ କମ୍ପି ଯାଉଥାଏ । ମାଇପେ ତରସ୍ତ ହେଇ ଘର କୋଣରେ ଲୁଚିଥାନ୍ତି । ସାଆନ୍ତେ ଗାଁଅରେ ନ ଥାନ୍ତି । ହରି ଆଉ ଗୁରୁଚରଣ ଘଟଣା ଯାଗାକୁ ଗଲେ । ସେତେବେଳକୁ ଲୋକେ ଆଟପଟାଳ । ହୋ ହା ରେ କିଏ କାହା କଥା ଶୁଣୁଚ, କିଏ ଧରିଚି ଠେଙ୍ଗା, କିଏ ଧରିଚି ବାଡ଼ି, କାହା ହାତରେ ଅଛି ଟାଙ୍ଗିଆ । କିଏ ପୁଣି ବଲରୁ ନଙ୍ଗଳ ଫାଳ ଘିନ ଦଉଡ଼ଚ୍ଛି । ପୁଲିଶ ଆସି ଠିଆ ହେଲେଣି । ଧରା ଧରି ଲାଗିଲାଣି ।

ହରି ଆଉ ଗୁରୁଚରଣ ଜୀବନର ମାୟା ନ ରଖି ମଝିରେ ପଶିଲେ । ପାଟି କରି ଡ଼ାକଲେ " ଥିର ହୁଅ, ଥିର ହୁଅ ।

ସାଆନ୍ତ ଘର ଲୋକ ଦେଖି ପ୍ରଜାମାନେ ଟିକେ ଚପି ଗଲେ । ଯହାକୁ ଯେମିତ ବୋଧବାଧ ଦେଇ ବଡ଼ କଷ୍ଟରେ ଦଙ୍ଗା ହେଙ୍ଗାମା ଋଙ୍ଗିଲେ । ସେ ଦିନଟା ଗଲା । ଆର ଦିନ ଆଖଡ଼ା ପଡ଼ିଆରେ ବସିଲା ସଭା । ସାଆନ୍ତ ବି ଏ ଖବର ପାଇ କଟକରୁ ସେଦିନ ରାତି ରାତି ପଳେଇ ଆଇଲେ । ସଭାରେ ସାଆନ୍ତେ ଠିଆ ହୋଇ ହାତଯୋଡ଼ି କହିଲେ, "ଭାଇମାନେ କହା କଥାକୁ ତମେ ସବୁ ଏତେ କାଣ୍ଡଟା କରି ବସିଲ । ଟିକେ ଥିର ଧରି ଭାବ । ଗାଇ ଆମ ହିନ୍ଦୁ ଶାସ୍ତ୍ର ମତରେ ଗୋମାତା ସତ, କିନ୍ତୁ ମଣିଷ ଜୀବନ ସବୁଠୁ ବଡ଼ । ଗୋମାତାଙ୍କୁ ରକ୍ଷା କରିବାକୁ ଯାଇଁ ଯେ ତେମେ ଭଗବାନଙ୍କ ପିଲାଙ୍କୁ, ଦେଶମାତାଙ୍କ ପୁଅଙ୍କୁ ମରାମରି କଟାକଟି କଲ । ଯେଉଁ ଶାସ୍ତ୍ରମତେ ଯେ ଚଳିବେ । ତା ବୋଲି ଧର୍ମ ନାଁରେ କଳିଗୋଳ, ମାଡ଼ ପିଟାପିଟି ମୁଣ୍ଡ ଫଟାଫଟି, କଣ ଭାରି ବାହାଦୂରୀ ?" ତାଙ୍କର କଥା ପଦେ ନ ସରୁଣୁ ସଭା ଭିତରୁ ଜଣେ ଉଗ୍ରମୂର୍ତ୍ତି ହିନ୍ଦୁ ଲୋକ ବାହାରପଡ଼ି କହିଲା, " କଅଁ, ଗୋବଧଠୁ ବଳି ପାପ ନାହିଁ । ପଠାଣ ଗୋରୁ ମାରିବେ ଆମେ ଅନେଇ ଦେଖୁଥିବୁଁ । ତା କଥା ଶୁଣି ପଠାଣ ପଞ୍ଚାଏ ଉଠି ଠିଆ ହୋଇଗଲେ । ସଭା ଥଳରେ ଯୁଦ୍ଧ ଲାଗିଯିବ ଦଶା । ମାତ୍ର ଭାବ ପୁଣି ସାଆନ୍ତେ ବଡ଼ ପାଟିରେ କହିଲେ, ଭଗବାନ ନାମରେ ଥିରହୁଅ ଥିରହୁଅ । ଗୋବଧ ହିନ୍ଦୁଧର୍ମମତରେ ଭାରି କିନ୍ତୁ ହିଂସା ସହସ୍ର ଗୋବଧଠୁ ବଳି । ତେମେ ମଣିଷ ମଣିଷ ହିଂସାହିଂସି ହୋଇ ଭଗବାନଙ୍କ ଦଇଜକୁ ଲହୁ ଢକଢ଼େରେ ବୁଡ଼ାଅ ନାହିଁ, ମୁଁ ହାତଯୋଡ଼ି କହୁଚି, ଭଲରେ ଭାବି ଦେଖ, ହିନ୍ଦୁ କିଏ ମୁସଲମାନ କିଏ, ଏକା ମାଆଙ୍କର ଦୋଟି ପୁଅ । ଜଣକ କଷ୍ଟରେ ଆର ଜଣଙ୍କର କଷ୍ଟ । ଦିଗୋଡ଼ରୁ ଗୋଟାଏ ଛୋଟା ହେଲେ ଆଉ ଚାଲି ହବ ତ ? ଦି'ଆଖିରୁ ଗୋଟାଏ କଣା ହେଲେ

କେତେ କଷ୍ଟ । ଅଂଗ ପଛ ଛବ ଦେଖ ! ଆମ ଦେଶ ତମର କଳୁଆ ଦଙ୍ଗାରେ ଛାରଖାର ହେଲା । ସଇଜରୁ ଧରମ ପଳେଇଲା । ଖଇ ଖଇ ଏକା ନାହିଁ ଦ'ଖଣ୍ଡ ଏପର କଳକଜୁଆ କର ଗୋରାଙ୍କ ଆଗରେ ଆପଣା ଶ୍ରେଷ୍ଠପଣିଆ ଦେଖେଇଲଣି । ଦଉଡ଼ଠା ଛୁଣ୍ଡେଇବା ଶକତ କଥା, ସୁତା କେସକ ଫୁଟୁକନା ଛୁଣ୍ଡି ଯିବ । ଏ ସବୁ ଖବର ତନ୍ତ୍ରର, ତେବେ ଯାଇଁ ଦେଶର ମଙ୍ଗଳ ହବ । ହିନ୍ଦୁ କଣ ଛେଳି ମଇଁଷି ବଳୀ ଦଉନାହାନ୍ତି ? ଧରମ ସକାଶେ ଆପଣା ଘଇର ତୁଠ ସହିବ । କଣ ତମ ପକ୍ଷରେ ଭଲ ନୁହଁ କି ? ଖାଇବା ସକାଶେ ଗୋରୁ ହାଣିଲେ ମହାପାପ ! ମୁଁ ସେହିଠାରେ ହିଁ ଭରବ ନାହିଁ । କାହିଁକି ନା ଆମେ ତା ଦୁଧ ଖାଉଚୁ । ଦୁଧ ପର ବଳିଷ୍ଠ ଚିଜ କଣ ଅଛି ? ଘିଅ ପର ଶ୍ରେଷ୍ଠ ଜିନସ ଆଉ କଣ ଅଛି ? ଆମ ପିଲାଏ ପିଲାଦିନୁ ଘିଅ ଦୁଧ ଖାଇ ତାଜା ହେବେ । ଗୋରୁ ମାରିଲେ ଘିଅ ଦୁଧ ପାଇବୁ କୋଉଠୁ ? ହେଲେ ଧରମ କଥାଟା ଧନକ ସକାଶେ ତମକୁ ଭଗବାନଙ୍କ ମୁହଁ ଗୃହିଁ ଦେଶର ହିତ ଚିନ୍ତା ସହ୍ୟ କରିବାକୁ ପଡ଼ିବ । ନୋହିଲେ ଗୋଟାଏ ଗୋରୁ ବଦଳି ଗୁରିଟା ମଣିଷ ପ୍ରାଣ ଯିବ । ଜାତ ଜାତ ଭିତରେ, ଘଇ ଘଇ ଭିତରେ ହିଁ ହାହିଁସି ରେଷାରେଷି ଲାଗି ଦେଶ ଉଚ୍ଛନ୍ନ ଯିବ । ଏଇଟା କଣ ଭଲ ?

ସେ ଦିନ ସଭା ସରୁ ୨ ରାତି ୯ଟା ହେଲା । ସାଥନ୍ତ ବଡ଼ ଥକାସି ହୋଇ ଘରକୁ ଗଲେ । ଘରେ ତାଙ୍କୁ ଦେଖା ବନ୍ଧୁ ୨ ଗୋଡ ଟିପୁ ଟିପୁ ରତନୀ ଆଉ ଉମା ସବୁ ହାଲ ପଚାରିଲେ । ସାଥନ୍ତ ତାଙ୍କୁ ଗୋଟି ୨ କରି ସବୁ କହିଲେ । ଶୁଣି ସେମାନେ ଭାରି ଦୁଃଖ କଲେ ।

ଉମା କହିଲା "ମଲା, ଏମାନେ ମଣିଷ ମାରି ଧରମ ଅରଜୁଛନ୍ତି । ସାଆନ୍ତେ କହିଲେ ଦେଖୁଛ ତ ହାଲ । ବୁଢ଼େଇ ୨ ଥକିଲଣି । ବୁଝିଲେ କି ନାହିଁ କିଏ ଜାଣେ ?

ହେଲେ ସେଦିନଠୁ ଆଉ ସେ ଅଞ୍ଚଳରେ ହିନ୍ଦୁ ମୁସଲମାନ ଦଙ୍ଗା ହଙ୍ଗାମା କଥା ଶୁଣା ନାହିଁ । ବେଶ ମିଳିମିଶି ଚଳି ଲାଗିଲେ । ଆର ବର୍ଷ ଇଦ ବେଳେ ଯେତେବେଳେ ମୁସଲମାନ ଛେଳି ଘେନ କୋରବାଣୀ କଲେ ହିନ୍ଦୁମାନେ ମିଶି ତାଙ୍କୁ ଧନ୍ୟ ୨ କହିଲେ । ସାଆନ୍ତେ ଗୋଟିଏ ସଭା କରି ତାଙ୍କୁ ଖୁବ ପ୍ରଶଂସା କଲେ ।

ସାଆନ୍ତଙ୍କ ସବୁ ହେଇ ତିନିପୁଅ ଚାରି ଝିଅ ହେଲେ । ରତ୍ନମାର ଦି' ପୁଅ ଦି' ଝିଅ । ବଡ଼ ନାଁ ହେମଚନ୍ଦ୍ର, ସାନ ନାଁ ପ୍ରେମଚନ୍ଦ୍ର । ଉମା ପୁଅ ନାଁ ସୁଧୀରଚନ୍ଦ୍ର । ଉତ୍ତମାର ଏକାକେ ଚାରିପୁଅ ଆଉ ଝିଅଟି । ତା' ପୁଅଙ୍କ ନାଁ ହେଲା ବସନ୍ତ, ଶରତ, ହେମନ୍ତ, ଶିଶିର, ଆଉ ଝିଅମାନଙ୍କ ନାଁ ଦେଲେ ଉତ୍ତମା. ଝିଅ ନାଁ ପ୍ରିୟତମା, ଉମା ଝିଅ ନାଁ ସୁଷମା, ରତ୍ନମା ଝିଅ ନାଁ ଶ୍ୟାମା, ସରମା ! ଏତେଗୁଡ଼ିଏ ପିଲାଙ୍କୁ ମାଁମାନେ ଖୁବ ଯାବଡ଼ାରେ ରଖିଥିଲେ ।

ମାଁ ମାନେ ଦି'ଅକ୍ଷର ଜାଣନ୍ତି । ପିଲାଙ୍କୁ ଧରି ପିଲାଟିଦିନୁ ବିଦ୍ୟା ପଢ଼ାଇଲେ, ଖେଳ ଶିଖେଇଲେ, ଧର୍ମ କଥା କହିଲେ । ଗାଆଣା ବାଜଣା ଶିଖେଇଲେ । ଜମିଦାର ଘର ପିଲା ହେଲେ ମଧ୍ୟ ମୋଟ ଖିଆ ମୋଟ ପିନ୍ଧାରେ ତାଙ୍କୁ ପିଲାଟି ଦିନୁ ଚଳେଇଲେ ।

ଦିନେ ବ୍ରଜବନ୍ଧୁ ମାଁହରକା ବୁଲି ଆସିଥିଲେ । ପିଲାଏ ଗୁହାନୀରୁ ଆସି ଖାଇ ବସିଲେ । ତାଙ୍କୁ ଦିଆଗଲା ପଖାଳଭାତ, ଆଳୁ ବାଇଗଣ ଭରତା । ତାଙ୍କ ଖିଆ ଦେଖି ବ୍ରଜମା ଚମକି ପଡ଼ି ଉମାକୁ

କହିଲେ, ଏ ଦେଖ ତମ ପିଲାଏ ବେଶ ସୁଧୀର । ସ୍ତ୍ରୀ ଧର ଯେ ଖାଇ ପିନ୍ଧୁଛନ୍ତି, ଆମ ପିଲାଙ୍କୁ ତ ଖଜା ରସଗୋଲା ଦେଲେ ବି ଅରୁଚି । ଭଉମା ଜଭ କାମୁଡ଼ି କହିଲା, "ନାନ ତମେ ପିଲାଙ୍କୁ ବଜାର ଜଳଖିଆ ଖୁଆଅ !

ବ୍ରଜମାଁ ହସି ହସି କହିଲେ, "ମଲା କଣ ହେଲା, ଗାଁର ଲୋକ ଖାଉଛନ୍ତି, ଆମର କଏ ଏତେ କଏ ବାଟିବ ଘଷିବ ପିଠା ପଣା କରିବ ? ଉମା କହିଲା, " ଆଚ୍ଛା ତମର ବି କାମଟି ! ନଣନ୍ଦ ତାସ ପଶାପାଲି ଖେଳୁଚ, ଆଉ ପିଲାଙ୍କୁ ବଜାର ଜଳଖିଆ ଖୁଆଉଛ । ଏଥିରେ ଦେହ ଭଲ ରହେତ ? ବ୍ରଜ ମା ଗର୍ବରେ ଫୁଲି କହିଲା, "ଆମ ଘରେ କେତେ ବଇଦ, କେତେ ଡାକତର । ଆମ ବାବୁ ପିଲାଙ୍କ ଦେହ ଟିକେ ଇସ୍ କଲା ହେଲେ ବଡ଼ ଡାକତରଙ୍କୁ ଘେନି-ଯିବେ । ଆମ ପିଲାଏ ବଡ଼ ସୁକୁମାରିଆ । ରତନୀ କହିଲା,"ପିଲାଟି ଦିନୁ ସୁକୁମାରିଆ କରୁଚ, ବଡ ହେଲାକୁ କୋଉ କାମର ଯୋଗ୍ୟ ହେବେ ନାହିଁ ।" ତାଳେ ପାଣି ତ କାଢ଼ି ପାରିବେ ନାହିଁ ।

ବ୍ରଜ ମା ବାହାଦୁରୀ ଦେଖେଇ କହିଲା, "ମଲା, ବାବୁଘର ପିଲାଏ ପାଣି କଆଁ କାଢ଼ିବେ, କାଠ କଆଁ ହାଣିବେ । ସେ କଣ ଆଉ ହଳ କରିବେ ନା ନଙ୍ଗଳ ଧରିବେ । ତାଙ୍କ ଗୋଡ଼ହାତକୁ କେତେ ଗୃହକର । ବାପ ଯେତେ ହେଲେ ହପୋଟି ! ନାଁ ଗାଁ ତ ପଡ଼ିଛି ।"

ତାଙ୍କ କଥାରେ ଉମା ଭଉମା ଭରସି କିଛି ଉତ୍ତର ଦେଲେ ନାହିଁ । ହେଲେ ରତନୀ ଛାଡ଼ିଲା ନୁହେଁ, ସେ କହିଲା, "ଅଳସୁଆ ହୋଇ ମେଜ ଚଉକିରେ ହାତ ଗୋଡ଼ ଯୋଡ଼ି ବସିଲେ ମଣିଷ ମଣିଷ ହୁଏ ନାହିଁ ।" ଏଥର ବ୍ରଜ ମା ରାଗ କହିଲା, "ଆମେ ତ

ବାହ୍ମୁଣ, ତଷା ନୋକ୍ତ ଯେ ପଖାଳ କଂସାଏ ଖାଇ ବାଲକୁ ଯିବୁଁ ।

ରତମୀ କହିଲା, "ସତ କଥା, ଯାହାର ନାହିଁ ଗୃହ, ତାହାର ନାହିଁ ବାସ । ହାତେ ଅରଜିବୁଁ ହାତେ ଖାଇବୁଁ । ଗୋଡହାତ ବାନ୍ଧି କାଠ ମୁଣ୍ଡିଆପର ବସିବାଟା ମଣିଷଙ୍କୁ ଅଶୋଭା । ସେଥିରେ ମଣିଷପଣିଆ ନଷ୍ଟ ହୁଏ ।

ବ୍ରଜମା ଆଉପାଟି ପିଟେଇଲେ ନାହିଁ । ରତମୀହରକା ତାଙ୍କୁ ଭରସ ଦେଖି କହିଲେ ଆସ କାନ୍ନ ଗ୍ରାମୋଫୋନ ଶୁଣିବା ତାଙ୍କସାଙ୍ଗେ ମୁଁ ବି ଟିକେ ଶୁଣି ଅଇଲି । ଗ୍ରାମୋଫୋନ ଗାଇଲା ।

ଉଠ ଉଠ ହେ ତରୁଣ କୋଟି
ଏକମନେ ଏକ ପରାଣେ,
ଏକା ମାଁ ଆର କୁମର ସଭଏଁ
ରହିଥାଉ ସଦା ଧିଆନେ ।
ଲାଗୁ ହେ ତୁମକୁ ତୁମ ଦେଶଚନ୍ଦ୍ରା,
ଛୁଟି କଲା ଗୋଳ ଅନଷ୍ଟ ଅହନ୍ତା
ସ୍ୱରଗ ହୁଅନ୍ତା ଏ ଭାରତଭୂଇଁ
ମିଶିଲେ ତୋହର ସନ୍ତାନେ । ୧ ।
ଏକା ଆମ ରକ୍ତ, ଏକାଆମ ସ୍ୱାର୍ଥ
ମିଛ ହିଂସା ଦ୍ୱେଷ କରୁଛୁ ବ୍ୟର୍ଥ,
ଭୁଲି ନିଜ ସ୍ୱାର୍ଥ ଲୋଡ ହେ ପରାର୍ଥ
ମିଶ ହେ ଭାରତ ସାନ୍ତନେ ।

ହିମାଳୟ ଠାରୁ କୁମାରିକା ଯାଏ
ଉଡ଼ୁ ଦେଶେ ଦେଶେ ପତାକା ପରାଏ,
ଭାରତର ଜୟ ଜନନୀର ଜୟ
ଜୟରଖି ଶ୍ରୀ ଭଗବାନେ ।

---

ମୁଁ ଗୀତଶୁଣି ଘରକୁ ଆଇଲି । ମନରେ ହେଲାଏଇ ନଅରୁଣ୍ଡୀ କଜଆଖୋରଣୀ ରତନା । ନାଁ ଓଡ଼ିଆ କୁଳରତନ ଗୁଣସାଗର । ମୋ କଥାକି ସରିଲା ଫୁଲ ଗଛଟି ମଲା । ହାଇଲେ ଫୁଲ ଗଛ ତୁ କିଆଁ ମଲୁ ? ତେତେ ଏତେ ଯତନ କରି ପାଣିଦେଇ ବଢ଼େଇଥିଲି । ଫୁଲଗଛ କହିଲା ମୋ ଦୋଷ କଣ, ମେତେପରା କାଳିଗାଈ ଖାଇଲା । ହାଇଲେ କାଳୀ ଗାଈ ତୋତେ ପାଳଗଦା କି ଅଣ୍ଟିଲା ନାହିଁ, କୁଣ୍ଡା ତୋରାଣୀ ଅଣ୍ଟିଲା ନାହିଁ । ତୁ ଗଲୁ ମୋର ଏଡ଼େ ଖରଧାର ଫୁଲଗଛ ଖାଇଲୁ । କାଳୀ ଗାଈ କହିଲା, ସାଆନ୍ତାଣୀ ମୋ ଦୋଷ କଣ । ମେତେ ପରା ମାଧିଆ ଗଉଡ଼ ଜଗିଲା ନାହିଁ । ହାଇରେ ଗଉଡ଼-ଟୋକାତୁ କିଆଁ ଜଗିଲୁ ନାହିଁ । ଗଉଡ଼ ଟୋକା କହିଲା, ମୋତେ ପରା ରତନା ସାଆନ୍ତାଣୀ ପଖାଳ ଭାତ କଁସାକ ଦେଲେ ନାହିଁ । ହାଇ ଲୋ ରତନା ! ତୋର ଏଡ଼େ ଗୁମର । ସାଆନ୍ତ ଘରକୁ ଆସି ସାଆନ୍ତାଣୀ ହେଲୁ ଖଟ ପଲଙ୍କରେ ବସିଲୁ । ରତନା କହିଲା, ମୋ ଦୋଷ କଣ, ମୋ ପିଲା ପ୍ରେମା ପରା କାନ୍ଦିଲା । ହାଇରେ ପ୍ରେମା ତୁ କିଆଁ କାନ୍ଦିଲୁ । ପ୍ରେମା କହିଲା, ମୋ ଦୋଷ କଣ ମୋତେ ପରା ଧୂଳିଆ ଜନ୍ତା କାମୋଡିଲା । ହାଇରେ ଧୂଳିଆ ଜନ୍ତା ତୁ କିଆଁ ଆମ ପ୍ରେମା ବାବୁଙ୍କୁ କାମୋଡ଼ିଲୁ । ଧୂଳିଆ ଜନ୍ତା

କହିଲା, ମୋତେ କ ସାମାନ୍ୟ ବୁଝିଛି । ମୁଁ ଧୂଳିରେ ଥାଏଁ, କଅଁଳ ମାଉଁଶ ଟିକିଏ ପାଇଲେ ଭୁଟୁ କିନାଁ କାମୋଡ଼ ଦଏ । ମେତେ କଣ ଜଣା ସମଜାଚ । ମୁଁ ପଖି ସଂସାର ଠାକୁର ନାଁ ନେଇଛି । ବସ୍ତୁ ଗୁପୁତ । ଧୂଳରେ ମୋ ଦେହ ଘୋରପୋର ହେଉଁ କଅଁଳ ମାଉଁଶ ଟିକିଏ ପାଇଲେ ଭୁଟୁକିନା କାମୋଡ଼ ଦିଏଁ । ହାଇରେ ଧୂଳିଆ ଜନ୍ମା ବସ୍ତୁ ଗୁପୁତ ତେତେ ମୋର କୋଟି ଦଣ୍ଡବତ ।




Printed by B. S. Das, Mukur Press, Cuttack, 1925.

## ଶ୍ରୀମତୀ କୁନ୍ତଳା କୁମାରୀ ସାବତଙ୍କ ପ୍ରଣୀତ ପୁସ୍ତକାବଳୀ

# ଅଞ୍ଜଳି

ଭକ୍ତର ପବିତ୍ର ତପୋବନ !
ଭାବର ସ୍ୱଚ୍ଛ ମନ୍ଦାକିନୀ-ଧାରା !!
କଳ୍ପନାର ମନୋହର ନିକୁଞ୍ଜ !!!

ମୂଲ୍ୟ ଟ ୧।

# କାଳୀ-ବୋହୂ

ନବ ଜାଗରଣର ଦୁନ୍ଦୁଭି !
ନବ ସମାଜର ନବନ୍ୟାସ !!
ଆଦର୍ଶ ଚରିତ୍ର ଚିତ୍ରିତ !!!

ମୂଲ୍ୟ ଟ ୦।/

# ଭ୍ରାନ୍ତି

ଏକ ନିଶ୍ୱାସରେ ପଢ଼ିବା ବହି !
ହିନ୍ଦୁ ପରିବାରର ଜ୍ୱଳନ୍ତ ଚିତ୍ର !!
ଉପନ୍ୟାସ-ରାଜ୍ୟର କୋହିନୂର !!!

ମୂଲ୍ୟ ଟ ୦।୵

# ଉଚ୍ଛ୍ୱାସ

କବିତାର ମଧୁର ଉଚ୍ଛ୍ୱାସ !
ଦିବ୍ୟ-ସାହିତ୍ୟର ମୁକୁଟମଣି !!
ଭାଷାଶିଳ୍ପର କୋଣାର୍କ !!!

ମୂଲ୍ୟ ଟ ୦।/

# ପରଶ-ମଣି

ସଚିତ୍ର ଅଭିନବ ଗାର୍ହସ୍ଥ୍ୟ ଉପନ୍ୟାସ

ମୂଲ୍ୟ ଟ ୦।/

ପ୍ରାପ୍ତିସ୍ଥାନ :—
ମୁକୁର ପୁସ୍ତକାଳୟ, କଟକ
ଓ
କଟକର ପ୍ରସିଦ୍ଧ ଦୋକାନମାନ ।